ଆଜି - ସୋମବାର
ତାରିଖ - ୩୧ ଅଗଷ୍ଟ ୨୦୨୬
ମାସ - ସିଂହ, ଦିନ - ୧୫
ତିଥି - ତୃତୀୟା, ପକ୍ଷ- କୃଷ୍ଣ
ନକ୍ଷତ୍ର - ରେବତୀ, ମୀନ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୩୪: ୦୦
ସୂର୍ଯ୍ୟାସ୍ତ - ୬ : ୪୯ : ୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

E-mail: ajikalibls@gmail.com

E-News : www.Ajikali epaper.com


"ଯେଉଁ ଦିନ ତୁମେ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ନଥାଅ, ସେଦିନ ନିଶ୍ଚିତ ହୋଇଯିବା ଉଚିତ ଯେ ତୁମେ କୌଣସି ଭୁଲ୍ ବାଟରେ ଯାଉଛ ।"
- ସ୍ୱାମୀ ବିବେକାନନ୍ଦ


Vol.- 41 ISSUE- 138 R.N.I. REGD. No. 44026/86 ବାଲେଶ୍ୱର ୩୧ ଅଗଷ୍ଟ ୨୦୨୬ ସୋମବାର BALASORE 31 AUGUST 2026 MONDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦


## ପ୍ରଧାନମନ୍ତ୍ରୀଙ୍କ ୧୩୭ତମ ଅଧ୍ୟାୟର ରେଡ଼ିଓ ଅଭିଭାଷଣ ମନ୍ କୀ ବାତ୍

## ଡେବ୍ରିଗଡ଼ର ଆଦିବାସୀ ମହିଳା ମୈଥିଳୀ ଭୁଏଁଙ୍କୁ ପ୍ରଶଂସା କଲେ

ନୂଆଦିଲ୍ଲୀ : ମୋର ପ୍ରିୟ ଦେଶବାସୀଗଣ, ନମସ୍କାର । 'ମନ୍ କୀ ବାତ୍'ର ଏହି ନୂତନ ଅଧ୍ୟାୟରେ ମୁଁ ଆପଣ ସମସ୍ତଙ୍କୁ ପୁଣି ଥରେ ସ୍ୱାଗତ କରୁଛି । ଆପଣମାନେ ଜାଣିଛନ୍ତି ଯେ, ଏହା ଏଭଳି ଗୋଟିଏ ମଂଚ, ଯେଉଁଠି ଆମେ ନୂଆ ନୂଆ ପ୍ରଚେଷ୍ଟା ଉପରେ ଆଲୋକପାତ କରିଥାଉ । ଦେଶବାସୀଙ୍କ ଅଭିନବ ଉପାୟ ଉପରେ ଆଲୋଚନା କରିଥାଉ । ଏଗୁଡ଼ିକ ମଧ୍ୟରୁ ଅନେକ ଉପାୟ ଏଭଳି ହୋଇଥାଏ, ଯାହା ପଛରେ ଲୋକେ ନିଜ ଜୀବନର ସମସ୍ତ ଶକ୍ତି ବିନିଯୋଗ କରିଦେଇଥାଆନ୍ତି । ବନ୍ଧୁଗଣ, କିଛିଦିନ ପୂର୍ବେ ସାମାଜିକ ଗଣମାଧ୍ୟମରେ କେହି ଜଣେ ଲେଖିଥିଲେ, "ଆଷାଢ଼ ଏକାଦଶୀର ପବିତ୍ର ଅବସରରେ ମୋତେ ଏହା ଜଣାଇବାରେ ବହୁତ ଖୁସି ଲାଗୁଛି ଯେ ଇତିହାସକୁ ରୁଚିକର କରିବା ଲାଗି ନିଜ ପ୍ରଚେଷ୍ଟାର ମୁଁ ଶୁଭାରମ୍ଭ କରିବାକୁ ଯାଉଛି ।" ଆଗକୁ ସେ ଲେଖିଥିଲେ ଯେ, ଏହି ଚିନ୍ତାଧାରାଟି ଖୁବ ସହଜ । ଆପଣ ଏହି ୱେବସାଇଟକୁ ଯାଆନ୍ତୁ ଏବଂ ଯେକୌଣସି ବର୍ଷକୁ ଚୟନ କରନ୍ତୁ । ସେଠାରେ ଆପଣ ଜାଣିପାରିବେ ଯେ, ସେହି କାଳରେ ଭାରତର



କେଉଁ ଅଂଚଳ କାହାର ଶାସନାଧୀନ ଥିଲା । ମୋତେ ମଧ ଏହା ବହୁତ ଚିତାକର୍ଷକ ଲାଗିଲା । ଏହା ସମ୍ପର୍କରେ ଅଧିକ ଜାଣିବା ପାଇଁ ମୋର ଆଗ୍ରହ ହେଲା । ମୁଁ ଜାଣିପାରିଲି ଯେ, ଏହି କାର୍ଯ୍ୟ ମୁମ୍ବାଇରେ ରହୁଥିବା ଶ୍ରୀଯୁକ୍ତ କୃଷ୍ଣ ଶେଷାଦ୍ରୀ ମହୋଦୟ କରିଛନ୍ତି । ମଜା କଥା ହେଲା ଯେ, କୃଷ୍ଣ ଜୀ ଏହି ୱେବସାଇଟର ନାଁ ମଧ ଖୁବ ସହଜ ରଖିଛନ୍ତି । www.bharatrajya.com. ତାଙ୍କର ଏହି ପ୍ରଚେଷ୍ଟା ସମ୍ପର୍କରେ ସୂଚନା ଆପଣମାନଙ୍କ ନିକଟକୁ ମଧ ପହଂଚିବା ଆବଶ୍ୟକ । ତେଣୁ, ମୁଁ ଚିନ୍ତା କଲି, ଏ ବିଷୟରେ କୃଷ୍ଣଜୀଙ୍କ ସହିତ ସିଧାସଳଖ କାହିଁକି କଥା ନ ହେବା । ବନ୍ଧୁଗଣ, କୃଷ୍ଣଜୀ ଆମ ସହିତ ଫୋନରେ ଯୋଡ଼ି ହେଉଛନ୍ତି । ପ୍ରଧାନମନ୍ତ୍ରୀ: ଭାଇ, ମୁଁ ଜାଣିବାକୁ ପାଇଲି ଯେ, ନା ଆପଣ ବୈଷୟିକ ଜ୍ଞାନକୌଶଳ ଦୁନିଆର ଲୋକ, ନା ଇତିହାସ ଶିକ୍ଷକ, ତଥାପି ଆପଣ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ କରି ଇତିହାସ ଉପରେ ଆଧାରିତ ଗୋଟିଏ ୱେବସାଇଟ୍ ତିଆରି କରିଦେଇଛନ୍ତି । ତେଣୁ ଏହା କେମିତି କଲେ ସେ ସବୁ ବିଷୟରେ ଜାଣିବା ପାଇଁ ମୁଁ ବହୁତ ଉତ୍କଣ୍ଠିତ । କୃଷ୍ଣ ଶେଷାଦ୍ରୀ: ଧନ୍ୟବାଦ ସାର, ଆପଣଙ୍କ ସହିତ କଥା ହେବା ମୋର ବହୁତ ବଡ଼ ସୌଭାଗ୍ୟ । ସାର, ଯଦି ମୁଁ ମୋ ବିଷୟରେ କିଛି କହେ, ତେବେ ମୁଁ ଜଣେ ଇଞ୍ଜିନିୟର ଥିଲି, ପରେ ମୁଁ ଏମବିଏ କଲି, ତା'ପରେ ମୁଁ ମାର୍କେଟିଂ କ୍ଷେତ୍ରକୁ ଚାଲିଗଲି କିନ୍ତୁ ଏସବୁ କରିବା ସତ୍ତ୍ୱେ ପିଲାଦିନୁ ମୋର ଇତିହାସରେ ଗଭୀର ରୁଚି ଥିଲା । ତେଣୁ ଇତିହାସ ଉପରେ କିଛି କରିବା ପାଇଁ, ଏହାକୁ ରୁଚିକର କରିବା ପାଇଁ ସବୁବେଳେ ମୋ ମନରେ ଆଗ୍ରହ ରହୁଥିଲା । ମୁଁ ଏହା ମଧ ଅନୁଭବ କରୁଥିଲି ଯେ ଆମେ ଯେଉଁଭଳି ଭାବରେ ଇତିହାସର ଶିକ୍ଷା ଦେଉଛୁ ସେଥିରେ ଆମେ ବହୁତ କିଛି ସୁଧାର କରିପାରିବା । ବହୁତ କିଛି ପରିବର୍ତ୍ତନ କରିପାରିବା । ଇତିହାସକୁ କାହାଣୀ ଆକାରରେ ଲୋକଙ୍କ ନିକଟକୁ ପହଂଚାଇପାରିବା । ପ୍ରଧାନମନ୍ତ୍ରୀ:କୃଷ୍ଣ ଜୀ, ଭାରତୀୟ ଇତିହାସର ଏଭଳି କେଉଁ ଦିଗ ରହିଛି ଯେଉଁ ବିଷୟରେ ଅଧିକରୁ ଅଧିକ ଲୋକେ ଜାଣିବା ଦରକାର ବୋଲି ଆପଣ ଅନୁଭବ କଲେ ।

## ଭୁବନେଶ୍ୱରରେ ଆୟୋଜିତ ମନ୍ କି ବାତ୍ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ

### ଓଡ଼ିଶା ଓ ଓଡ଼ିଶାବାସୀଙ୍କ ସଫଳତା ଉପରେ ପ୍ରଧାନମନ୍ତ୍ରୀଙ୍କ ସ୍ପଟ୍ ଲାଇଟ୍ ସମସ୍ତଙ୍କୁ ରାଷ୍ଟ୍ର ନିର୍ମାଣ ପାଇଁ ପ୍ରୋତ୍ସାହିତ କରୁଛି

ଭୁବନେଶ୍ୱର : ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ୧୩୭ ତମ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଆଜି ଭୁବନେଶ୍ୱରର ନୟାପଲ୍ଲୀସ୍ଥିତ ଶ୍ରୀ ବାଲୁଙ୍କେଶ୍ୱର ମହାଦେବ ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ମାର୍ଗ ଦର୍ଶନକୁ ଦେଶବାସୀଙ୍କ ପାଇଁ ପ୍ରେରଣାର ଅସରନ୍ତି ଉତ୍ସ ଭାବେ କହିଛନ୍ତି । ମନ୍ କି ବାତ୍ କାର୍ଯ୍ୟକ୍ରମ ଦେଖିବା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମରେ ଓଡ଼ିଶାକୁ ଯଥେଷ୍ଟ ଗୁରୁତ୍ୱ ମିଳିଛି । ଓଡ଼ିଶାର ଇତିହାସ, ପ୍ରାକୃତିକ ପରିବେଶ, କଳା ଓ ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନ ଆଣିବାରେ ଓଡ଼ିଆ ଲୋକଙ୍କ ଉଦ୍ୟମକୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ସମ୍ମୁଖକୁ ଆଣିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଏହି ସ୍ପଟ୍ ଲାଇଟ ସେମାନଙ୍କୁ ରାଷ୍ଟ୍ର ନିର୍ମାଣ ପାଇଁ ପ୍ରୋତ୍ସାହିତ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ୍ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ଆଜିର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଓଡ଼ିଶାର ଐତିହ୍ୟ ଓ ଜନଶକ୍ତିର ଉଲ୍ଲେଖ ଦେଖିବାକୁ ମିଳିଛି । ଆଜିର ମନ୍ କି ବାତ୍ ରେ ମୁମ୍ବାଇର କୃଷ୍ଣା ଶେଷାଦ୍ରି ପ୍ରଧାନମନ୍ତ୍ରୀଙ୍କ ପ୍ରଶ୍ନର ଉତର ଦେଇ ଓଡ଼ିଶାର ପ୍ରସିଦ୍ଧ ଭୌମକର ବଂଶର




ରାଣୀ ତ୍ରିଭୁବନ ମହାଦେବୀଙ୍କ ପରି ଐତିହାସିକ ଚରିତ୍ର ସହ କଥା ହେବାର ଇଚ୍ଛା ପ୍ରକାଶ କରିଛନ୍ତି । ଏହାଦ୍ୱାରା ଓଡ଼ିଶାର ଗୌରବମୟ ଇତିହାସ ଜାତୀୟ ସ୍ତରରେ ପୁନର୍ଜୀବିତ ହୋଇ ପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏଥିସହିତ, ଦେବ୍ରୀଗଡ଼ ଅଭୟାରଣ୍ୟ ନିକଟସ୍ଥ ଧୋଡ୍ରୋକୁସୁମ ଗ୍ରାମର ମୈଥିଳୀ ଭୂଏଁଙ୍କ ଭଳି ଗ୍ରାମୀଣ ମହିଳାମାନଙ୍କ ପରିବେଶ ସୁରକ୍ଷା ଓ ଆତ୍ମନିର୍ଭରଶୀଳତାର କାହାଣୀ ସମସ୍ତଙ୍କ ପାଇଁ ଉଦାହରଣ ସାଜିଛି । ପୂର୍ବରୁ ଜଙ୍ଗଲ ଉପରେ ନିର୍ଭରଶୀଳ ଥିବା ମୈଥିଳୀ ଆଜି ଇକୋ-ଟୁରିଜିମ୍ ସହ ଯୋଡ଼ିହୋଇ ଜଙ୍ଗଲ ସୁରକ୍ଷା କାର୍ଯ୍ୟରେ ନିୟୋଜିତ ଅଛନ୍ତି ଏବଂ ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଆଜି ପ୍ରାୟ ୬୦ ଜଣ ମହିଳା ଏହି ସ୍ୱାବଲମ୍ବନ ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ସେ ଆହୁରି କହିଛନ୍ତି ଯେ ବିଭିନ୍ନ କ୍ଷେତ୍ରରେ ଅନେକ ଆହ୍ୱାନର ସମ୍ମୁଖୀନ ହୋଇ ସଫଳତା ହାସଲ କରୁଥିବା ଆମର ଯୁବବର୍ଗ ଅନେକ ସମୟରେ ଜାତୀୟ ସ୍ତରରେ ଲୋକଲୋଚନକୁ ଆସିପାରି ନଥାନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସେମାନଙ୍କର ଏହି ନିଷ୍ଠାପର ଉଦ୍ୟମ, ତ୍ୟାଗ ଓ ସଫଳତାକୁ ସାଉଁଟି ଦେଶବାସୀଙ୍କ ସମ୍ମୁଖରେ ଉପସ୍ଥାପନ କରୁଛନ୍ତି, ଯାହା ସମଗ୍ର ସମାଜ ପାଇଁ ଏକ ନୂତନ ଉତ୍ସାହ ଓ ପ୍ରେରଣା ସୃଷ୍ଟି କରୁଛି । ଆତ୍ମ ନିର୍ଭର ଭାରତ ଗଠନ ପାଇଁ ଯୁବଶକ୍ତିର ସକ୍ରିୟ ସହଯୋଗ ଓ ସଠିକ୍ ମାର୍ଗଦର୍ଶନ ଅତ୍ୟନ୍ତ ଆବଶ୍ୟକ । ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟେକ କାର୍ଯ୍ୟ, ବକ୍ତବ୍ୟ ଓ ଚିନ୍ତାଧାରା କେବଳ ରାଷ୍ଟ୍ର ନିର୍ମାଣ ଉଦ୍ଦେଶ୍ୟରେ ସମର୍ପିତ । ଯୁବ ପ୍ରତିଭାମାନଙ୍କୁ ସ୍ୱୀକୃତି ଓ ସମ୍ମାନ ପ୍ରଦାନ କରି ସେ ସେମାନଙ୍କୁ ବିକଶିତ ଭାରତ ନିର୍ମାଣରେ ଭାଗିଦାର ହେବାକୁ ଉତ୍ସାହିତ କରୁଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ ଦେଖାଇଥିବା ବିକାଶ ଓ ସ୍ୱାବଲମ୍ବନର ମାର୍ଗରେ ଅଗ୍ରସର ହୋଇ ଏକ ଆତ୍ମନିର୍ଭର ଥତା ବିକଶିତ ଭାରତ ଗଠନ ପାଇଁ ମିଳିମିଶି କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ସମସ୍ତ ନାଗରିକଙ୍କୁ ଆହ୍ୱାନ ଦେଇଛନ୍ତି ।

## ପ୍ରଧାନମନ୍ତ୍ରୀଙ୍କୁ ଉଜବେକିସ୍ତାନର ସର୍ବୋଚ୍ଚ ବିଦେଶୀ ନେତା ସମ୍ମାନ ଓଲି ଦରାଜାଲି ଦୋସ୍ତଲିକ୍ ପ୍ରଦାନ

ନୂଆଦିଲ୍ଲୀ : ଦୁଇ ଦେଶ ମଧ୍ୟରେ ବନ୍ଧୁତାକୁ ସୁଦୃଢ଼ କରିବାରେ ନିଜର ବିଶେଷ ଯୋଗଦାନ ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆଜି ଉଜବେକିସ୍ତାନର ରାଷ୍ଟ୍ରପତି ମହାମହିମ ଶଭକାତ୍ ମିର୍ଜିୟୋୟେଭ "ଓଲି ଦରାଜାଲି ଦୋସ୍ତଲିକ୍" (ସର୍ବୋଚ୍ଚ ବନ୍ଧୁତ୍ୱ ସମ୍ମାନ)ରେ ସମ୍ମାନିତ କରିଛନ୍ତି । ଏହା ବିଦେଶୀ ନେତାମାନଙ୍କ ପାଇଁ ଉଜବେକିସ୍ତାନର ସର୍ବୋଚ୍ଚ ବେସାମରିକ ସମ୍ମାନ । ଏହି ସମ୍ମାନକୁ ଗ୍ରହଣ କରି ପ୍ରଧାନମନ୍ତ୍ରୀ ମୋଦୀ ଏହାକୁ ଭାରତର ୧୪୦ କୋଟି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିଛନ୍ତି ଏବଂ ଏହା ଦୁଇ ଦେଶ ଓ ସଭ୍ୟତା ମଧ୍ୟରେ ଥିବା ସୁଦୃଢ଼ ବନ୍ଧୁତାର ପ୍ରତୀକ ବୋଲି ପ୍ରକାଶ କରିଛନ୍ତି । ରାଷ୍ଟ୍ରପତି ମିର୍ଜିୟୋୟେଭ ତାଙ୍କ ପ୍ରତି କହିଥିବା ପ୍ରଶଂସାର ଶବ୍ଦଗୁଡ଼ିକ ଭାରତ ଏବଂ ଉଜବେକିସ୍ତାନ ମଧ୍ୟରେ ଥିବା ଶତାବ୍ଦୀ ପୁରୁଣା ବନ୍ଧୁତା ଓ ସାଧାରଣ ଐତିହ୍ୟ ପ୍ରତି ଏକ ବିଶେଷ ଶ୍ରଦ୍ଧାଞ୍ଜଳି ବୋଲି ସେ ଦର୍ଶାଇଛନ୍ତି । ପ୍ରଧାନମନ୍ତ୍ରୀ ଆହୁରି ମଧ କହିଛନ୍ତି ଯେ, ଏହି ସମ୍ମାନ ଭାରତ ପାଇଁ ଏକ ଅତିରିକ୍ତ ଦାୟିତ୍ୱ ଆଣିଦେଇଛି ଯେମିତି ମାନବଜାତିର କଲ୍ୟାଣ ପାଇଁ ଗ୍ଲୋବାଲ୍ ସାଉଥ୍ ସହଯୋଗୀ ଭାବେ ଭାରତ ଓ ଉଜବେକିସ୍ତାନ ମିଳିମିଶି କାର୍ଯ୍ୟ କରିବେ । "ଓଲି ଦରାଜାଲି ଦୋସ୍ତଲିକ୍" ଅର୍ଡର ପ୍ରଦାନ ଭାରତ-ଉଜବେକିସ୍ତାନ ମଧ୍ୟରେ ଗଭୀର ସଭ୍ୟତାଗତ ସମ୍ପର୍କ ଏବଂ କ୍ରମଶଃ ସୁଦୃଢ଼ ହେଉଥିବା ବ୍ୟାପକ ରଣନୈତିକ ଭାଗୀଦାରିର ପ୍ରତିଫଳନ ।



## ସଶସ୍ତ୍ର ବାହିନୀ ମୁଖ୍ୟାଳୟ ସଂଘର ପ୍ରତିନିଧିମଣ୍ଡଳୀ ସହିତ ଆଲୋଚନା କଲେ କେନ୍ଦ୍ରମନ୍ତ୍ରୀ ଡ. ଜିତେନ୍ଦ୍ର ସିଂହ

ନୂଆଦିଲ୍ଲୀ : କେନ୍ଦ୍ର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା, ପୃଥିବୀ ବିଜ୍ଞାନ ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, କର୍ମଚାରୀ, ସାଧାରଣ ଅଭିଯୋଗ, ପେନସନ, ପରମାଣୁ ଶକ୍ତି ଏବଂ ମହାକାଶ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ), ଡକ୍ଟର ଜିତେନ୍ଦ୍ର ସିଂହ ଆଜି ସଶସ୍ତ୍ର ବାହିନୀ ମୁଖ୍ୟାଳୟ ସଂଘର ଏକ ପ୍ରତିନିଧିମଣ୍ଡଳୀ ସହିତ ଏକ ଆଲୋଚନା କରିଛନ୍ତି, ଯେଉଁ ସମୟରେ କର୍ମଚାରୀମାନଙ୍କର ବିଭିନ୍ନ ଦାବି ଏବଂ ସେବା ସମ୍ବନ୍ଧୀୟ ଚିନ୍ତା ଉପରେ ଆଲୋଚନା କରାଯାଇଛି । ପ୍ରତିନିଧିମଣ୍ଡଳୀ ମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି ଏବଂ କ୍ୟାରିୟର ପ୍ରଗତି, ପଦୋନ୍ନତି ଏବଂ ବିଚାରାଧୀନ ସେବା ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରିଛନ୍ତି । ଏହି ଆଲୋଚନା ପ୍ରତିନିଧିମାନଙ୍କୁ ମନ୍ତ୍ରୀଙ୍କ ସମ୍ମୁଖରେ ସେମାନଙ୍କର ଚିନ୍ତାଧାରା ରଖିବା ଏବଂ ଏକ ଗଠନମୂଳକ ଏବଂ ସକାରାତ୍ମକ ପରିବେଶରେ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା କରିବାର ସୁଯୋଗ ପ୍ରଦାନ କରିଥିଲା । ଡକ୍ଟର ଜିତେନ୍ଦ୍ର ସିଂହ କର୍ମଚାରୀଙ୍କ ଚିନ୍ତାଧାରା ସମ୍ପର୍କରେ ଏକ ସଂଗଠିତ ଉପାୟରେ ଆଲୋଚନା କରିବା ପାଇଁ ପ୍ରତିନିଧିମଣ୍ଡଳକୁ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ ପ୍ରକୃତ ସେବା-ସମ୍ବନ୍ଧୀୟ ଚିନ୍ତାଧାରା ସମାଧାନ କରିବା ଏବଂ ଅଧିକ ପ୍ରଶାସନିକ ଦକ୍ଷତା ସୁନିଶ୍ଚିତ କରିବା ପାଇଁ କର୍ମଚାରୀ ପ୍ରତିନିଧିମାନଙ୍କ ସହିତ ନିରନ୍ତର ଏବଂ ଗଠନମୂଳକ ଆଲୋଚନା ଗୁରୁତ୍ୱପୂର୍ଣ୍ଣ । ମନ୍ତ୍ରୀ ପ୍ରତିନିଧିମଣ୍ଡଳକୁ ଆଶ୍ୱାସନା ଦେଇଥିଲେ ଯେ ସେମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ଦାବି ଏବଂ ପ୍ରତିନିଧିତ୍ୱଗୁଡ଼ିକୁ ସମ୍ପୃକ୍ତ ଅଂଶୀଦାର ବିଭାଗ ସହିତ ପରାମର୍ଶ କରି ପୁଙ୍ଖାନୁପୁଙ୍ଖ ଭାବରେ ଯାଂଚ କରାଯିବ । ସେ ଆହୁରି ମଧ ଆଶ୍ୱାସନା ଦେଇଥିଲେ ଯେ ସେ କର୍ମଚାରୀମାନଙ୍କ ସ୍ୱାର୍ଥ ପାଇଁ ତାଙ୍କର ସର୍ବୋତମ ପ୍ରୟାସ କରିବେ, ଏବଂ ଏହା ନିଶ୍ଚିତ କରିବେ ଯେ ଉଠାଯାଇଥିବା ଚିନ୍ତାଧାରା ଉପଯୁକ୍ତ ପ୍ରଶାସନିକ ପ୍ରକ୍ରିୟା ମାଧ୍ୟମରେ ବିଚାର କରାଯିବ । ଡକ୍ଟର ଜିତେନ୍ଦ୍ର ସିଂହ ଗୁରୁତ୍ୱାରୋପ କରିଥିଲେ ଯେ କର୍ମଚାରୀ ପ୍ରତିନିଧିମାନଙ୍କ ସହିତ ଏକ ସଂଗଠିତ ଏବଂ ନିରନ୍ତର ସମ୍ପର୍କ ପ୍ରଶାସନକୁ ସେବା-ସମ୍ବନ୍ଧୀୟ ଚିନ୍ତାଧାରାଗୁଡ଼ିକୁ ଭଲ ଭାବରେ ବୁଝିବା ଏବଂ ସେମାନଙ୍କର ଉପଯୁକ୍ତ ସମାଧାନ ପାଇଁ କାର୍ଯ୍ୟ କରିବା ପାଇଁ ସକ୍ଷମ କରିଥାଏ ।



## ଅଳ୍ପରେ ଖବର

- ଆହୁରି ସପ୍ତାହେ ବଢ଼ିଲା ଧାନ ପଞ୍ଜିକରଣ ଅବଧି । ଆଗଷ୍ଟ ୩୧ରେ ସରୁଥିବା ପଞ୍ଜିକରଣ ଅବଧି କୁ ୭ ଦିନ ଘୁଂଚାଇଛନ୍ତି ସରକାର
- ଚିଲିକା ନିର୍ବାଚନମଣ୍ଡଳୀର ସମସ୍ତ ଉଚ୍ଚ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ପ୍ରସାର, ଶିକ୍ଷାର ମାନବୃଦ୍ଧି ଏବଂ ଛାତ୍ରଛାତ୍ରୀଙ୍କ ଶତପ୍ରତିଶତ ପାସ୍ ହାର ସୁନିଶ୍ଚିତ କରିବା ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି ।

## ଦୃଢ଼ ସୁରକ୍ଷା ଏବଂ ରିଅଲ୍-ଟାଇମ୍ ମନିଟରିଂ ସହ ଦେଶବ୍ୟାପୀ ନିଟ୍-ପିଜି ୨୦୨୬ ସଫଳତାର ସହ ପରିଚାଳିତ

ନୂଆଦିଲ୍ଲୀ : ନ୍ୟାସନାଲ ବୋର୍ଡ ଅଫ୍ ଏକଜାମିନେସନ୍ସ ଇନ୍ ମେଡିକାଲ ସାଇନସ୍ସେ (ଏନବିଇଏମଏସ୍) ଦ୍ୱାରା ଆଜି, ୩୦ ଅଗଷ୍ଟ ୨୦୨୬ରେ ସାରା ଦେଶରେ ନିଟ୍-ପିଜି ୨୦୨୬ ପରୀକ୍ଷା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ପରୀକ୍ଷାକୁ ନିରପେକ୍ଷ, ସୁରକ୍ଷିତ ଓ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ବ୍ୟାପକ ସ୍ୱତନ୍ତ୍ର ପରିଚାଳନା, ବୈଷୟିକ ଜ୍ଞାନକୌଶଳ, କଡ଼ା ସୁରକ୍ଷା ଏବଂ ଆବଶ୍ୟକ କର୍ମଚାରୀ ନିୟୋଜିତ କରାଯାଇଥିଲା । ସମସ୍ତ ୩୬ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳକୁ କଭର କରି ୩୩୯ଟି ସହର ୧,୧୧୧ ପରୀକ୍ଷା କେନ୍ଦ୍ରରେ ୨,୭୩,୦୯୬ ପ୍ରାର୍ଥୀଙ୍କ ପାଇଁ ପରୀକ୍ଷା ସ୍ଥିର କରାଯାଇଥିଲା । ମୋଟ ୨,୬୫,୯୮୦ ପ୍ରାର୍ଥୀ ପରୀକ୍ଷା ଦେଇଥିଲେ, ପ୍ରାୟ ୨,୬୩,୫୩୫ ପ୍ରାର୍ଥୀଙ୍କ ପାଇଁ ପରୀକ୍ଷା ସଫଳତାର ସହ ସମାପ୍ତ ହୋଇଥିଲା । ଦେଶବ୍ୟାପୀ ପରୀକ୍ଷା




ବ୍ୟାପକ ରିୟଲ୍ ଟାଇମ୍ ତଦାରଖ ଏବଂ କଠୋର ସୁରକ୍ଷା ବ୍ୟବସ୍ଥା ଦ୍ୱାରା ସମର୍ଥିତ ହୋଇଥିଲା । ପରୀକ୍ଷା ପରିଚାଳନା ତଦାରଖ କରିବା ପାଇଁ ମୋଟ୍ ୨,୫୨୭ ଅଧ୍ୟାପକଙ୍କୁ ସ୍ୱାଧୀନ ମୂଲ୍ୟାଙ୍କନକାରୀ ଭାବରେ ନିଯୁକ୍ତ କରାଯାଇଥିଲା । ଏହା ସହିତ, ଡିନ୍, ନିର୍ଦ୍ଦେଶକ, ମେଡିକାଲ୍ ସୁପରିଂଟେଣ୍ଡେଂଟ ଏବଂ ବରିଷ୍ଠ ପ୍ରଫେସରଙ୍କ ସମେତ ୭୦୦ ରୁ ଅଧିକ ବରିଷ୍ଠ ଅଧ୍ୟାପକଙ୍କୁ ଫ୍ଲାଇଂ ସ୍କ୍ୱାଡ୍ ସଦସ୍ୟ ଭାବରେ ନିୟୋଜିତ କରାଯାଇଥିଲା । ସମନ୍ୱୟ ଏବଂ ତଦାରଖକୁ ସୁଦୃଢ଼ କରିବା ପାଇଁ, ସାରା ଦେଶରେ ୧୬ ଟି ଏନବିଇଏମଏସ୍ ଆଂଚଳିକ କମାଣ୍ଡ କେନ୍ଦ୍ର କାର୍ଯ୍ୟକ୍ଷମ କରାଯାଇଥିଲା । ପରୀକ୍ଷା କେନ୍ଦ୍ରଗୁଡ଼ିକୁ ଲାଇଭ୍ ସିସିଟିଭି ନଜରରେ ମଧ ରଖାଯାଇଥିଲା, ଯାହା ଦ୍ୱାରକାରେ ଏହାର ମୁଖ୍ୟାଳୟରେ ଏନବିଇଏମଏସ୍ କମାଣ୍ଡ ସେଂଟରରୁ ନିରନ୍ତର ତଦାରଖ କରାଯାଉଥିଲା । ଏନବିଇଏମଏସ୍ ଏବଂ ଟିସିଏସ୍ ର ୧୯୦ ଜଣ କର୍ମଚାରୀଙ୍କ ଏକ ଉତ୍ସର୍ଗୀକୃତ ଦଳକୁ ରିୟଲ୍-ଟାଇମ୍ ନିରୀକ୍ଷଣ ଏବଂ ତଦାରଖ ପାଇଁ ନିୟୋଜିତ କରାଯାଇଥିଲା । ଏନବିଇଏମଏସ୍ ମୁଖ୍ୟାଳୟରେ ଥିବା ସମର୍ପିତ କମାଣ୍ଡ ସେଂଟରରେ, ଏନବିଇଏମଏସ୍, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ବିଇଏଲ୍, ଇସିଆଇଏଲ୍ ଏବଂ ଟିସିଏସ୍ ର ଅଧିକାରୀମାନେ ଦିନସାରା ପରୀକ୍ଷା ପ୍ରକ୍ରିୟାର ନିକଟତର ଏବଂ ନିରନ୍ତର ତଦାରଖ କରିଥିଲେ ।

## ସେପ୍ଟେମ୍ବର ୧୨ରେ ୫୭ତମ ଜିଏସ୍ଟି ପରିଷଦ ବୈଠକର ଅଧ୍ୟକ୍ଷତା କରିବେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ

ନୂଆଦିଲ୍ଲୀ : ଆସନ୍ତା ମାସ ୧୨ ତାରିଖରେ ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍ଟି) ପରିଷଦ ବୈଠକ ବସିବାକୁ ଯାଉଛି । ଏଥିରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ବିଚାର କରାଯାଇପାରେ । ମାସିକ ୨.୫ ଲକ୍ଷ ଟଙ୍କାରୁ ଅଧିକ ଟିକସ କ୍ରେଡିଟ୍ ପାସ୍ କରୁଥିବା ବ୍ୟବସାୟଗୁଡ଼ିକ ପାଇଁ ଜିଏସ୍ଟି ପଞ୍ଜୀକରଣ ପ୍ରକ୍ରିୟା ସହଜ ହୋଇପାରେ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ବସିବାକୁ ଥିବା ପରିଷଦର ୫୭ତମ ବୈଠକରେ ଜିଏସ୍ଟି ପଞ୍ଜୀକରଣର ଅଟୋମେଟେଡ୍ କ୍ୟାନ୍ସେ ଲେଶନ ଉପରେ ମଧ ବିଚାର କରାଯାଇପାରେ । ସମ୍ପ୍ରତି କେନ୍ଦ୍ରୀୟ ଜିଏସ୍ଟି ଫର୍ମେଶନ ଏବଂ କେତେକ ରାଜ୍ୟ ଫର୍ମେଶନ ବଡ଼ ବଡ଼ ବ୍ୟବସାୟଗୁଡ଼ିକର ଜିଏସ୍ଟି ପଞ୍ଜୀକରଣ ମଞ୍ଜୁର କରିବାବେଳେ ଏକକ ପ୍ରକ୍ରିୟାର ଅନୁପାଳନ କରୁନାହାନ୍ତି । ଏହା ଟିକସଦାତାଙ୍କ ମଧ୍ୟରେ ଅନିଶ୍ଚିତତା ସୃଷ୍ଟି କରିଛି ।



ପ୍ରକାଶଯୋଗ୍ୟ, ବର୍ଷକରୁ ଅଧିକ ବ୍ୟବଧାନ ପରେ ଏହି ବୈଠକ ହେଉଛି । ଅନ୍ତିମ ଥର ପାଇଁ ଏହା ଗତବର୍ଷ ସେପ୍ଟେମ୍ବର ୩ ଏବଂ ୪ ତାରିଖରେ ହୋଇଥିଲା । ଉକ୍ତ ସମୟରେ କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକ ଜିଏସ୍ଟି ହାର ଏବଂ ଟିକସ ସ୍ଲାବ୍‌ରେ ସଂଶୋଧନ କରିଥିଲେ । ୨୦୨୫ ସେପ୍ଟେମ୍ବର ୨୨ରୁ ସଂଶୋଧିତ ଜିଏସ୍ଟି ଢାଂଚା କାର୍ଯ୍ୟକାରୀ ହୋଇଥିଲା । ୫%, ୧୨%, ୧୮% ଏବଂ ୨୮% ବଦଳରେ ଏକ ଦୁଇଟିକିଆ ଟିକସ ସ୍ଲାବ୍ କାର୍ଯ୍ୟକାରୀ ହେଲା । ଅତି-ବିଳାସ ସାମଗ୍ରୀ ପାଇଁ ୪୦% ସ୍ଲାବ୍ ଅଣାଯାଇଥିଲା ।

# ବାହାବଳପୁର ଜଳ ନିଷ୍କାସନ କ୍ଷେତ୍ରରେ ପ୍ରଶାସନର ଆଡ଼ଆଖି



ବାଲେଶ୍ୱର(ନି.ପ୍ର.) ବିଗତ ଲଘୁଚାପ ଜନିତ ବର୍ଷା ଓ ବନ୍ୟା ଯୋଗୁଁ ସଦର ବ୍ଲକ ଅନ୍ତର୍ଗତ ବାହାବଳପୁର, ପରିଖୀ, ଗୋପୀନାଥପୁର ସମେତ ଆଖ ପାଖ ପଂଚାୟତ ର ହଜାର ହଜାର ପରିବାର ଙ୍କ ଅବସ୍ଥା ବେହାଲ ହୋଇ ପଡିଛି । ଚାଷବାସ ସମ୍ପୂର୍ଣ୍ଣ ଭାବେ ଉଜୁଡି ଯାଇଛି । ଏବେ ବି ଚାଷ ଜମି ରେ ତିନି ଫୁଟ ଉଚ୍ଚତା ରେ ବର୍ଷା ଜଳ ଜମି ରହିଛି । ଗତ ତିନି ଦିନ ତଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ବାହାବଳପୁର ପଂଚାୟତ ର ବନ୍ୟା ପ୍ଲାବନ ଅଂଚଳ ପରିଦର୍ଶନ କରିବା ସମୟ ରେ ଉପସ୍ଥିତ ବରିଷ୍ଠ ସରକାରୀ ଅଧିକାରୀ ଙ୍କୁ ସରକାରୀ ନାଳ ଉପରେ ନିର୍ମାଣ ହୋଇଥିବା ଦୋକାନ ଘର ଓ ମାର୍କେଟ କମ୍ପ୍ଲେକ୍ସ ଗୁଡିକୁ ତୁରନ୍ତ ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ସଦର ତହସିଲଦାର ଅନିଲ ମହାନ୍ତି ଓ ସାମୁଦ୍ରିକ ଥାନା ର ପୋଲିସ କର୍ମଚାରୀଙ୍କ ଉପସ୍ଥିତି ରେ ଜେସିବି ମେସିନ ଲଗାଇ ପୃଥ୍ୱୀରାଜ ମଣ୍ଡଳଙ୍କ ପ୍ଲଟ କୁ ସଂଯୋଗ କରୁଥିବା ସଂଯୋଗକାରୀ ପୋଲ ସମେତ ଅନ୍ୟ ପାଂଚ ଜଣ ଲୋକଙ୍କ ପ୍ଲଟ କୁ ସଂଯୋଗ କରୁଥିବା ରାସ୍ତା କୁ ତାଡି ଦେଇଛନ୍ତି । ଶ୍ରୀ ମଣ୍ଡଳ ଙ୍କ ଘରକୁ ସଂଯୋଗ କରୁଥିବା ରାସ୍ତା ରେ ଚାରି ଫୁଟ ଓସାର ଓ ଆଠ ଫୁଟ ଲମ୍ବର ଚାରୋଟି ହ୍ୟୁମ ପାଇପ ପକାଇ ଉଭୟ ପାର୍ଶ୍ୱ ରେ ଏଗାର ଫୁଟ ଉଚ୍ଚତା ରେ ଗାର୍ଡ ୱାଲ ଗତ ଦୁଇ ବର୍ଷ ତଳେ ନିର୍ମାଣ କରିଥିଲେ । ତେବେ ଅନ୍ୟ ପାଂଚ ଜଣ ହ୍ୟୁମ ପାଇପ ନ ପକାଇ ପ୍ରାକୃତିକ ନାଳ କୁ ମାଟି ରେ ପୋତି ନିଜ ନିଜ ଘରକୁ ଯାତାୟାତ କରୁଥିଲେ । ବାହାବଳପୁର ର ଚିରିଗୁଣୀ ଗ୍ରାମ ର ହନୁମାନ ଛକ ନିକଟ ରେ ଏଭଳି ଘଟଣା ଘଟି ଥିବା ବେଳେ ବାମ ପାର୍ଶ୍ୱ ରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ର ପୋଲ ର ଉଚ୍ଚତା କମ ଓ ଚାରୋଟି ହ୍ୟୁମ ପାଇପ ପଡ଼ିଥିଲେ ହେଁ ସଦର ତହସିଲଦାର ଙ୍କ ଦ୍ୱାରା ଆସିଥିବା ଜେ ସି ବି ମେସିନ ତାହା କୁ ଭାଙ୍ଗି ନାହିଁ । ଅପର ପକ୍ଷରେ ପ୍ରକୃତିକ ନାଳ ଉପରେ କିଛି ଲୋକ ପିଲର ଉଠାଇ ଚାରୋଟି ରୁ ଅଧିକ ଦୋକାନ ଗୃହ କରି ଭଡ଼ା ସୂତ୍ର ରେ ଅର୍ଥ ଆଦାୟ କରୁଥିଲେ ମଧ ସେଗୁଡିକୁ ଭଙ୍ଗା ଯାଇ ନାହିଁ । ଏହି ଦୋକାନ ଘର ଗୁଡିକୁ ଭାଙ୍ଗିବା ପାଇଁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ. ମାତ୍ର ତହସିଲଦାର ଜିଲ୍ଲା ପାଳ ଙ୍କ ନିର୍ଦ୍ଦେଶନାମା କୁ କେମିତି ଢଙ୍ଗ ରେ ବ୍ୟାଖ୍ୟା କଲେ କେଜାଣି ସେ ନିଜ କ୍ଷମତା ଓ ପଦ କୁ ଅପବ୍ୟବହାର କରି କିଛି ନିର୍ଦ୍ଦିଷ୍ଟ କୁଚକ୍ରୀ ଙ୍କ କଥା ରେ ପଡି ଶ୍ରୀ ମଣ୍ଡଳ ଓ ଅନ୍ୟ ପାଂଚ ଜଣ ଙ୍କ ସଂଯୋଗକାରୀ ରାସ୍ତା କୁ ଖୋଳି ଦେଇଛନ୍ତି ବୋଲି ଶ୍ରୀ ମଣ୍ଡଳ ଙ୍କ ପୁଅ ମଦନମୋହନ ନିଜ ପ୍ରତିକ୍ରିୟା ରେ କହିଛନ୍ତି । ମଦନ ମୋହନ କହିଛନ୍ତି କି ଚିରିଗୁଣୀ ଗାଁ ରେ ଅନେକ ବ୍ୟବସାୟିକ ପ୍ରତିଷ୍ଠାନ ଓ ଲୋକେ ହ୍ୟୁମ ପାଇପ ବି ପକାଇ ନାହାନ୍ତି । ସିଧା ମାଟି ରେ ରାସ୍ତା ନିର୍ମାଣ କରି ନାଳ ପାଣି କୁ ଅବରୋଧ କରିଛନ୍ତି ।ସେଥି ପ୍ରତି ତହସିଲଦାର ଆଖି ବୁଜି ଦେବାର ଉଦ୍ୟେଶ୍ୟ ବୁଝା ପଡୁଛି ।ତାଙ୍କର ଆଶିତିପର ବୟସ୍କ ବୃଦ୍ଧ ବାପା ଙ୍କ ଦୁଇ ଆଖି ନଷ୍ଟ ହୋଇଯାଇଛି ଓ ସେ କିଡ଼ନୀ ଜନିତ ରୋଗ, ମଧୁମେହ ରୋଗ ରେ ପୀଡିତ ଅଛନ୍ତି । ଏପରିକି ସେ ଜଣେ ପକ୍ଷାଘାତ ରୋଗୀ । ସେ ହୁଇଲ ଚେୟାର ରେ ଘରେ ଯା 'ଆସ କରନ୍ତି । ମା ଖୁକୁମଣି ହୃଦ ରୋଗୀ. ପୁଅ ଷଷ୍ଠ ଶ୍ରେଣୀ ରେ ପଢେ । ସଂଯୋଗକାରୀ ପୋଲ କୁ ତାଡି ଦେବା ପରେ ସାତ ପ୍ରାଣୀ କୁଟୁମ୍ବ ଏବେ ଗୃହ ବନ୍ଦୀ ଅବସ୍ଥା ରେ ରହିଯାଇଛନ୍ତି ।ତାଙ୍କ ବାପା ମା 'ଙ୍କର କୌଣସି ଅସୁବିଧା ହେଲେ ସେ ଅଦାଲତ ଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି । ଶ୍ରୀ ମଣ୍ଡଳ କହିଛନ୍ତି କି ଜିଲ୍ଲା ପ୍ରଶାସନ ଉଦବୃତ ବନ୍ୟା ଜଳ କୁ ନିଷ୍କାସନ କରିବା କାର୍ଯ୍ୟ କୁ ସେ କିମ୍ବା ପରିବାର ଲୋକେ ବିରୋଧ କରୁ ନାହାନ୍ତି ।ମାତ୍ର ଜିଲ୍ଲା ପ୍ରଶାସନ ଓ ସର୍ବୋପରି ତହସିଲଦାର ଯେଭଳି ବ୍ୟକ୍ତିଗତ ସ୍ତର କୁ ଆସି ତାଙ୍କର ସଂଯୋଗକାରୀ ରାସ୍ତା କୁ ଭାଙ୍ଗି ଦେଲେ ତାହା ବିରୋଧ ରେ ସେ ସ୍ୱର ଉତୋଳନ କରୁଛନ୍ତି । ଆବଶ୍ୟକ ହେଲେ ତାଙ୍କ ବାପା ଦୁଇ ଜଣ ନିର୍ଦ୍ଦିଷ୍ଟ ସରକାରୀ କର୍ମଚାରୀଙ୍କ ନାମ ରେ ଅଦାଲତ ରେ ମାମଲା ରୁଜୁ କରିବେ ।ଉଲ୍ଲେଖ ଯୋଗ୍ୟ ଯେ, ପାର୍ଶ୍ୱ ରେ ଥିବା ବଗଦା ରିସୋର୍ଟ କୁ ଲମ୍ବି ଥିବା ଆର ଡ଼ି ବିଭାଗ ର ସଂଯୋଗକାରୀ ପୋଲ ରେ ମଧ ଚାରୋଟି ସମାନ ଧରଣ ର ହ୍ୟୁମ ପାଇପ ପଚିଶ ବର୍ଷ ହେଲା ଲଗାଯାଇଥିଲେ ମଧ ତାହା ତହସିଲଦାର ଙ୍କ ଆଖି ରେ କେମିତି ପଡିଲା ନାହିଁ । ବାହାବଳପୁର ପଂଚାୟତ ରେ ଏମିତି ଛ ରୁ ଅଧିକ ସବ କନେକ୍ଟିଙ୍ଗ ରାସ୍ତା ରେ ହ୍ୟୁମ ପାଇପ ଖଞ୍ଜା ଯାଇଛି । ହେଲେ ତହସିଲଦାରଙ୍କ 'ମାର ମାର ଭଣ୍ଡାରିଆ କୁ ମାର ' ନୀତି ମଣ୍ଡଳ ପରିବାର ଉପରେ କାହିଁକି ଲାଗୁ ହେଲା ତା ଉପରେ କିଏ ସ୍ପଷ୍ଟୀକରଣ ଦେବେ? ତେବେ ସେ ଯାହା ହେଉନା କାହିଁକି ମଣ୍ଡଳ ପରିବାର ପ୍ରଶାସନିକ ଆକ୍ରୋଶର ଶିକାର ହୋଇଥିବାରୁ ସେମାନେ ନ୍ୟାୟ ଚାହିଁବା ସହ ତହସିଲଦାର ଙ୍କ ମନମାନି ପଛରେ କଣ ରହସ୍ୟ ରହିଛି ତା 'ଉପରେ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି ।

# ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ଉଦ୍‌ଯାପିତ

ବାଲେଶ୍ୱର(ନି.ପ୍ର.): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଲେଶ୍ୱରରେ ଅଗଷ୍ଟ ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଯାଇଛି । ଭାରତୀୟ ହକିର କିମ୍ବଦନ୍ତୀ ଖେଳାଳି ତଥା 'ହକିର ଯାଦୁକର' ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଜୟନ୍ତୀକୁ ସ୍ମରଣ କରି ପ୍ରତିବର୍ଷ ଅଗଷ୍ଟ ୨୯ ତାରିଖରେ ପାଳିତ ହେଉଥିବା ଜାତୀୟ କ୍ରୀଡ଼ା ଦିବସର ଅଂଶ ଭାବେ ମହାବିଦ୍ୟାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମଗୁଡ଼ିକ ଆୟୋଜିତ ହୋଇଥିଲା । ଉଦ୍‌ଯାପନୀ ଦିବସ ଅଗଷ୍ଟ ୩୦ ତାରିଖ ସକାଳ ୭ଟା ୩୦ ମିନିଟ୍‌ରେ ମହାବିଦ୍ୟାଳୟ ପରିସରରେ ଯୋଗ କର୍ମଶାଳା ଓ ତତ୍ ପରେ ୱାକାଥନ୍? ଆୟୋଜିତ ହୋଇଥିଲା ।ମହାବିଦ୍ୟାଳୟର ଅଧକ୍ଷ ଶ୍ରୀ ଫିରୋଜ କୁମାର ପାଢ଼ୀଙ୍କ ମାର୍ଗଦର୍ଶନ ଓ ପ୍ରଶାସନିକ ଅଧିକାରୀ,ଶ୍ରୀ ରଞ୍ଜନ କୁମାର ରାଏଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଯୋଗ କର୍ମଶାଳାରେ ଯୋଗ ପ୍ରଶିକ୍ଷକ ତଥା ଶାରୀରିକ ଶିକ୍ଷା ଶିକ୍ଷକ ଶ୍ରୀ ସଞ୍ଜୀବ କୁମାର ତାଲ୍?ଦୀ ଯୋଗର ତତ୍ୱ ଓ ପ୍ରୟୋଗାତ୍ମକ ଦିଗ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।ଯୋଗ କର୍ମଶାଳା ପରେ ଛାତ୍ରଛାତ୍ରୀମାନେ ୱାକାଥନ୍‌ରେ ଯୋଗଦେଇ ମହାବିଦ୍ୟାଳୟର ସ୍ଥାନୀୟ ଅଂଚଳ ପରିକ୍ରମା କରିଥିଲେ । ଏହି ସମୟରେ ଖେଲେଗା ଇଣ୍ଡିଆ, ଜିତେଗା ଇଣ୍ଡିଆ ଓ ମେଜର ଧ୍ୟାନଚାନ୍ଦ ଅମର ରହେ ଭଳି ସ୍ଲୋଗାନ ଦେଇ କ୍ରୀଡ଼ା, ଶାରୀରିକ ସୁସ୍ଥତା ଓ ଫିଟ୍‌ନେସ୍ ସମ୍ପର୍କରେ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ । ଏହି ତିନିଦିନିଆ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଆଗ୍ରହ, ଶାରୀରିକ ସୁସ୍ଥତା ଓ ସୁସ୍ଥ ଜୀବନଶୈଳୀର ବାର୍ତ୍ତା ପ୍ରସାରରେ ସହାୟକ ହୋଇଥିଲା ।ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ମହବିଦ୍ୟାଳୟର କ୍ରୀଡ଼ା ସଙ୍ଗଠନର ଉପସଭାପତି ଡ଼ ଦିଲ୍ଲୀପ କୁମାର ବେଜ । ଫିଟ୍ କଲେଜ ପ୍ରୋଗ୍ରାମର ନୋଡାଲ ଅଫିସର ଡ. ସନ୍ତୋଷ କୁମାର ରାଉତ, ସହକାରୀ ପ୍ରଫେସର ଡ଼ ପୂର୍ଣ୍ଣଚନ୍ଦ୍ର ପାତ୍ରଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା,କର୍ମଚାରୀ,ଏନ୍?ସିସି, ଏନ୍‌ଏସ୍‌ଏସ୍, ଯୁବ ରେଡକ୍ରସର ସ୍ୱେଚ୍ଛାସେବୀ,ସ୍ପୋର୍ଟସ୍? କ୍ଲବ୍?ର ଛାତ୍ରଛାତ୍ରୀ ଏବଂ ବିଭିନ୍ନ ବିଭାଗର ସ୍ନାତକ ଓ ସ୍ନାତକୋତର ଶ୍ରେଣୀର ଛାତ୍ରଛାତ୍ରୀ ମାନେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥଲେ ।



# ଉତ୍କଳ ଶିଳ୍ପ ବଣିକ ସଂଘର ନବୀକୃତ ରିକ୍ରିଏସନ୍ କ୍ଲବ ଉଦ୍‌ଘାଟନ ଅବସରରେ ଉନ୍ମୋଚିତ ହେଲା ଦୁଇଟି ପୁସ୍ତକ



ବାଲେଶ୍ୱର(ନି.ପ୍ର.) : ରାଜ୍ୟର ସର୍ବବୃହତ୍ ଶିଳ୍ପ ସଂଗଠନ ଉତ୍କଳ ଶିଳ୍ପ ବଣିକ ସଂଘ ଲିମିଟେଡ୍ (ୟୁସିସିଆଇଏଲ୍) ପକ୍ଷରୁ ଏହାର ନବୀକୃତ 'ରିକ୍ରିଏସନ୍ କ୍ଲବ' ଭୁବନେଶ୍ୱର ଠାରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ୟୁସିସିଆଇଏଲ୍‌ର 'ବି୨ବି ଫୋରମ୍' ପକ୍ଷରୁ ପ୍ରସ୍ତୁତ ଦୁଇଟି ପୁସ୍ତକ 'ପ୍ରାଇଡସ୍ ଅଫ୍ ୟୁସିସିଆଇଏଲ୍-୨.୦' ଏବଂ 'ୱି ନଟ୍ ମି' ଉନ୍ମୋଚିତ ହୋଇଛି । ଏମ୍‌ଜିଏମ୍ ଗ୍ରୁପ୍‌ର ସହାୟତାରେ ପୁନଃନିର୍ମିତ ୟୁସିସିଆଇଏଲ୍‌ର ନବୀକୃତ ରିକ୍ରିଏସନ୍ କ୍ଲବ୍‌କୁ ପୂର୍ବତନ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଉଦ୍?ଘାଟନ କରିଥିଲେ । ଏହାପରେ ୟୁସିସିଆଇଏଲ୍?ର 'କନଭିନ୍'ରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସଂଘର ସଭାପତି ପ୍ରବୋଧ ମହାନ୍ତି ଅଧକ୍ଷତା କରିଥିଲେ । କାର୍ଯ୍ୟକ୍ରମରେ ୟୁସିସିଆଇଏଲ୍?ର କର୍ମକର୍ତ୍ତା ଓ ବହୁ ସଂଖ୍ୟକ ସଦସ୍ୟ ଉପସ୍ଥିତ ଥିଲେ ।ଏହି ଅବସରରେ ଏମ୍?ଜିଏମ୍ ଗ୍ରୁପ୍?ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।

ପରେ ୟୁସିସିଆଇଏଲ୍ 'ବି୨ବି ଫୋରମ୍'ର ଆବାହକ ମନୋଜ ପୃଷ୍ଟିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଦୁଇଟି ପୁସ୍ତକ ଉନ୍ମୋଚିତ ହୋଇଥିଲା । 'ପ୍ରାଇଡସ୍ ଅଫ୍ ୟୁସିସିଆଇଏଲ୍-୨.୦'ରେ ରାଜ୍ୟର ବିଶିଷ୍ଟ ଶିଳ୍ପପତିମାନଙ୍କ ସମ୍ପର୍କରେ ତଥ୍ୟ ସ୍ଥାନ ପାଇଥିବା ବେଳେ 'ୱି ନଟ୍ ମି' ପୁସ୍ତକରେ ସଭାପତି ପ୍ରବୋଧ ମହାନ୍ତିଙ୍କ ଦୁଇବର୍ଷର କାର୍ଯ୍ୟକାଳ ମଧ୍ୟରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମର ବିବରଣୀ ସ୍ଥାନ ପାଇଛି । କାର୍ଯ୍ୟକ୍ରମରେ ଆୟନସାକର ପରିଚାଳନା ନିର୍ଦ୍ଦେଶକ ମାନଗୋବିନ୍ଦ ମିଶ୍ର, ମ୍ୟାନେଜମେଂଟ ପରାମର୍ଶଦାତା ଡ. ଆର ମଙ୍ଗେଶ ଦାଶ ଏବଂ ଇଣ୍ଡଓରିଏଂଟ ଫାଇନାନ୍ସିଆଲ୍ ସର୍ଭିସେସ୍ ଲିମିଟେଡ୍‌ର ଆଶୁତୋଷ ନିଜ ନିଜ କମ୍ପାନୀ ଓ କାର୍ଯ୍ୟଧାରା ସମ୍ପର୍କରେ ଉପସ୍ଥାପନ କରିଥିଲେ । ଶେଷରେ 'ପ୍ରାଇଡସ୍ ଅଫ୍ ୟୁସିସିଆଇଏଲ୍-୨.୦'ରେ ସ୍ଥାନ ପାଇଥିବା ରାଜ୍ୟର ବିଶିଷ୍ଟ ଶିଳ୍ପପତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ବାଲେଶ୍ୱରରେ ଜାତୀୟ କ୍ରୀଡ଼ା ଦିବସର ତ୍ରିଦିବସୀୟ ଭବ୍ୟ ଉତ୍ସବ ଉଦ୍‌ଯାପିତ

ବାଲେଶ୍ୱର(ନି.ପ୍ର.)ବାଲେଶ୍ୱରରେ ଚାଲିଥିବା ଜାତୀୟ କ୍ରୀଡ଼ା ଦିବସର ତିନିଦିନିଆ ଭବ୍ୟ କ୍ରୀଡ଼ା ଉତ୍ସବ ଆଜି (ଅଗଷ୍ଟ ୩୦) ସଫଳତାର ସହ ଉଦ୍?ଯାପିତ ହୋଇଯାଇଛି । 'ଖେଳିବ ଭାରତ, ଜିତିବ ଭାରତ', "ଏକ ଘଂଟା ଖେଳ ପଡିଆରେ" ବିଷୟ ସହିତ ଆୟୋଜିତ ଏହି କ୍ରୀଡ଼ା ମହୋତ୍ସବର ଅନ୍ତିମ ଦିବସରେ ସ୍ୱାସ୍ଥ୍ୟ ଏବଂ ପରିବେଶ ସଚେତନତାକୁ ନେଇ 'ସଣ୍ଡେ ଅନ୍ ସାଇକେଲ' (ୠଙ୍କଭ-ୟବଚ୍ଛ କ୍ଟଭ ଉଚ୍ଛମକ୍ଷର) କ୍ୟାମ୍ପେନ ଆୟୋଜିତ ହୋଇଥିଲା । ଏହି ସ୍ୱତନ୍ତ୍ର ସାଇକେଲ ରାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇ ସହର ପରିକ୍ରମା କରିଥିଲା । ଏହି ସମାପନ ଉତ୍ସବ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ପୌରୋହିତ୍ୟରେ ଆୟୋଜନ ହୋଇଥିବା ବେଳେ ବାଲେଶ୍ୱର ସଦରର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ



କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିବା ସହ ଜୀବନରେ କ୍ରୀଡ଼ାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଅନ୍ୟାନ୍ୟ ବରେଣ୍ୟ ଅତିଥି ତଥା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଖୁଂଟିଆଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୋଭା ବଢ଼ାଇଥିଲେ ।ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ଜେନାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ଓ ସୁଚାରୁ ପରିଚାଳନାରେ ଏହି ତିନିଦିନିଆ ଉତ୍ସବର ସମସ୍ତ କାର୍ଯ୍ୟସୂଚୀ ସଫଳତାର ସହ ସମ୍ପନ୍ନ ହୋଇଛି । ଏହି ଉଦ୍?ଯାପନୀ ସମାରୋହରେ ସ୍ଥାନୀୟ କ୍ରୀଡ଼ାବିତ, କ୍ରୀଡ଼ା ଛାତ୍ରାବାସର ଅନ୍ତେବାସୀ, କର୍ମଚାରୀ ଏବଂ ଜନସାଧାରଣ ପ୍ରବଳ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ପରିଶେଷରେ ଗତ ଦୁଇ ଦିନରେ ହୋଇଥିବା ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ବିଜୟୀ କ୍ରୀଡ଼ାବିତମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ପାଳିତ



ବାଲେଶ୍ୱର(ନିପ୍ର)ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ଜାତୀୟ କ୍ରୀଡ଼ା ଦିବସ-୨୦୨୬' ଉତ୍ସାହ ଓ କ୍ରୀଡ଼ା ଭାବନାର ସହ ପାଳିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କ୍ରୀଡ଼ା ପରିଷଦ ପକ୍ଷରୁ ଅଗଷ୍ଟ ୨୮ ଓ ୨୯ ତାରିଖରେ ପରିସରରେ କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କ ପାଇଁ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ସ୍ଥାପିତ ମହାନ ଭାରତୀୟ ହକି ଖେଳାଳି ତଥା କ୍ରୀଡ଼ାଜଗତର କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ତାଙ୍କର ଅସାଧାରଣ କ୍ରୀଡ଼ା ପ୍ରତିଭା, ନିଷ୍ଠା, ଶୃଙ୍ଖଳା ଓ ଦେଶ ପାଇଁ ଅବଦାନକୁ ସ୍ମରଣ କରାଯାଇଥିଲା । ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିନକୁ ସ୍ମରଣ କରି ପ୍ରତିବର୍ଷ ଅଗଷ୍ଟ ୨୯ ତାରିଖରେ ଦେଶବ୍ୟାପୀ ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଏ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କ୍ରୀଡ଼ା କାର୍ଯ୍ୟକ୍ରମରେ ପୁରୁଷ କର୍ମଚାରୀଙ୍କ ପାଇଁ କ୍ରିକେଟ ଏବଂ ମହିଳା କର୍ମଚାରୀଙ୍କ ପାଇଁ ବ୍ୟାଡମିଂଟନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏଥିସହିତ '୨୯ ଚ୍ୟାଲେଞ୍ଜ' ଅଧୀନରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଓ କାର୍ଯ୍ୟକ୍ରମ ଆୟୋଜନ କରାଯାଇ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଆଗ୍ରହ ଓ ସଚେତନତା ବୃଦ୍ଧି କରାଯାଇଥିଲା । ଶାରୀରିକ ସୁସ୍ଥତା, ଦଳଗତ ଭାବନା, ପାରସ୍ପରିକ ସମ୍ପର୍କ, ସହଯୋଗ ଓ ସୁସ୍ଥ ପ୍ରତିଯୋଗିତାକୁ ପ୍ରୋତ୍ସାହନ ଦେବା ଏହି କାର୍ଯ୍ୟକ୍ରମଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା । ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ସକ୍ରିୟ ଅଂଶଗ୍ରହଣ ଓ ସମନ୍ୱୟରେ କ୍ରୀଡ଼ା କାର୍ଯ୍ୟକ୍ରମଗୁଡ଼ିକ ସଫଳତାର ସହ ଆୟୋଜିତ ହୋଇଛି । 'ଏକାଠି ଖେଳିବା, ସୁସ୍ଥ ରହିବା ଓ ଉତ୍କର୍ଷ ପାଇଁ ପ୍ରେରଣା ନେବା' ବାର୍ତ୍ତା ସହ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ଶିକ୍ଷା ଓ ପ୍ରଶାସନିକ କାର୍ଯ୍ୟ ସହିତ କ୍ରୀଡ଼ା ମଧ ଏକ ସୁସ୍ଥ, ସକାରାତ୍ମକ ଓ ଉତ୍ପାଦନଶୀଳ କାର୍ଯ୍ୟ ପରିବେଶ ଗଠନରେ ଗୁରୁତ୍ୱପୂର୍ଣ୍ଣ । କ୍ରୀଡ଼ା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଶାରୀରିକ ସୁସ୍ଥତା ସହ ଏକତା, ସହଯୋଗ, ଶୃଙ୍ଖଳା ଓ ଦଳଗତ ମନୋଭାବ ଦୃଢ଼ ହୋଇଥାଏ ।

# ଜନ୍ମଦିନ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ବାଲେଶ୍ୱର(ନି.ପ୍ର.) : ରକ୍ତ ହିଁ ଜୀବନ । ରକ୍ତର ବିକଳ୍ପ ନାହିଁ । କାରଣ ରକ୍ତଦାନ ଶିବିରକୁ ନେଇ ବାଲେଶ୍ୱର ଜିଲ୍ଲାର ୧୨ଟି ବ୍ଲକର ସହସ୍ରାଧିକ ଥାଲାସେମିଆ ରୋଗୀ ଏହି ରକ୍ତକୁ ନେଇ ନିଜର ଜୀବନ ବଂଚାଇଥିବା ବେଳେ ୩୦ ତାରିଖ ପୂର୍ବାହ୍ନରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ସ୍ଥିତ ରକ୍ତଭଣ୍ଡାର ପରିସରରେ ବିସିସି ବ୍ୟାଙ୍କର ସଭାପତି ଗଣେଶ ମହାପାତ୍ରଙ୍କ ଜନ୍ମଦିନ ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମକୁ ବାଲେଶ୍ୱରର ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନା, ବାଲେଶ୍ୱର ସଦର



ବିଧାୟକ ମାନସ ଦତ, ବାଲେଶ୍ୱର ପୌରପାଳିକା ଅଧ୍ୟକ୍ଷତା ସବିତା ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ରକ୍ତଦାନ ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଡାକ୍ତର ବସନ୍ତ ଉପାଧ୍ୟାୟଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଆୟୋଜିତ ରକ୍ତଦାନ ଶିବିରରେ ସଲିମ ରାଜା, ସିମନ ଦାସ ମହାପାତ୍ର, ସାଇରୁଲ ହକ, ଅଜୟ ସାମଲ, ବ୍ରିଟ ପୂର୍ବତନ ଅଧ୍ୟକ୍ଷ ଆଲୋକ କୁମାର ସାହୁ, ହିମାଂଶୁ ଶେଖର ଦାସ, ରଂଜିତା ମହାପାତ୍ର, ଶ୍ରୀନିବାସ ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏହାଫଳରେ ଥାଲାସେମିଆ ରୋଗୀମାନଙ୍କ ନିମନ୍ତେ ରକ୍ତର ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣଥିବା ଯୋଗୁଁ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଗଣେଶ ପ୍ରସାଦ ମହାପାତ୍ର ସୂଚନା ଦେଇ କହିଛନ୍ତି ବାସ୍ତବରେ ତାଙ୍କ ଜୀବନ ଆଜି ଧନ୍ୟ ହୋଇଛି ଏଭଳି ମହତ କାର୍ଯ୍ୟକୁ ନେଇ ।

# ଅଜଣା ମହିଳାଙ୍କ ଶବ ଉଦ୍ଧାର

ବାଲେଶ୍ୱରଏ(ନି.ପ୍ର): ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇ କୁହାଯାଇଛି କି, ପୋଲିସ ବିଭାଗ ବୁଢ଼ାବଳଙ୍ଗ ନଦୀ ଚାରିଗୋଛିଆ ନିକଟରୁ ଏକ ଅଜଣା ମହିଳାର ମୃତ ଶରୀର ଉଦ୍ଧାର କରି ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ତାର ଶବକୁ ମର୍ଚ୍ଚୁରୀ ସଂସ୍ଥାରେ ରଖାଯାଇଛି । ଏହାର ପରିଚୟ ମିଳିନଥିବା ଯୋଗୁଁ ପୋଲିସ ପ୍ରଥମେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲେ ହେଁ



ଯଦି କୌଣସି ଦାବିଦାର ଥାଆନ୍ତି ବା ମହିଳା ଜଣକୁ ଚିହ୍ନଟ କରନ୍ତି ସେ ଆସି ପୋଲିସ ସହିତ ଯୋଗାଯୋଗ କରିବାକୁ ଚାନ୍ଦିପୁର ଥାନା ପକ୍ଷରୁ କୁହାଯାଇଛି ।

# ବେଆଇନ କାଠ ଗାଡ଼ି ଜବତ

ବାଲେଶ୍ୱର,(ନିପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଅସ୍ତି ପଂଚାୟତ ନିକଟ ସୁବର୍ଣ୍ଣରେଖା ସେତୁ ନିକଟରୁ ଲଙ୍ଗଳେଶ୍ୱର ବନବିଭାଗ ଟିମ ଚଢଉ କରି ଏକ ବେଆଇନ କାଠ ବୋଝେଇ ପିକଅପ ଜବତ କରିଛନ୍ତି । ସେତୁ ନିକଟରେ ଏକ ପିକଅପ ନଂ ଓଡି୦୧ ଏଲ ୩୪୩୨ରେ କାଠ ଗାଠିକୁ ଦେଖି ବନବିଭାଗ କର୍ମଚାରୀ ଅଟକାଇଥିଲେ । ସେଥିରେ ନିମ୍ବ ଓ ଆକାଶୀ କାଠ ଦେଖି ଗାଡ଼ିଟିକୁ ଥାନାକୁ ନେଇଥିଲେ । ଗାଡିର ମାଲିକ ସୁଦୀପ୍ତ ସାହୁ ପଶ୍ଚିମବଙ୍ଗର ବାସିନ୍ଦା ହୋଇଥିବାବେଳେ ଗାଡିଟି ଓଡିଶାର ଜଣାପଡିଛି । ଗାଡି ପଶ୍ଚିମବଙ୍ଗରୁ କାଠ ନେଇ ବାଲିଆପାଳ ବ୍ଲକ ନିକଟସ୍ଥ କାଳିପଦ ବଜାରକୁ ଆସୁଥିବାବେଳେ ଧରାପଡିଥିଲା । ଚଢଉ ସମୟରେ ଲଙ୍ଗଳେଶ୍ୱର ବନ ବିଭାଗର ଅଧିକାରୀ ବିଜୟ କୁମାର ସାହୁଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଏହି ଗାଡିର ଫିଟନେସ ନଥିବା ସହିତ କାଠର କୌଣସି କାଗଜପତ୍ର ନାହିଁ । ରେଞ୍ଜର ଜିତେନ କିସ୍କୁ ଆସିବାପରେ ଗାଡିଟିକୁ ବାଲେଶ୍ୱର ବନବିଭାଗ ଅଧୀନରେ ଥିବା ମାଲଖାନାକୁ ପଠାଯିବ ବୋଲି ଫରେଷ୍ଟର ଶ୍ରୀ ସାହୁ କହିଛନ୍ତି ।

# ବନ୍ୟା ବଢ଼ାଇଛି ସାପ କାମୁଡ଼ା ରୋଗୀଙ୍କ ସଂଖ୍ୟା

ବାଲେଶ୍ୱର(ନି.ପ୍ର): ବାଲେଶ୍ୱର ଲଘୁଚାପ ଜନିତ ଲଗାଣ ବର୍ଷାରେ ବାଲେଶ୍ୱର ଜିଲ୍ଲାରେ ଭାଗ ଭାଗ ହୋଇଥିବା ଦୁଇଥର ବନ୍ୟା ପରେ ଜିଲ୍ଲାରେ ବଢିଥିବା ସାପ କାମୁଡା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ବନ୍ୟା ପାଣି ଘେରରେ ରହିଥିବା ଅଂଚଳରେ ସାପ କାମୁଡା ଅଧିକ ମାତ୍ରାରେ ପରିଲକ୍ଷିତ ହୋଇଛି ।ତଳିଆ ଅଂଚଳ ବୁଡିଯିବା ଫଳରେ ସାପ ଗାତରୁ ବାହାରି ଗଛ,ଘରର ଚାଳ କିମ୍ବା ଉଚ୍ଚ ସ୍ଥାନକୁ ଚାଲିଯାଇଥିଲେ । ବନ୍ୟାରେ ବନ୍ୟାରେ ବାହାରକୁ ବାହାରିଥିବା ବିଷଧର ସାପ ଏବେବି ନିଜ ସ୍ଥାନକୁ ଫେରିନାହାନ୍ତି । ସେହିଭଳି ବନ୍ୟାବେଳେ ବିଭିନ୍ନ ଆଶ୍ରୟସ୍ଥଳୀକୁ ଯାଇଥିବା ପରିବାର ପାଣି ଛାଡିବାପରେ ଘରକୁଫେରିଛନ୍ତି । ମାତ୍ର ଘର ଭିତର ଓ ବାହାରକୁ ପରିଷ୍କାର ପରିଚ୍ଛନ୍ନ କରିବା ପ୍ରତି କେହି ବିଶେଷ ଗୁରୁତ୍ୱ ଦେଉନାହାନ୍ତି । ଏବେ ସାପ ଗାତକୁ ନଫେରି ବାହାରେ ରହିଥିବାବେଳେ ଜାଣତରେ ହେଉକି ଅଜାଣତରେ କାହାଠାରୁ ସାମାନ୍ୟ ଅଘାତ ପାଇଲେ ସେମାନେ ନିଜ ଜୀବନକୁ ରକ୍ଷା ପାଇଁ କାମୁଡି ଦେଉଛନ୍ତି । ଜିଲ୍ଲା ଜରୁରୀ କାଳୀନ ବିଭାଗର ସୂଚନା ଅନୁସାରେ ଗତ ବନ୍ୟା ସମୟରେ ସାପ କାମୁଡାରେ ଜିଲାର ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ବନ୍ୟା ପରେ ଅଦ୍ୟାବଧି ଆହୁରୀ ୨/୩ ଜଣଙ୍କର ମୃତ୍ୟୁ ହୋଇଛି । ସାପ କାମୁଡା ମୃତ୍ୟୁ ବାବଦ ସରକାରୀ ସହାୟତା ପାଇଁ ମୃତକ ପରିବାର ପକ୍ଷରୁ ଆବେଦନ ପରେ ସମ୍ପୂର୍ଣ୍ଣ ସଂଖ୍ୟା ଜଣାପଡିବ ବୋଲି ଜିଲ୍ଲା ଜରୁରୀକାଳୀନ ଅଧିକାରୀ ପ୍ରକାଶ କରିଛନ୍ତି ।ଅନ୍ୟପକ୍ଷରେ ଗତ ୨ ବର୍ଷ (୨୦୨୪ଓ ୨୦୨୫ ) ମସିହାରେ ଜିଲ୍ଲାର ୧୫୫ ଜଣଙ୍କର ସାପ କାମୁଡାରେ ମୃତ୍ୟୁ ହୋଇଥିବାବେଳେ୨୦୨୬ ରେ ଅଦ୍ୟାବଧି ମୃତ ୫ଜଣଙ୍କ ରିପୋର୍ଟ ବିଭାଗକୁ ଆସିଛି । ଏବେ ବି ବହୁ ମୃତକଙ୍କ କାଗଜପତ୍ର ବିଭିନ୍ନ ତହସିଲରେ ପ୍ରୋସେସିଂରେ ଥିବା ଜରୁରୀକାଳୀନ ବିଭାଗ ପକ୍ଷରୁ ସୂଚନା ମିଳିଛି । ସେହିଭଳି ସ୍ୱାସ୍ଥ୍ୟ ବିଭାଗର ସୂଚନାନୁସାରେ ବାଲେଶ୍ୱର ହୋଇଥିବା ଦୁଇଥର ବନ୍ୟାରେ ଗତ ଦେଢମାସ ମଧ୍ୟରେ ଏଫଏମ ମେଡିକାଲ କଲେଜ ଡାକ୍ତରଖାନା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ୧୮ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ୭୭ ପ୍ରଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ୫୫ରୁ ଅଧିକ ସାପକାମୁଡା ରୋଗୀ ଚିକିତ୍ସିତ ହୋଇଛନ୍ତି । ବିଶେଷ କରି ସାପ କାମୁଡିବା ପରେ ବିଳମ୍ବରେ ଡାକ୍ତରଖାନା ଆସିଥିବା ଲୋକଙ୍କ ସ୍ଥିତି ସଂଗୀନ ହୋଇଥିବାବେଳେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ପ୍ରକାଶ କରିଛନ୍ତି ଉଲେଖନୀୟ ବିଷୟ ହେଲା, ପ୍ରତିବର୍ଷ ଜିଲାରେ ୩ଶହରୁ ଅଧିକ ଲୋକ ସର୍ପାଘାତରେ ଶିକାର ହୋଇଥିବାବେ୧ଳେ ତନ୍ମଧ୍ୟରୁ ତୁରନ୍ତ ଚିକିତ୍ସିତ ହୋଇଥିବା ବ୍ୟକ୍ତି ବଂଚି ଯାଇଛନ୍ତି । ବିଶେଷ କରି ବିଳମ୍ବରେ ଡାକ୍ତରଖାନା ଯାଉଥିବା ସାପ କାମୁଡାରୋଗୀଙ୍କର ମୃତ୍ୟୁ ହୋଇଛି । ଅନ୍ୟପକ୍ଷରେ ଯେଉଁ ସାପଙ୍କର ବିଷଗ୍ରନ୍ଥି ପରିପକ୍ୱ ଅବସ୍ଥାକୁ ଚାଲିଆସିଥାଏ,ସେହି ସାପର କାମୁଡାରେ ଲୋକେ ଶୀଘ୍ର ମୃତ୍ୟୁ ବରଣ କରୁଛନ୍ତି ବୋଲି ବିଶେଷଜ୍ଞ ଜାଣିବାପରେ ସଂଗେ ସଂଗେ ଡାକ୍ତରଖାନାକୁ ନେଇ ଚିକିତ୍ସାକରାଗଲେଶତି ପ୍ରତିଶତ ଲୋକେ ବଂଚିପାରିବେ ବୋଲି ସେମାନେ କହିଛନ୍ତି । ମାତ୍ର ଏବେ ବି ଗାଁ ଗହଳିର ଲୋକେ ଡାକ୍ତରଖାନା ଯିବା ପରିବର୍ତ୍ତେ ପ୍ରଥମେ ଝଡାଫୁଙ୍କାର ସାହାଯ୍ୟ ନେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ସେମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି ।



## ସ୍ୱାୟତ ଶାସନ ଦିବସ ୨୦୨୬ ଉପଲକ୍ଷେ ବିଜ୍ଞାପିତ ଅଂଚଳ ପରିଷଦ ଖରିଆର ରୋଡ଼

**ସ୍ୱାୟତ ଶାସନ ଦିବସ ୨୦୨୬** ଉପଲକ୍ଷେ ବିଜ୍ଞାପିତ ଅଂଚଳ ପରିଷଦ, ଖରିଆର ରୋଡ଼ ତରଫରୁ ସମସ୍ତ ସହରବାସୀ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛୁ **ଓ ନିବେଦନ କରୁଛୁ କି,**

୧) ସହରକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ ଏବଂ ପରିବେଶ ପ୍ରଦୂଷଣ ମୁକ୍ତ କରିବା ପାଇଁ ବୃକ୍ଷ ରୋପଣ କରନ୍ତୁ ।
୨) ରାସ୍ତା ଉପରେ ଘର ନିର୍ମାଣ ସାମଗ୍ରୀ ଯଥ - ବାଲି, ମାଟି, ଇଟା, ପଥର ଓ ଗୋଡ଼ି ଆଦି ପକାନ୍ତୁ ନାହିଁ ।
୩) ଗୃହର ବର୍ଜ୍ୟବସ୍ତୁଗୁଡ଼ିକୁ ରାସ୍ତା ବା ନାଳିରେ ନ ପକାଇ ପରଷଦର ଗାଡ଼ି କିମ୍ୱା ଆବର୍ଜନା କୁଣ୍ଡରେ ପକାନ୍ତୁ ।
୪) ପରିଷଦର ଟିକସଗୁଡ଼ିକ ଠିକ୍ ସମୟରେ ପଇଠ କରି ସହରର ସର୍ବାଙ୍ଗୀନ ଉନ୍ନତିରେ ସାହାଯ୍ୟର ହାତ ବଢ଼ାନ୍ତୁ ।
୫) ପରିଷଦର ଅନୁମତି ନେଇ ନୂତନ ଗୃହ ନିର୍ମାଣ ତଥା ପୁରାତନ ଗୃହର ନବୀକରଣ କରନ୍ତୁ ।
୬) ନିଜର ଗୃହ ପାଳିତ ପଶୁମାନଙ୍କୁ ରାସ୍ତା ଉପରକୁ ଛାଡ଼ନ୍ତୁ ନାହିଁ ।
୭) ସହରକୁ ଏକକ ବ୍ୟବହୃତ ପଲିଥିନ ମୁକ୍ତ ସହର ଗଠନ କରିବା ପାଇଁ ପଲିଥିନ ବ୍ୟବହାର ବର୍ଜନ କରିବା ।
ଆସନ୍ତୁ, ମିଳିମିଶି ସଂକଳ୍ପ ନେବା ଆମ ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ।

**ଶ୍ରୀଯୁକ୍ତ କୁରୁକ୍ଷେତ୍ର ନାଏକ(ଓ.ରା.ସେ.)**
**କାର୍ଯ୍ୟ ନିର୍ବାହୀ ଅଧିକାରୀ**
**ବିଜ୍ଞାପିତ ଅଂଚଳ ପରିଷଦ**
**ଖରିଆର ରୋଡ଼**

**ଶ୍ରୀଯୁକ୍ତ ନିଶାନ୍ତ ଡାଗା**
**ଉପାଧ୍ୟକ୍ଷ**
**ବିଜ୍ଞାପିତ ଅଂଚଳ ପରିଷଦ**
**ଖରିଆର ରୋଡ଼**

**ଡ. ସୋନିଆ ଜୈନ**
**ଅଧ୍ୟକ୍ଷା**
**ବିଜ୍ଞାପିତ ଅଂଚଳ ପରିଷଦ**
**ଖରିଆର ରୋଡ଼**

---

## ବ୍ରହ୍ମପୁର ମହାନଗର ନିଗମ

### ସବୁଜ ସୁନ୍ଦର ବ୍ରହ୍ମପୁର ସହର ପାଇଁ ସର୍ବସାଧାରଣଙ୍କୁ ଅନୁରୋଧ

**କରନ୍ତୁ**

୧. ଆପଣଙ୍କ ଘର/ଅନୁଷ୍ଠାନର ଓଦା ବର୍ଜ୍ୟବସ୍ତୁକୁ ଯଥା :- ପରିବା ଚୋପା, ବାସି ଖାଦ୍ୟ ଇତ୍ୟାଦି ଶାଗୁଆ ରଙ୍ଗ ଡଷ୍ଟବିନ୍‌ରେ ଏବଂ ଶୁଖିଲା ବର୍ଜ୍ୟବସ୍ତୁ ଯଥା :- କାଗଜ/ପ୍ଲାଷ୍ଟିକ ଇତ୍ୟାଦିକୁ ନୀଳ ରଙ୍ଗର ଡଷ୍ଟବିନରେ ଅଲଗା ଅଲଗା କରି ରଖନ୍ତୁ ଏବଂ ଦୈନିକ ମହାନଗମର ନିଗମ ଦ୍ୱାରା ନିୟୋଜିତ ଆବର୍ଜନା ସଂଗ୍ରହକାରୀ ଯାନରେ ପକାନ୍ତୁ ।
୨. ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ଉପଭୋକ୍ତା ଦେୟ ସ୍ୱଚ୍ଛସାଥୀଙ୍କୁ ପ୍ରଦାନ କରନ୍ତୁ ।
୩. ବର୍ଜ୍ୟବସ୍ତୁ ଉତ୍ପାଦନକୁ କମ୍ କରନ୍ତୁ ।
୪. ସେପଟିକ୍ ଟ୍ୟାଙ୍କ ସହିତ ଶୌଚାଳୟକୁ ସଂଯୋଗ କରନ୍ତୁ ଏବଂ ଏହାକୁ ତିନି ବର୍ଷରେ ଥରେ ସଫା କରନ୍ତୁ ।
୫. ଅତି କମରେ ନିଜର ୫ ମିଟର ପରିସର ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖନ୍ତୁ ।

**କରନ୍ତୁ ନାହିଁ**

(୧) ଗୋଟିଏ ଡ଼ଷ୍ଟବିନ୍‌ରେ ଅଳିଆ ମିଶ୍ରଣ କରନ୍ତୁ ନାହିଁ ।
(୨) ଘରୋଇ ପଚାସଡ଼ା ବର୍ଯ୍ୟବସ୍ତୁ ଏବଂ ଘରୋଇ ବର୍ଜ୍ୟବସ୍ତୁ ସହ ଅଦରକାରୀ ପଦାର୍ଥ ଯଥା କାଗଜ, ପ୍ଲାଷ୍ଟିକ ଇତ୍ୟାଦି ମିଶ୍ରଣ କରନ୍ତୁ ନାହିଁ ।
(୩) ବାଲକୋନି/ଝରକାରୁ ସର୍ବସାଧାରଣ ରାସ୍ତା କିମ୍ୱା ଡ୍ରେନ୍‌କୁ ଅଳିଆ ପକାନ୍ତୁ ନାହିଁ ।
(୪) ଶୌଚାଳୟକୁ ନର୍ଦ୍ଦମା ସହ ସଂଯୋଗ କରନ୍ତୁ ନାହିଁ ।
(୫) ନିଜର ୫ ମିଟର ପରିସରକୁ ଅପରିଷ୍କାର କରନ୍ତୁ ନାହିଁ ।
(୬) ପଲିଥିନ ବ୍ୟାଗ୍, କପ୍, ପ୍ଲାଷ୍ଟିକ ଚାମଚ, ଥରମୋକଲ ଇତ୍ୟାଦି ବ୍ୟବହାର କରନ୍ତୁ ନାହିଁ ।
(୭) ଟାୟାର, ଫୁଲକୁଣ୍ଡ, ଅନ୍ୟାନ୍ୟ ପାତ୍ର ଇତ୍ୟାଦିରେ ଦିନ ଦିନ ବ୍ୟାପି ପାଣି ଜମା ହେବାକୁ ଦିଅନ୍ତୁ ନାହିଁ ।

**ଶ୍ରୀ ସମୀର କୁମାର ଜେନା,**
**କମିଶନର**
**ବ୍ରହ୍ମପୁର ମହାନଗର ନିଗମ**

**ଶ୍ରୀମତୀ ସଂଘମିତ୍ରା ଦଲେଇ,**
**ମେୟର**
**ବ୍ରହ୍ମପୁର ମହାନଗର ନିଗମ**

**ଶ୍ରୀ ଇ.ବିବେକ୍ ରେଡ୍ଡୀ**
**ଡେପୁଟି ମେୟର**
**ବ୍ରହ୍ମପୁର ମହାନଗର ନିଗମ**
**ଓ**
**ସମସ୍ତ କର୍ପୋରେଟର ବୃନ୍ଦ**
**ବ୍ରହ୍ମପୁର ମହାନଗର ନିଗମ**

---

### ୨୦୨୬ସ୍ୱାୟତ ଶାସନ ଦିବସ ପାଳନ ଅବସରରେ
### ନୀଳଗିରି ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ

**ବିକାଶ ପଥେ "ନୀଳଗିରି ବିଜ୍ଞାପିତ ଅଂଚଳ ପରିଷଦ" ନୀଳଗିରି**

୧. ନୀଳଗିରି ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ବୃକ୍ଷରୋପଣ କରି ପରିବେଶ ସୁସ୍ଥ ରଖନ୍ତୁ ।
୨. ପରିଷଦର ଟିକସ ଠିକ୍ ସମୟରେ ପୈଠ କରି ଆର୍ଥିକ ସ୍ଥିତିକୁ ମଜଭୂତ କରାନ୍ତୁ ।
୩. ପରିଷଦର ସମ୍ପତି ଆପଣଙ୍କର, ଏହାର ସୁରକ୍ଷା ଏବଂ ନିରାପତା ଆପଣଙ୍କର ନୈତିକ ଦାୟିତ୍ୱ ।
୪. ରାସ୍ତା କଡ଼ ଓ ନାଳ ଉପରେ କ୍ୟାବିନ୍ କିମ୍ୱା ଗୃହ ନିର୍ମାଣ ଜିନିଷ ଜମା କରି ରାସ୍ତା ଅବରୋଧ କରନ୍ତୁ ନାହିଁ ।
୫. ଗୃହପାଳିତ ପଶୁ ଯଥା :- ଗାଈ, ଗୋରୁ, ଛେଳି, ମେଣ୍ଢାମାନଙ୍କୁ ରାସ୍ତାରେ ବୁଲିବାକୁ ଦିଅନ୍ତୁ ନାହିଁ ।
୬. ନିଜ ନିଜର ଅଳିଆ ଆବର୍ଜନାକୁ ନାଳ କିମ୍ୱା ସର୍ବସାଧାରଣ ରାସ୍ତାରେ ପକାଇ ଘରକୁ ଘର ବୁଲି ଅଳିଆ ଆଣୁଥିବା କର୍ମଚାରୀଙ୍କୁ ପ୍ରଦାନ କରନ୍ତୁ ।
୭. ନୂତନ ପକ୍କା ଗୃହ ନିର୍ମାଣ କରିବା ପୂର୍ବରୁ ନକ୍ସା ଅନୁମୋଦନ କରାଇ ଗୃହ ନିର୍ମାଣ କରାନ୍ତୁ ।
୮. ନୀଳଗିରିକୁ ବ୍ୟବହୃତ ପ୍ଲାଷ୍ଟିକ୍ ମୁକ୍ତ ସହରରେ ପରିଣତ କରିବା ପରିଷଦର ଲକ୍ଷ, ଏହା ଦ୍ୱାରା ସହରକୁ ପ୍ରଦୂଷଣ ମୁକ୍ତ କରାଯାଇ ପାରିବ ।
୯. ଜଳ ନିଷ୍କାସନ ପାଇଁ ପଥ ଅବରୋଧ କରନ୍ତୁ ନାହିଁ ।

**ଶ୍ରୀ ଅଂଶୁମାନ ପରିଡ଼ା**
**ନିର୍ବାହୀ ଅଧିକାରୀ**
**ବିଜ୍ଞାପିତ ଅଂଚଳ ପରିଷଦ, ନୀଳଗିରି**

**ଶ୍ରୀଯୁକ୍ତ ମହେନ୍ଦ୍ର ନାଥ ବେହେରା**
**ଭାରପ୍ରାପ୍ତ ନଗରପାଳ**
**ବିଜ୍ଞାପିତ ଅଂଚଳ ପରିଷଦ, ନୀଳଗିରି**

**ସମସ୍ତ ସଭ୍ୟ/ସଭ୍ୟା ଓ କର୍ମଚାରୀ ବୃନ୍ଦ**
**ବିଜ୍ଞାପିତ ଅଂଚଳ ପରିଷଦ, ନୀଳଗିରି**

NO.13001/1686/2627
OIPR.13001/13179/1/26-27/0005

---

## ପୌର ପରିଷଦ, ନୟାଗଡ଼

"ସ୍ୱାୟତ ଶାସନ ଦିବସ - ୨୦୨୬ ଉପଲକ୍ଷେ

**ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ**

ଆମ ସହର ଆମର ଗର୍ବ ଓ ଗୌରବ
ଏହା ସଫା ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତବ୍ୟ ।

**"ସ୍ୱଚ୍ଛତା ହିଁ ସମ୍ମାନ"**

"ପୌର ପରିଷଦ ସମ୍ପତିର ସୁରକ୍ଷା, ଆମ ସମସ୍ତଙ୍କର ଦାୟିତ୍ୱ"

**ଶ୍ରୀଯୁକ୍ତ ଗୁରୁପ୍ରସାଦ ଜେନା**
**ଉପାଧ୍ୟକ୍ଷ**

**ଶ୍ରୀମତୀ ନିରୂପମା ଖଟେଇ**
**ଅଧ୍ୟକ୍ଷା**

**ଏବଂ ସମସ୍ତ ପାରିଷଦ ବର୍ଗ**
ନିର୍ବାହୀ ଅଧିକାରୀ ଓ ସମସ୍ତ କର୍ମଚାରୀ
ପୌର ପରିଷଦ, ନୟାଗଡ଼

---

## ।। ବିଜ୍ଞାପିତ ଅଂଚଳ ପରିଷଦ, ଗୋପାଳପୁର ।।

ଆସନ୍ତୁ ସମସ୍ତେ ମିଳିମିଶି ସଂକଳ୍ପ ନେବା :

- ଆମ ସହରକୁ ଆମେ ଗଢ଼ିବା ଓ ସୁନ୍ଦର ରଖିବା
- ପରିଷଦର ଟିକସ ଠିକ୍ ସମୟରେ ପୈଠ କରି ପରିଷଦର ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରିବା ।
- ସମୁଦ୍ରରେ ଗାଧୋଇବା ସମୟରେ ସତର୍କତା ଅବଲମ୍ୱନ କରନ୍ତୁ ।
- ପରିବେଶ ଓ ସମୁଦ୍ର କୂଳକୁ ସର୍ବଦା ସଫାସୁତୁରା ରଖନ୍ତୁ ।
- ପଲିଥିନ ବ୍ୟବହାର କରିବା ନାହିଁ ।
- ଖୋଲାରେ ଶୌଚ କରନ୍ତୁ ନାହିଁ ଓ ଶୌଚାଳୟ ବ୍ୟବହାର କରନ୍ତୁ ।
- ଉପଭୋକ୍ତା ଦେୟ ଏବଂ ବ୍ୟବସାୟିକ ଅନୁଷ୍ଠାନ ପାଇଁ ଅନୁମତି ଦେୟ ପରିଷଦକୁ ପୈଠ କରନ୍ତୁ ।



**ଶ୍ରୀ ଏ ଜାନକୀ ରାମ**
**ଅଧ୍ୟକ୍ଷ**



**ଶ୍ରୀମତୀ ବି ଉମା**
**ଉପାଧ୍ୟକ୍ଷା**



**ଶ୍ରୀ ମନୋଜ କୁମାର ନାହାକ**
**ନିର୍ବାହୀ ଅଧିକାରୀ**

### ସଭ୍ୟ ସଭ୍ୟା ବୃନ୍ଦ

| | | |
|---|---|---|
| ଶ୍ରୀ ଏସ. ବିରେନ କୁମାର | ଶ୍ରୀମତୀ ନିର୍ମଳା କୁଜୁର | ଶ୍ରୀ ଜି. ମୋହନ ରାଓ |
| କୁମାରୀ ରତନି କୁମାରୀ ନାୟକ | ଶ୍ରୀମତୀ ସୁନିତା ସାହୁ | ଶ୍ରୀ ଜି. ମୋହନ ରାଓ |
| ଶ୍ରୀମତୀ କଳ୍ପନା ବେହେରା | ଶ୍ରୀମତୀ ଏମ କାମେଶ୍ୱରୀ | ଶ୍ରୀ କେ. କାଲେଶୁ |

---

NO.13001/1685/2627

## ସୋର ପୌରପାଳିକା କାର୍ଯ୍ୟାଳୟ, ସୋର, ବାଲେଶ୍ୱର

ପବିତ୍ର ସ୍ୱାୟତ ଶାସନ ଦିବସ ୨୦୨୬ ଅବସରରେ ସୋର ପୌରପାଳିକା ତରଫରୁ ଶିକ୍ଷା, କଳା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟର ମାଟି ସୋର ପୌରପାଳିକାର ସମସ୍ତ ବୟୋଜ୍ୟେଷ୍ଠ ନାଗରିକ, ବୁଦ୍ଧିଜୀବୀ, ମହିଳା, ଛାତ୍ରଛାତ୍ରୀ, ସର୍ବୋପରି ସବୁ କ୍ଷେତ୍ରରେ ଦେଶ ଓ ରାଜ୍ୟ ପାଇଁ ଗର୍ବ ଆଣିଦେଇଥିବା ଏହି ମାଟିର ଯଶସ୍ୱୀ ଯୋଦ୍ଧା ସୈନିକ, କ୍ରୀଡ଼ାବିତ୍, ଶିକ୍ଷାବିତ୍, ସାହିତ୍ୟିକ, ପ୍ରବନ୍ଧକ, ପ୍ରଶାସକ, ରାଜନୈତିକ ବ୍ୟକ୍ତିତ୍ୱ, ସମାଜସେବୀ ଆଦି ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହିତ ସୋର ମାଟିର ଆହୁରି ଉତରୋତର ସମୃଦ୍ଧି ସହିତ ଏକ ସ୍ୱଚ୍ଛ, ସବୁଜ ଓ ଶାନ୍ତ ସୋର ସହର ଗଠନ ପାଇଁ ଆପଣଙ୍କର ସହଯୋଗ ଏକାନ୍ତ କାମ୍ୟ ।

**କାର୍ଯ୍ୟନିର୍ବାହୀ ଅଧିକାରୀ**
**ସୋର ପୌରପାଳିକା**

**ଜିଲ୍ଲାପାଳ ବାଲେଶ୍ୱର ତଥା**
**ଭାରପ୍ରାପ୍ତ ଅଧ୍ୟକ୍ଷ, ସୋର**
**ପୌରପାଳିକା, ସୋର**
**ଏବଂ ସମସ୍ତ ପରିଷଦ ବୃନ୍ଦ,**
**ସୋର ପୌରପାଳିକା**

OIPR.13001/13166/1/26-27/0006

---

## ବାରିପଦା ପୌରପାଳିକା

### ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୬ ଅବସରରେ
### ବାରିପଦାବାସୀଙ୍କୁ ପୌରପାଳିକାର

## ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା

ଆସନ୍ତୁ ସମସ୍ତେ ମିଶି ବାରିପଦା ସହରକୁ ସ୍ୱଚ୍ଛ ଓ ସୁନ୍ଦର ଭାବେ ଗଢି ତୋଳିବା ପାଇଁ ସଂକଳ୍ପବଦ୍ଧ ହେବା ଏବଂ ଆମ ସହରର ଉନ୍ନତିରେ ନିଜକୁ ସାମିଲ କରିବା ।

ସୀମା ଦାସ
ଉପ ନଗରପାଳ,
ବାରିପଦା ପୌରପାଳିକା ଓ
ସମସ୍ତ କାଉନସିଲର ବୃନ୍ଦ

ଦେବୀପ୍ରସାଦ ରାଉତ, ଓ.ପ୍ର.ସେ-ଏ (ଜେ.ବି)
ନିର୍ବାହୀ ଅଧିକାରୀ,
ବାରିପଦା ପୌରପାଳିକା

କୃଷ୍ଣାନନ୍ଦ ମହାନ୍ତି
ନଗରପାଳ,
ବାରିପଦା ପୌରପାଳିକା

---

# ଜାତୀୟ କ୍ରୀଡ଼ା ଦିବସ ପାଳନର ଉଦ୍‌ଯାପନୀ ଅବସରରେ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ

କଟକ(ନିପ୍ର) : କ୍ରୀଡା ଭିତିଭୂମି ସୁଦୃଢ଼ କରାଯାଇ କ୍ରୀଡା କ୍ଷେତ୍ରରେ ପ୍ରତିଭା ସୃଷ୍ଟି କରିବା ଲକ୍ଷ୍ୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କ୍ରୀଡା କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । ତୃଣମୂଳ ସ୍ତରରୁ ଅତ୍ୟାଧୁନିକ ସୁବିଧା ସୁଯୋଗ ସହ ଯୁବ କ୍ରୀଡାବିତଙ୍କୁ ପ୍ରୋତ୍ସାହନ ଓ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ବିଭିନ୍ନ ଯୋଜନାମାନ ପ୍ରଣୟନ କରିବା ସହ ୨୦୧୨ ମସିହା ଠାରୁ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଜୟନ୍ତୀକୁ ସମଗ୍ର ଦେଶରେ ଜାତୀୟ କ୍ରୀଡା ଦିବସ ଭାବେ ତିନିଦିନ ଧରି ପାଳନ କରାଯାଇଆସୁଅଛି । ଏହି ପରୀପ୍ରେକ୍ଷୀରେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମଠାରେ ଅଗଷ୍ଟ ୨୮ତାରିଖରୁ ଏହି ଦିବସ ପାଳନ କରାଯାଇ ଆଜି ଉଦଯାପନୀ ଦିବସ ପାଳିତ ହୋଇଯାଇଛି । କ୍ରୀଡାବିତଙ୍କ ସମେତ କ୍ରୀଡା ସଂଗଠକ, କ୍ରୀଡ଼ା ପ୍ରେମୀ ତଥା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଆଜିର ଏହି ଅବସରରେ ଏହି ଇଣ୍ଡୋର ଷ୍ଟାଡିୟମ୍ ଠାରୁ ବିଜୁ ପଟ୍ଟନାୟକ ଛକ ପର୍ଯ୍ୟନ୍ତ ଏକ ସାଇକଲ ଶୋଭାଯାତ୍ରା ସହ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତାତ୍ରୟ ଭାଉସାହେବ ଶିନ୍ଦେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଇକେଲ ଶୋଭାଯାତ୍ରାର ଶୁଭାରମ୍ଭ କରି ହକି କ୍ରୀଡାରେ ଧ୍ୟାନଚାନ୍ଦଙ୍କ ଅବଦାନ ସହ ତାଙ୍କର ପ୍ରଚେଷ୍ଟାରେ ଅଲିମ୍ପିକ୍ କ୍ରୀଡାରେ ଆମ ଦେଶର ସଫଳତା ତଥା ଅନ୍ୟାନ୍ୟ କ୍ରୀଡା କ୍ଷେତ୍ରରେ ଦେଶର ଉପଲବ୍ଧି ସଂପର୍କରେ ଆଲୋକପାତ କରିଥିଲେ ।ପାରମ୍ପରିକ କ୍ରୀଡା ସହ କ୍ରୀଡା ଭିତିଭୂମିର ଉନ୍ନତି ନିମନ୍ତେ ରାଜ୍ୟ ସରକାରଙ୍କ ପଦକ୍ଷେପ ବିଶେଷ କରି ପ୍ରତିବର୍ଷ ପ୍ରୋତ୍ସାହନ ନିମନ୍ତେ ସହାୟତା ଓ ରାଜ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଆୟୋଜନ ସଂପର୍କରେ ମଧ୍ୟ ଆଲୋକପାତ କରିଥିଲେ । ଏଥି ସହ ଶାରିରୀକ ସୁସ୍ଥତା ଓ ନିରୋଗ ଜୀବନ ଯାପନ ନିମନ୍ତେ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗଦ୍ୱାରା ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରାମ ପଂଚାୟତ, ବ୍ଲକ, ସହରାଂଚଳ ମାନଙ୍କରେ ବିଭିନ୍ନ ସମୟରେ କ୍ରୀଡା, ଦୌଡ କୁଦ ତଥା ଯୋଗ,ଧ୍ୟାନ ଆଦି କାର୍ଯ୍ୟକ୍ରମମାନ ଅୟୋଜନ କରାଯାଉଅଛି ବୋଲି କହିଥିଲେ । ଜିଲ୍ଲା କ୍ରୀଡା ଅଧିକାରୀ ଗଙ୍ଗାଧର ବେହେରା ତିନିଦିନ ଧରି ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଅଲମ୍ପିଆଡ, ଡି.ପି ଇରାନୀ, ଆନ୍ତର୍ଜାତୀୟ ଫୁଟବଲ ଖେଳାଳୀ, ଆର. ପି. ସିଂଙ୍କ ସମେତ ପ୍ରଶାନ୍ତ କୁମାର ତରାଇ ତଥା ଅନ୍ୟାନ୍ୟ ପ୍ରଶିକ୍ଷକମାନେ ଉପସ୍ଥିତ ଥିଲେ ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାହାପାଇଁ ?

ଲଙ୍ଗଳେଶ୍ୱର(ନିପ୍ର) : ସରକାରୀ ଆବାସ ଯୋଜନା କାହାପାଇଁ ? ସରକାରୀ ଘର ଅପେକ୍ଷାରେ ଦିବ୍ୟାଙ୍ଗ ପରିବାର । ସରକାରୀ ଆବାସ୍ ଘରକୁ ଅପେକ୍ଷା କରି ବାପା ମା'ଙ୍କ ଦେହାନ୍ତ ହୋଇଥିଲେ ମଧ୍ୟ, ଆବାସ ଯୋଜନାରୁ ଅଦ୍ୟାବଧି ବଂଚିତ ଅଛନ୍ତି ବାପା ମା ଛେଉଣ୍ଡ ପୁଅ । ତେବେ ମନରେ ପ୍ରଶ୍ନ ଉଠେ ସରକାରୀ ଆବାସ ଯୋଜନା ରେ ଘର ନେଉଛି କିଏ ? ଅଯୋଗ୍ୟ ବ୍ୟକ୍ତି ଘର ହାତଉ ନାହାଁନ୍ତି ତ ସୂଚନାରୁ ପ୍ରକାଶ ବାଲିଆପାଳ ବ୍ଲକ ବାଲିକୁଟୀ ପଂଚାୟତ ବାଲିକଟୀ ଗ୍ରାମର ସ୍ୱର୍ଗତ ଅନାଦି ଦାସ ଙ୍କ ପୁଅ ରାଜେନ୍ଦ୍ର ଦାସ । ବାପା ମା' ଉଭୟେ ମୃତ୍ୟୁ ବରଣ କରିଥିବା ବେଳେ, ସରକାରୀ ଆବାସ ଗୃହ ଯୋଜନାରେ ସାମିଲ ହେବାପାଇଁ,ବୃଦ୍ଧା ମା ଅପେକ୍ଷା କରି,ଶେଷରେ ମୃତ୍ୟୁ ହୋଇଥିଲେ ମଧ୍ୟ ଘର ଖଣ୍ଡେ ପାଇ ପାରିନଥିଲେ । ତାଙ୍କର ପୁଅ ମଧ୍ୟ ପକ୍କାଘର ସ୍ୱପ୍ନ ଦେଖୁଥିବା ବେଳେ, ସଦ୍ୟ ପ୍ରକାଶିତ ଆବାସ ତାଲିକାରୁ ବାଦ୍ ପଡିଛନ୍ତି । ତାଙ୍କର ଜଣେ ଦିବ୍ୟାଙ୍ଗ ଶିଶୁ ମଧ୍ୟ ରହିଛି । ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ଥିବା ବେଳେ ମଧ୍ୟ ମିଳୁନାହିଁ ସରକାରୀ ଆବାସ । ନିଜର ଆର୍ଥିକ ସ୍ୱଚ୍ଛଳତା ନଥିବା ବେଳେ,ଦାଦନ ଶ୍ରମିକ ଭାବରେ କାର୍ଯ୍ୟ କରୁଛନ୍ତି । ତେବେ ସରକାରୀ ଘର ଅପେକ୍ଷାରେ ରହିଥିବା ରାଜେନ୍ଦ୍ର ଙ୍କ ଆବାସ ତାଲିକାରେ କିନ୍ତୁ ନାଁ ନାହିଁ । ତେବେ ଏଠାରେ ପ୍ରଶ୍ନ ଉଠୁଛି, ସରକାରୀ ଅଧିକାରୀ, ସରପଂଚ ତଥା ପ୍ରାଧିକୃତ କର୍ମଚାରୀ ଙ୍କ ଉପରେ ।ଜଣେ ଦାଦନ ଶ୍ରମିକ ଘର ପାଇବାକୁ ଅଯୋଗ୍ୟ ହୋଇଥିବା ବେଳେ, ବାଲିକୁଟୀ ପଂଚାୟତର ବିତଶାଳୀ, ସରକାରୀ ଚାକିରିଆ, ଏମିତିକି ଆଗରୁ ଆବାସ ଘର ପାଇଥିବା ପରିବାର ପୁଣି ଘର ପାଇବାକୁ ଯୋଗ୍ୟ ହୋଇ ତାଲିକାରେ ନାଁ ଥିବା ବେଳେ, କିନ୍ତୁ ରାଜେନ୍ଦ୍ର ଙ୍କ ନାମ ନାହିଁ । ନିଜ ର ଦିବ୍ୟାଙ୍ଗ ପିଲା ସହ ପରିବାର ଖରା ବର୍ଷା ଓ ଶୀତ କାକରରେ ଭଙ୍ଗାଘରେଙ୍କ ଦିନ ବିତେଇବାକୁ ବାଧ ହେଉଛନ୍ତି ।

# ଆକୃତି ବିଦ୍ୟାମନ୍ଦିର ବିଜ୍ଞାନମେଳା କାର୍ଯ୍ୟକ୍ରମ



କଟକ(ନିପ୍ର) : ଆକୃତି ବିଦ୍ୟା ମନ୍ଦିର ପରିସରରେ ୧୫ତମ ବାର୍ଷିକ ବିଜ୍ଞାନ ବାଟିକା ଆନନ୍ଦ ଉଲ୍ଲାସ ସହ ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟ ଓ ଅନ୍ୟ ବିଦ୍ୟାଳୟର ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିଭିନ୍ନ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ସ୍ମାର୍ଟ ଅଏଲ୍ ସ୍କିମ୍, ଆତ୍ମହତ୍ୟା ନିରୋଧୀ ସ୍ମାର୍ଟ ଫ୍ୟାନ୍ ମୋଡେଲ୍, କାରଖାନା ପାଇଁ କାର୍ବନ୍ ବିଶୋଧନ ପ୍ରଣାଳୀ,ସ୍ମାର୍ଟ କୃଷି ପ୍ରଣାଳୀ,ସୌରଶକ୍ତି, ପ୍ରଦୂଷଣ ନିୟନ୍ତ୍ରଣ, ରୋବୋଟିକ୍ସ ଓ ସ୍ମାର୍ଟ ସିଟି ଭଳି ଅନେକ ଆକର୍ଷଣୀୟ ଏବଂ ଉପଯୋଗୀ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ । ଏଥି ସହ ବିଭିନ୍ନ ଔଷଧୀୟ ଉଦ୍ଭିଦ ଓ ତାର ଉପକାରିତା, ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶୀଳ୍ପ, ମୀନାବଜାର ଓ ପୁସ୍ତକ ମେଳା ପ୍ରଦର୍ଶିତ କରାଯାଇଥିଲା । ମୁଖ୍ୟ ଅତିଥି ତ୍ରୀନାଥ ସେଠି ସି.ଆର.ସି, ଓଇଏସ୍‌ସି କ୍ଲଷ୍ଟର ସମ୍ପଦ କେନ୍ଦ୍ର କଟକ, ସମ୍ମାନୀୟ ଅତିଥି ଅଜୟ କୁମାର ନନ୍ଦ ପ୍ରଧାନଶିକ୍ଷକ ରତ୍ନାକର ବିଦ୍ୟାମନ୍ଦିର, ସୁଶୀଲ୍ କୁମାର ସ୍ୱାଇଁ ପ୍ରଧାନଶିକ୍ଷକ କୁଞ୍ଜବିହାରୀ ହାଇସ୍କୁଲ, ଡକ୍ଟର ବିଶ୍ୱମୋହନ ଜେନା ଓଇଏସ୍-୧ ଓ ନିମନ୍ତ୍ରିତ ବିଚାରକମଣ୍ଡଳୀ ରୋଜାଲୀନ୍ ଦାସ ବିଜ୍ଞାନ ଶିକ୍ଷୟତ୍ରୀ କୁଞ୍ଜବିହାରୀ ହାଇସ୍କୁଲ ଓ ପ୍ରଫୁଲ କୁମାର ଦଳାଇ ଜେନିଥ୍ କଲେଜର ଅଧ୍ୟକ୍ଷ ପ୍ରତ୍ୟେକ ପ୍ରକଳ୍ପକୁ ଅନୁଧ୍ୟାନ କରିବା ସହ ଛାତ୍ରଛାତ୍ରୀମାନଙ୍କ ପ୍ରତିଭାକୁ ଭୂୟସୀ ପ୍ରଶଂସା କରିଥିଲେ । ଶେଷରେ ସର୍ବଶ୍ରେଷ୍ଠ ପ୍ରକଳ୍ପଗୁଡ଼ିକୁ ଚିହ୍ନଟ କରାଯାଇ କୃତୀ ବିଜେତା ମାନଙ୍କୁ ପୁରସ୍କୃତ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ନିଜ ଭାଟି ମଦ ପିଇ ଚୋରା ବେପାରୀଙ୍କ ମୃତ

ସୋର(ସପ୍ର) : ସୋର ବ୍ଲକ ମଧୁସୂଦନପୁର ପଂଚାୟତ ଅଗିରିଆ ଗ୍ରାମର ଜଣେ ଚୋରା ମଦ ବିକୁଥିବା ଯୁବକ ନିଜ ଭାଟିର ବିଶାକ୍ତ ମଦ ପିଇବା କାରଣରୁ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଏହି ଗ୍ରାମର ଅରୁଣ କୁମାର ବେହେରା ଦୀର୍ଘଦିନ ହେଲା ଏହି ଗ୍ରାମର ପିତାକାଳିଆ ନଦୀ ପାଶ୍ୱର୍ରେ ଏକ ସରକାରୀ ଜମିରେ ଚୋରା ମଦ ଭାଟି କରି ବିକ୍ରି କରୁଥିବା ବେଳେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରି ଆସୁଥିଲେ । ଗତ କାଲି ନିଜ ଭାଟିର ମଦ ପିଇ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ପରିବାର ଲୋକେ ପ୍ରଥମେ ସୋର ଭର୍ତିକରିଥିଲେ । ମାତ୍ର ତାଙ୍କ ଅବସ୍ଥା ଅଧିକ ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ସକାଳେ ମୃତ୍ୟୁ ଘଟିଛି । ସେ ବିକ୍ରିକରୁଥିବା ଅପମିଶ୍ରିତ ମଦ ପିଇ ମୃତ୍ୟୁ ହୋଇଥିବା ଗ୍ରାମର ଲୋକମାନେ ଅଭିଯୋଗ କରିଛନ୍ତି ।





ସଂସାରରେ ସତ୍ୟ ହିଁ ଏକମାତ୍ର ପ୍ରକୃତ ଆତ୍ମୀୟ, ସତ୍ୟ ଭିନ୍ନ ଆଉ କେହି ତୁମ୍ଭର ଆତ୍ମୀୟ ନୁହନ୍ତି ।

# ଆଜିକାଲି



ଶ୍ୱଶୁରାନ୍ ସୁହୃଦଶ୍ଚୈବ ସେନୟୋରୁଭୟୋରପି । ତାନ୍ ସମୀକ୍ଷ୍ୟ ସ କୌନ୍ତେୟଃ ସର୍ବାନ୍ ବନ୍ଧୂନବସ୍ଥିତାନ୍
(ଶ୍ରୀମଦ୍ ଭଗବଦ୍ ଗୀତା)
ଭାବାର୍ଥ : ତାପରେ ଉପସ୍ଥିତ ଶ୍ୱଶୁର ଓ ସୁହୃଦୟମାନଙ୍କୁ ଉଭୟ ସୈନ୍ୟ ମଧ୍ୟରେ ଦେଖିଲେ । ଏହା ଦେଖି କୁନ୍ତୀପୁତ୍ର ଅର୍ଜୁନ ଅତ୍ୟନ୍ତ ବିଷର୍ଣ୍ଣ ହେଲେ ।

## ପୋଲିସର ସ୍ୱତନ୍ତ୍ର ପ୍ରବର୍ତ୍ତନ ଅଭିଯାନ

ମହିଳାଙ୍କ ସୁରକ୍ଷା ଓ ସଂରକ୍ଷଣ, ମହିଳାଙ୍କ ବିରୋଧରେ ଅପରାଧ ରୋକିବା, ସଂଗଠିତ ଅପରାଧର ସିଣ୍ଡିକେଟ୍‌କୁ ଭାଙ୍ଗିବା ସହ ମାଦକଦ୍ରବ୍ୟ ଏବଂ ବେଆଇନ ମଦ ବିରୋଧରେ ନିରନ୍ତର ଅଭିଯାନ ଚଳାଇବା ଓଡ଼ିଶା ପୋଲିସର ପ୍ରମୁଖ ପ୍ରାଥମିକତା ମଧ୍ୟରେ ରହିଛି । ଏହି ପ୍ରାଥମିକତା ଅନୁଯାୟୀ, ଓଡ଼ିଶା ପୋଲିସ ଡିଜିଙ୍କ ନିର୍ଦ୍ଦେଶରେ ଓଡ଼ିଶା ପୋଲିସ ପକ୍ଷରୁ ୨୬ ଅଗଷ୍ଟ ୨୦୨୬ ରାତିରେ କଟକ ଓ ଭୁବନେଶ୍ୱରରରେ ସ୍ୱତନ୍ତ୍ର ପ୍ରବର୍ତ୍ତନ ଅଭିଯାନ ଚଳାଯାଇଥିଲା । ଏହି ଅଭିଯାନ ସମୟରେ ବେଆଇନ ଅସ୍ତ୍ର, ବେଆଇନ ମଦ, ମାଦକଦ୍ରବ୍ୟ, ଅପରାଧିକ କାର୍ଯ୍ୟକଳାପ, ମଦ୍ୟପାନ କରି ଗାଡ଼ି ଚଳାଇବା ଏବଂ ଅନାବଶ୍ୟକ ଟ୍ରାଫିକ୍ ନିୟମ ଉଲ୍ଲଂଘନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଏଥିସହ ରାତ୍ରିକାଳୀନ ପାଟ୍ରୋଲିଂ ଓ ଯାନବାହନ ଯାଂଚକୁ ମଧ୍ୟ ତୀବ୍ର କରାଯାଇଥିଲା । ଏହି ସ୍ୱତନ୍ତ୍ର ଅଭିଯାନ ପାଇଁ ମୋଟ ୩୩୬ ଜଣ କ୍ୟାଡେଟ୍ ସବ୍-ଇନ୍ସପେକ୍ଟରଙ୍କୁ ନିୟୋଜିତ କରାଯାଇଥିଲା । ଏହି ଅଧିକାରୀମାନଙ୍କୁ କ୍ଷେତ୍ରରେ ପ୍ରବର୍ତ୍ତନମୂଳକ କାର୍ଯ୍ୟାନୁଷ୍ଠାନ କରିବା ସହ ପୋଲିସିଂ ଅଭିଯାନର ବ୍ୟବହାରିକ ଅଭିଜ୍ଞତା ହାସଲ କରିବାର ସୁଯୋଗ ମଧ୍ୟ ଦିଆଯାଇଥିଲା । କଟକରେ ଏହି ଅଭିଯାନ ସମୟରେ ମଦ୍ୟପାନ କରି ଗାଡ଼ି ଚଳାଇବାର ୯୦ଟି ମାମଲା ଧରାପଡ଼ିଥିଲା ଏବଂ ୯୦ଟି ଗାଡ଼ି ଜବତ କରାଯାଇଥିଲା । ଜବତ ଗାଡ଼ି ମଧ୍ୟରେ ୨୧ଟି ଚାରିଚକିଆ ଏବଂ ୬୯ଟି ଦୁଇଚକିଆ ଯାନ ରହିଛି । ଏହା ବ୍ୟତୀତ ଅବକାରୀ ବିଭାଗ ସମ୍ପର୍କିତ ୨ଟି ମାମଲା ରୁଜୁ କରାଯାଇ ୩୩୫ ଲିଟର ମଦ ଜବତ କରାଯାଇଥିଲା । ମୋଡିଫାଏଡ୍ ସାଇଲେନ୍ସର ବ୍ୟବହାର ସମ୍ପର୍କିତ ୨ଟି ମାମଲା ମଧ୍ୟ ଧରାପଡ଼ିଥିବା ବେଳେ ୪ଟି ମୋବାଇଲ୍ ଫୋନ୍ ଜବତ କରାଯାଇଥିଲା । ଅନ୍ୟପକ୍ଷରେ, ଭୁବନେଶ୍ୱରରେ ମଦ୍ୟପାନ କରି ଗାଡ଼ି ଚଳାଇବାର ୧୨୨ଟି ମାମଲା ରୁଜୁ କରାଯାଇଥିଲା ଏବଂ ୧୨୨ଟି ଗାଡ଼ି ଜବତ ହୋଇଥିଲା । ଏଥିରେ ୪୯ଟି ଚାରିଚକିଆ, ୮ଟି ତିନିଚକିଆ ଏବଂ ୬୫ଟି ଦୁଇଚକିଆ ଯାନ ସାମିଲ ରହିଛି । ମୋଟର ଯାନ ଆଇନ ଏବଂ ଓଡ଼ିଶା ସହରାଂଚଳ ପୋଲିସ ଆଇନ ଅନୁଯାୟୀ ୭୯,୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା । ଚନ୍ଦ୍ରଶେଖରପୁର ଥାନା ପୋଲିସ ବାଲି ବୋଝେଇ ୨ଟି ହାଇୱା ଗାଡ଼ି ଜବତ କରିଥିଲା । ମଂଚେଶ୍ୱର ଥାନା ପୋଲିସ ଅବକାରୀ ଆଇନ ଅନୁଯାୟୀ ୨ଟି ମାମଲା ଏବଂ ମୋଡିଫାଏଡ୍ ସାଇଲେନ୍ସର ସମ୍ପର୍କିତ ୨ଟି ମାମଲା ଧରିଥିଲା । ସେହିପରି, ଖଣ୍ଡଗିରି ଥାନା ପୋଲିସ ପଦଯାତ୍ରା ପାଟ୍ରୋଲିଂ ସମୟରେ ନିଛାଟିଆ ସ୍ଥାନରେ ମଦ୍ୟପାନ କରୁଥିବା ୩ ଜଣ ଅସାମାଜିକ ବ୍ୟକ୍ତିଙ୍କୁ ଗିରଫ କରିଥିଲା । ଏହି ସ୍ୱତନ୍ତ୍ର ପ୍ରବର୍ତ୍ତନ ଅଭିଯାନ ସମୟରେ ମଦ୍ୟପାନ କରି ଗାଡ଼ି ଚଳାଇବା, ମୋଡିଫାଏଡ୍ ସାଇଲେନ୍ସର ବ୍ୟବହାର, ବେଆଇନ କାର୍ଯ୍ୟକଳାପ ଏବଂ ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା । ଏହି ଅଭିଯାନ ମାଧ୍ୟମରେ ରାତି ସମୟରେ ପୋଲିସର ଦୃଶ୍ୟମାନ ଉପସ୍ଥିତି ବଢ଼ାଇବା, ଅପରାଧ ରୋକିବା, ସଡ଼କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ନାଗରିକଙ୍କ ସୁରକ୍ଷାଭାବକୁ ଅଧିକ ସୁଦୃଢ଼ କରିବା ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା । ଏହି ଅଭିଯାନ ଦୃଶ୍ୟମାନ ଓ ସକ୍ରିୟ ପୋଲିସିଂ, ସୁରକ୍ଷିତ ସଡ଼କ, ଅପରାଧ ନିରାକରଣ ଏବଂ ନାଗରିକଙ୍କ ସୁରକ୍ଷା ପ୍ରତି ତାହାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ପୋଲିସର ପ୍ରାଥମିକତାଗୁଡ଼ିକୁ ପ୍ରଭାବଶାଳୀ ଭାବେ ଲାଗୁ କରିବା ସହ ଆଇନଶୃଙ୍ଖଳା ଓ ସାର୍ବଜନୀନ ସୁରକ୍ଷା ବଜାୟ ରଖିବା ପାଇଁ ଏଭଳି ଲକ୍ଷ୍ୟଭିତିକ ପ୍ରବର୍ତ୍ତନ ଅଭିଯାନ ଏବଂ କ୍ଷେତ୍ରକେନ୍ଦ୍ରିକ ପୋଲିସିଂ ଅଭ୍ୟାସ ଆଗାମୀ ଦିନରେ ମଧ୍ୟ ଜାରି ରହିବ ।

# ସ୍ୱାୟତ୍ତ ଶାସନ ଦିବସ

◆ ବିପିନ ବିହାରୀ ରାଉତ



ପ୍ରତ୍ୟେକ ବର୍ଷ ଅଗଷ୍ଟ ୩୧ ତାରିଖକୁ ସ୍ୱାୟତ୍ତ ଶାସନ ଦିବସ ରୂପେ ପାଳନ କରାଯାଇଥାଏ । ଏହି ଦିନ ରାଜ୍ୟର ବିଭିନ୍ନ ପୌରାଂଚଳ ଏବଂ ବିଜ୍ଞାପିତ ଅଂଚଳ ପରିଷଦରେ ଅନେକ ଜନକଲ୍ୟାଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥାଏ । ଓଡ଼ିଶାରେ ବ୍ରହ୍ମପୁର ମ୍ୟୁନିସିପାଲଟି ସର୍ବପୁରାତନ ସ୍ୱାୟତ୍ତ ଶାସନ ସଂସ୍ଥା ରୂପେ ବିବେଚିତ ହୋଇଥାଏ । ୧୮୫୫ ମସିହାରେ କାର୍ଯ୍ୟକ୍ଷମ ହୋଇଥିଲା । ପରେ ୧୮୬୯ ମସିହାରେ କେନ୍ଦ୍ରାପଡ଼ା ଓ ଯାଜପୁର ଏବଂ ପରବର୍ତ୍ତୀ ସମୟରେ ୧୮୭୬ରେ କଟକ ଓ ବାଲେଶ୍ୱରକୁ ମ୍ୟୁନିସିପାଲଟି ରୂପେ ଘୋଷଣା କରାଯାଇଥିଲା । ପ୍ରାଚୀନ ଓଡ଼ିଶାରେ ବ୍ରହ୍ମପୁର ଥିଲା ବାଣିଜ୍ୟିକ, ସାଂସ୍କୃତିକ, ଧାର୍ମିକ ଏବଂ ରାଜନୈତିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ । ଗଣତାନ୍ତ୍ରିକ ଶାସନ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ସୃଷ୍ଟି ହୋଇଥିଲା । କ୍ଷମତାର ବିକେନ୍ଦ୍ରୀକରଣ ଦ୍ୱାରା ଶାସନର ସୁଫଳ ଯେପରି ଲୋକଙ୍କ ନିକଟରେ ପହଂଚ୍ପାରିବ ତାହା ଏହି ଦିବସ ପାଳନର ଉଦ୍ଦେଶ୍ୟ । ବିଶେଷ କରି ଜନସ୍ୱାସ୍ଥ୍ୟ, ଶିକ୍ଷା, ସାଧାରଣ କଲ୍ୟାଣମୂଳକ କାର୍ଯ୍ୟକ୍ରମର ସୁଫଳ ଯେପରି ଜନତାଙ୍କ ନିକଟରେ ପହଂଚ୍ପାରିବ ତାହା ସ୍ୱାୟତ୍ତ ଶାସନ ଦିବସ ପାଳନର ମୌଳିକ ଲକ୍ଷ୍ୟ । ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ନନ୍ଦବଂଶ ଶାସନ କାଳରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥାର ପ୍ରଚଳନ କୌଟିଲ୍ୟ କରିଥିଲେ ବୋଲି ଅର୍ଥଶାସ୍ତ୍ରରେ ଉଲ୍ଲେଖ ରହିଛି ।

*ଶ୍ରୀବିହାର କଲୋନୀ, କଟକ, ଦୂରଭାଷ : ୯୪୩୭୬୬୬୪୫୩*

# କବୟିତ୍ରୀ ଅମୃତା ପ୍ରୀତମ୍

◆ ଶେଖ ଫରିଦ୍‌ଉଦ୍ଦିନ



୧୯୧୯ ମସିହା ଆଜିର ଦିନରେ ପ୍ରସିଦ୍ଧ କବୟିତ୍ରୀ ଅମୃତା ପ୍ରୀତମ୍‌ଙ୍କ ଜନ୍ମ ହୋଇଥିଲା । ସେ ଭାରତର ଜଣେ ପ୍ରସିଦ୍ଧ ମହିଳା ଲେଖିକା, ସାହିତ୍ୟକାର, ନିବନ୍ଧକାର ତଥା କବୟିତ୍ରୀ ଥିଲେ । ପଞ୍ଜାବୀ ଏବଂ ହିନ୍ଦୀ ଭାଷାରେ ସେ ଅନେକ କବିତା ଲେଖିଯାଇଛନ୍ତି । ତାଙ୍କୁ ପଞ୍ଜାବର ପ୍ରଥମ ମହିଳା କବୟିତ୍ରୀ ବୋଲି ମଧ୍ୟ କୁହାଯାଏ । ତାଙ୍କୁ ଭାରତ ଏବଂ ପାକିସ୍ତାନ ଉଭୟ ପକ୍ଷରୁ ଭଲପାଇବା ମିଳିଥିଲା । ନିଜ ଲେଖନୀ ଚାଳନାର ଜୀବନୀ ମଧ୍ୟରେ ସେ ୧୦୦ରୁ ଉର୍ଦ୍ଧ୍ୱ କବିତା ପୁସ୍ତକ, ଜୀବନୀ, ନିବନ୍ଧ ଏବଂ ପଞ୍ଜାବୀ ଲୋକଗୀତ ତଥା ଆତ୍ମକଥା ଲେଖିଛନ୍ତି । ତାଙ୍କ ଲେଖାକୁ ଅନେକ ଭାରତୀୟ ଭାଷା ଏବଂ ବିଦେଶୀ ଭାଷାରେ ଅନୁବାଦ କରାଯାଇଛି । ଭାରତ ବିଭାଜନ ପରେ ସେ ଭାରତରେ ପଞ୍ଜାବକୁ ଚାଲିଆସିଲେ । କିନ୍ତୁ ଏହାର ପ୍ରଭାବ ତାଙ୍କ ପ୍ରସିଦ୍ଧ ଉପରେ ପଡ଼ିନଥିଲା । ବିଭାଜନ ପରେ ବି ପାକିସ୍ତାନୀ ଲୋକେ ତାଙ୍କ କବିତାକୁ ଖୁବ୍ ପସନ୍ଦ କରୁଥିଲେ । ୧୯୫୬ରେ ପଞ୍ଜାବ ସାହିତ୍ୟରେ ତାଙ୍କୁ ମହିଳାଙ୍କ ମୁଖ୍ୟ ସ୍ୱର ରୂପେ ଦର୍ଶାଗଲା । ଏହି ଲେଖନୀ ପାଇଁ ତାଙ୍କୁ ସାହିତ୍ୟ ଏକାଡ଼େମୀ ପୁରସ୍କାର, ଜ୍ଞାନପୀଠ, ପଦ୍ମବିଭୂଷଣ ଆଦି ସମ୍ମାନରେ ସମ୍ମାନିତ କରାଯାଇଥିଲା । ୨୦୦୫ ମସିହା ଅକ୍ଟୋବର ୩୧ରେ ଅମୃତା ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

*ଦୂରସଂଚାର ଭବନ, ଲିଙ୍କରୋଡ଼, କଟକ, ଦୂରଭାଷ : ୯୪୩୭୦୦୪୮୮୮*

# ସ୍ମୃତିକଥା ଦିବସ




ସ୍ମୃତି କଥା ବା ମେମୋର ପଢ଼ିବାକୁ କିଏ ଭଲ ନପାଏ, କହିଲେ ଦେଖି ବିଶ୍ୱରେ ଏମିତି କୌଣସି ଭାଷା ସାହିତ୍ୟ ନଥିବ ଯେଉଁଥିରେ ସ୍ମୃତିକଥା ବା ଆତ୍ମସ୍ମୃତି ନଥିବ । କେଉଁ କାଳରୁ ସାହିତ୍ୟିକମାନେ ସ୍ମୃତିକଥା ଆଧାରରେ ଗଳ୍ପ, ଉପନ୍ୟାସ, ନାଟକ, କାବ୍ୟ କବିତା ମଧ୍ୟ ଲେଖି ଆସିଲେଣି । ତେଣୁ, ଅନେକ ଭଲ ପାଉଥିବା ଏହି ବିଷୟକୁ ଦିନଟିଏ ଦେବା ପାଇଁ ପ୍ରତି ବର୍ଷ ଅଗଷ୍ଟ ଏକତିରିଶ ତାରିଖରେ ବିଶ୍ୱ ସ୍ତରରେ ପାଳିତ ହେଉଛି ସ୍ମୃତିକଥା ଦିବସ । ୨୦୧୩ରେ ଭିକ୍ଟୋରିଆ ଟ୍ୱେଡ଼ ଓ ଆଲାନ୍ ପାର୍କସ୍ ଏହି ଦିବସ ପାଳନ ଆରମ୍ଭ କରିଥିଲେ । ଦୁହେଁ ଆମେରିକାର ପ୍ରସିଦ୍ଧ ବେଷ୍ଟସେଲର । ଭିକ୍ଟୋରିଆ, ଚିକେନ୍ସ, ମୁଲ୍ସ ଆଣ୍ଡ ଟୁ ଓଲ୍ଡ ଫୁଲ୍ସର ଲେଖିକା । ଆଲାନ୍‌ଙ୍କ ସିରିଅସ୍‌ଲି ମମ୍, ହ୍ୱାଟ ଇଜ ଆନ୍ ଆଲ୍‌ପାକା ? ଏକ ପ୍ରସିଦ୍ଧ କୃତି । ସ୍ମୃତିକଥା ତଥା ସ୍ମୃତିକଥାମୂଳକ ସାହିତ୍ୟର ଜୟଗାନ, ଏହି ଦିବସର ଲକ୍ଷ୍ୟ ହେଉ ।

# ଚୌଧୁରୀ ଡ. ହେମକାନ୍ତ ମିଶ୍ର

ଶିକ୍ଷା ଓ ସାହିତ୍ୟ କ୍ଷେତ୍ରରେ ସଫଳତାର ଶୀର୍ଷ ଛୁଇଁପାରିଥିବା ପ୍ରସିଦ୍ଧ ଓଡ଼ିଆମାନଙ୍କ ମଧ୍ୟରେ ଚୌଧୁରୀ ଡ.ହେମକାନ୍ତ ମିଶ୍ର ଅନ୍ୟତମ । କଟକ ଜିଲ୍ଲା ମାହାଙ୍ଗା ଅନ୍ତର୍ଗତ ଭେଡ଼ା ଗ୍ରାମରେ ସେ ଜନ୍ମ ହୋଇଥିଲେ । ଶୈଶବରୁ ଥିଲେ ମେଧାବୀ । ମନୋବିଜ୍ଞାନରେ ସ୍ନାତକୋତର ଏବଂ ପିଏଚ୍‌ଡ଼ି ପରେ, ଭାରତୀୟ ଭାଷା ସଂସ୍ଥା, ମାଡ୍ରାସ ଟେକ୍‌ନିକାଲ ଟିଚର୍ସ ଇନ୍‌ଷ୍ଟିଚ୍ୟୁଟ, ଇଲାହାବାଦ ବିଶ୍ୱବିଦ୍ୟାଳୟ, ଖଡ଼ଗପୁର ଆଇଆଇଟି, ଦିଲ୍ଲୀସ୍ଥିତ ଏନ୍‌ସିଇଆରଟି ଆଦିରେ ଅଧ୍ୟାପନା କରିଥିଲେ । ରେଭେନ୍ସା କଲେଜରେ ପଢୁଥିବା ବେଳେ ତାଙ୍କ ସାରସ୍ୱତ ଜୀବନ ଆରମ୍ଭ ହୋଇଥିଲା । ପ୍ରଥମେ ବ୍ୟଙ୍ଗ ସାହିତ୍ୟ ରଚନା କରୁଥିଲେ । ପରେ ସେ କବିତା, ନାଟକ, ପ୍ରବନ୍ଧ ଓ ଅନୁବାଦ ସାହିତ୍ୟରେ ଲେଖନୀ ଚାଳନା କରି ପ୍ରସିଦ୍ଧି ଲାଭ କରିଥିଲେ । ସାରସ୍ୱତ ପ୍ରତିଭାର ସ୍ୱୀକୃତି ସ୍ୱରୂପ ନିଷିଦ୍ଧ ପୁସ୍ତକ ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମି ଓ ଅନୁବାଦ ପୁସ୍ତକ ତମସ ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମି ପୁରସ୍କାର ଦ୍ୱାରା ଡ.ମିଶ୍ର ସମ୍ମାନିତ । ୨୦୦୫, ଅଗଷ୍ଟ ୩୧ ତାରିଖ ଦିନରେ ତାଙ୍କର ପରଲୋକ ହୋଇଥିଲା ।

## ତୀର୍ଯ୍ୟକ

# କହିଲେ କହିବ କହୁଛି

ସମୟକୁ ତାଳ ଦେଇ ମଣିଷ ପରିବର୍ତ୍ତନ ହୋଇଥାଏ ବୋଲି ଆମେ ଦେଖୁଛୁ ଏବଂ ଅନୁଭବ କରୁଛୁ । ମଣିଷ କିନ୍ତୁ ନିଜ ବିବେକ ଅନୁସାରେ ପରିବର୍ତ୍ତନ ହେଉ ନାହିଁ । ସ୍ୱାର୍ଥନ୍ୱେଷୀ ମନୋଭାବ ପାଇଁ ମଣିଷ ବର୍ଷା ଯିଆଡ଼େ ଛତା ସିଆଡ଼େ ନୀତିରେ ଢ଼ଳି ପଡୁଛନ୍ତି । ନୀତି, ନିଷ୍ଠା, ନ୍ୟାୟ, ଧର୍ମ ସବୁକିଛିକୁ ବଳି ପକାଇ କିପରି ଅନ୍ୟ ମାନଙ୍କ ତଂଟି ଚିପି ଶୋଷିବା ସେଇଟା ହିଁ ଆଜିକା ଦିନରେ ଏକ ମୁଖ୍ୟ ଧର୍ମ ପାଲଟିଛି । ଯେଉଁଥି ପାଇଁ ସାରା ବିଶ୍ୱରେ ଭୟାବହ ନିଆଁ ଜଳିବାରେ ଲାଗିଛି । କେହି ବି ଶାନ୍ତିରେ ନିଶ୍ୱାସ ଟିକେ ମାରିପାରୁ ନାହାଁନ୍ତି । ଘରେ ବାହାରେ ସବୁ କ୍ଷେତ୍ରରେ କେବଳ ଅଶାନ୍ତ ପରିବେଶ ସୃଷ୍ଟି ହେଉଛି । ପାରିବାରିକ କଳହ ହେଉ କିମ୍ବା ରାଜନୈତିକ ହିଂସାକାଣ୍ଡ କିମ୍ବା ସାମାଜିକ ବିକ୍ଷୋଭ, ନାରୀ ନିର୍ଯ୍ୟାତନା, ଶୋଷଣ, ଅତ୍ୟାଚାର, ବଧୂପୋଡ଼ି ଏପରି ବହୁ ନିର୍ଯ୍ୟାତନା ପ୍ରତିଦିନ ଘଟିବାରେ ଲାଗିଛି । ସରକାର ଯେତେ ଚେଷ୍ଟା କଲେ ମଧ୍ୟ ରୋକିବାରେ ସକ୍ଷମ ହୋଇ ପାରୁ ନାହାଁନ୍ତି । ସରକାର ଅବା କଅଣ କରିବେ ? ସରକାରୀ କଳରେ ଥିବା କେତେ ଜଣ ବଡ଼ବଡୁଆମାନେ ଏଥିରେ ମଧ୍ୟ ସାମିଲ ହେଉଛନ୍ତି । ବିଶେଷ ଭାବେ ଦେଖିବାକୁ ଗଲେ ବର୍ତ୍ତମାନ ବଡ଼ରୁ ତଳ ପର୍ଯ୍ୟନ୍ତ ସମୁ ଶ୍ରେଣୀର ଲୋକେ ଏପରି ଭାନେ ସ୍ୱାର୍ଥନ୍ୱେଷୀ ଏବଂ ବସ୍ତୁବାଦୀ ହୋଇ ପାରିଛନ୍ତି ଯେ ସେ ଅନ୍ୟର ଅନ୍ତରାତ୍ମାକୁ ଚିହ୍ନି ପାରୁ ନାହାଁନ୍ତି । ଯେଉଁଥିପାଇଁ ପରସ୍ପର ପରସ୍ପର ମଧ୍ୟରେ ହଣାକଟା ହେଉଛନ୍ତି । ବର୍ତ୍ତମାନ ଦେଖିବାକୁ ଗଲେ ପୂର୍ବାପେକ୍ଷା ଏବେ ସରକାର ସବୁଥିରେ ସବୁଧା ସୁଯୋଗ ଖଂଜି ଦେଇଥିବା ବେଳେ ଦରମା ମଧ୍ୟ ବଢ଼ାଇ ଦେଇଛନ୍ତି । ତେବେ ସୁଦ୍ଧା ଲୋକଙ୍କୁ ଅଂଟୁ ନାହିଁ । ଏହି ନିଅଂଟିଆ ମହରଗ ସମୟରେ ସେମାନଙ୍କ ପାଖରେ ଟଙ୍କା ପଇସା ଥାଇ ସୁଦ୍ଧା । ଯଦି ସେମାନେ ଲୋଭୀ ଆତୁରା ହୋଇ ବାୟା ବାତୁଳା ହେବେ ତାହାଲେ ଯେଉଁମାନଙ୍କର ନାହିଁ ସେମାନେ କଅଣ କରିବେ । ଅବଶ୍ୟ କେତେ ଜଣ ର୍ନିଲୋଭୀ ଧର୍ମୀ ଲୋକଙ୍କ ପାଇଁ ଏ ସଂସାର ଚ଼ଲିଛି ବୋଲି ଆଜି ଏ ସଂସାର ରହିଛି । ନଚେତ୍ ତାହା ଧ୍ୱଂସରେ ପରିଣତ ହୋଇ ସାରନ୍ତାଣି । ବର୍ତ୍ତମାନ ଯେଉଁ ଦୁଇ ଚ଼ାରି ଦିନ ଧରି ବର୍ଷା ପ୍ରବଳ ଭାବେ ବର୍ଷିଲା ସେଥିରେ ଗ୍ରାମାଂଚଳ ସହ ସହରାଂଚଳ ଲୋକେ ନାହିଁ ନଥିବା ହଇରାଣ ହେଉଛନ୍ତି । ପାଣି ମାଡ଼ି ଯିବା ଯୋଗୁଁ ରାଜଧାନୀ ସମେତ ବହୁ ଜାଗାରେ ଲୋକେ ନିଜର ପରିବାର ସହ ଗାଁକୁ ଯାଉଥିବାର ଦେଖାଯାଇଛି । ଏହା ସହ ଦରଦାମ ବୃଦ୍ଧି ସହ ପନିପରିବାର ଆକାଶଛୁଆଁ ଦର ଖାଉଟୀଙ୍କୁ ଖୁବ୍ ଯୋରରେ ଶକ୍ତ ଧକ୍କା ଦେଇଛି । ଥିଲାବାଲା ଲୋକେ ମୁଣ୍ଡ ଗଡ଼ାଉଥିବା ବେଳେ ଅଭାବୀ ଲୋକଙ୍କ କଥା ନନ କହିଲେ ଭଲ । ସେମାନେ ଯେ କେମିତି ନିଜ ପରିବାରକୁ ନେଇ ବଂଚୁଥିବେ ତାହା କେବଳ ଭଗବାନଙ୍କୁ ହିଁ ଜଣା । କୁଆଡେ କହୁଛନ୍ତି କଳିଯୁଗ ବୋଧେ ଶେଷ ହେବାକୁ ବସିଲାଣି ସେଥିପାଇଁ ଏମିତି ଅନୀତି ଦେଖା ଦେଉଛି କେତେ ଦୂର ଏହା ଯୁକ୍ତିଯୁକ୍ତ ତାହା ହୃଦୟ ହିଁ କହିବ । ଏପରି ପରିସ୍ଥିତିକୁ ସୁଧାରିବା ପାଇଁ ବୁଦ୍ଧିଜୀବୀ ମାନେ ଯଦି ନିଜ ହୃଦୟର ଆବାଜକୁ ଶୁଣନ୍ତେ ତାହାଲେ କିଛି ବିଚ଼ାର କରନ୍ତେ ଏବଂ ସମାଜ ପାଇଁ କିଛି ବାର୍ତ୍ତା ପ୍ରଦାନ କରନ୍ତେ । ନଚେତ୍ ଆମେ ଖାଲି ବେକାର ବକବକ ହେଉଛେ ସିନା ଅନ୍ୟମାନେ କହିବେ ଖାଲି କହିଲେ କହିବ କହୁଛି । କଅଣ ଠିକ୍ ତ ?...

✦ ✦ ✦

# ଯନ୍ତ୍ରଣାରେ ଜର୍ଜରିତ ପୁରୁଷର କରୁଣ ଚିତ୍ର



ସୁବାସ କୁମାର ତାରଣିଆଁ

ଆମ ସମାଜରେ ଯଦି ମହିଳାମାନେ ପୁରୁଷମାନଙ୍କ ଦ୍ୱାରା ନିର୍ଯ୍ୟାତିତ ବା ଅବହେଳାର ଶିକାର ହୁଅନ୍ତି, ତେବେ ମହିଳାମାନଙ୍କୁ ତ୍ୱରିତ ନ୍ୟାୟ ଦେବା ପାଇଁ ମହିଳା ସଶକ୍ତିକରଣ ଓ ମହିଳା କମିଶନ ଗଠନ ହୋଇଛି । ଏହା ନାରୀ ନିର୍ଯ୍ୟାତନାକୁ ରୋକିବା ଏବଂ ମହିଳାମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବା, ସେମାନଙ୍କୁ ଆତ୍ମସମ୍ମାନ ଓ ସ୍ୱାଭିମାନର ସହ ବଂଚିବା ପାଇଁ ବାଟ ଦେଖାଇ ଆସଛି । ଏଥିପାଇଁ ରାଜ୍ୟ ସରାକର ମଧ୍ୟ ପୂର୍ଣ୍ଣମାତ୍ରାରେ ସହଯୋଗର ହାତ ବଢାଇ ଆସିଛନ୍ତି । ଅନେକ ସାମାଜିକ ଅନୁଷ୍ଠାନ, ବ୍ୟକ୍ତିବିଶେଷ ମହିଳାମାନଙ୍କ ସାମାଜିକ, ରାଜନୈତିକ, ପାରିବାରିକ ଓ ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ସଂଗ୍ରାମ ଜାରି ରଖିଛନ୍ତି । ହେଲେ ଏହି ଆଇନ୍‌ର ଗଳାବାଟ ଅତିକ୍ରମ କରି ପୁରୁଷମାନେ ମଧ୍ୟ ମହିଳାମାନଙ୍କ ଦ୍ୱାରା ନିର୍ଯ୍ୟାତନା ଓ ଅତ୍ୟାଚ଼ାର ଶିକାର ହେଉଛନ୍ତି । ଫଳରେ ମହିଳାମାନଙ୍କ ଯୋଗୁଁ ବିନା କାରଣରେ ଅନେକ ସମୟରେ ପୁରୁଷମାନେ ହତ୍ୟାର ଶିକାର ହେଉଥିଲେ ମଧ୍ୟ ପୁରୁଷମାନଙ୍କୁ ନ୍ୟାୟ ଦେବା ପାଇଁ କୌଣସି ସଂଗଠନ ବା ପୁରୁଷ କମିଶନ ଏପର୍ଯ୍ୟନ୍ତ ଗଠନ ହୋଇପାରି ନାହିଁ । ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋ ୨୦୨୧ ମସିହା ତଥ୍ୟ ଅନୁଯାୟୀ ୩୩୨ ପ୍ରତିଶତ ପୁରୁଷ ପାରିବାରିକ ହିଂସା ଯୋଗୁ ମୃତ୍ୟୁବରଣ କରୁଛନ୍ତି । ସେଥିମଧ୍ୟରୁ ୪୮ ପ୍ରତିଶତ ଦାମ୍ପତ୍ୟ ଜୀବନରେ ହିଂସାର ଶିକାର ହୋଇ ମୃତ୍ୟୁବରଣ କରୁଥିବା ବେଳେ ଗତବର୍ଷ ୧ ଲକ୍ଷ ୧୮ ହଜାର ୯୭୯ଜଣ ପୁରୁଷ ଆତ୍ମହତ୍ୟା କରିଛନ୍ତି ଯାହାକି ୭୨ ପ୍ରତିଶତ ଅଟେ । ସେହିପରି ୪୫ ହଜାର ୨୬ ମହିଳା ଆତ୍ମହତ୍ୟା କରିଛନ୍ତି ଯାହାକି ୨୭ ପ୍ରତିଶତ ଅଟେ । ଏହାକୁ ଅନୁଧ୍ୟାନ କଲେ ମହିଳାଙ୍କ ମୃତ୍ୟୁ ଅପେକ୍ଷା ପୁରୁଷଙ୍କ ମୃତ୍ୟୁହାର ଅଧିକ । ରାଜଧାନୀ ଉପକଣ୍ଠ ବାଲିଅନ୍ତା ଥାନା ଅଧିନ ରାମଚନ୍ଦ୍ରପୁର ନିକଟରେ କଟକ ରେଳବାଇରେ କନେଷ୍ଟବଳ ଭାବେ କାର୍ଯ୍ୟରତ ସୌମ୍ୟରଞ୍ଜନ ସ୍ୱାଇଁ ନାମକ ଜଣେ ଯୁବକଙ୍କୁ ସ୍ଥାନୀୟ ଗ୍ରାମର ଯୁବକମାନେ ସଂଘବଦ୍ଧ ହୋଇ ଅତି ଅମାନୁଷିକ ଭାବେ ପିଟି ପଟି ହତ୍ୟା କରିଥିଲେ । ସୌମ୍ୟରଞ୍ଜନଙ୍କ ହାତଗୋଡ଼ ବାନ୍ଧି ପଶୁଭଳି ନୃଶଂସ ଭାବେ ମାଡ଼ ମାରିବାରୁ ତାଙ୍କ ମୃତ୍ୟୁ ଘଟିଥିଲା । ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ଘଟଣାସ୍ଥଳରେ ପୁଲିସ୍ ଉପସ୍ଥିତ ଥିବା ସତ୍ୱେ ସୌମ୍ୟରଞ୍ଜନଙ୍କୁ ଉଦ୍ଧାର କରିବା ପରିବର୍ତ୍ତେ ଦେଖଣାହାରୀ ସାଜିଥିଲେ । ସୌମ୍ୟରଞ୍ଜନ ଜଣେ ଯୁବତୀଙ୍କୁ ଅସଦାଚରଣ କରିବାରୁ ସେଠାରେ ଉପସ୍ଥିତ ଥିବା ଗ୍ରାମବାସୀ ତାଙ୍କୁ ଅତି ନୃଶଂସ ଭାବେ ମାଡ଼ ମାରିଥିବା କୁହାଯାଇଛି । ସୌମ୍ୟରଞ୍ଜନ ଓ ତାଙ୍କ ବନ୍ଧୁ ଓମ୍ ବାଇକରେ ଭୁବନେଶ୍ୱର ଯାଉଥିବା ସମୟରେ ବେଣୁପୁରରୁ ଭିଙ୍ଗାରପୁର ଯାଉଥିବା ଦୁଇ ଯୁବତୀଙ୍କ ସ୍କୁଟିକୁ ଧକ୍କା ଦେଇଥିଲେ । ଫଳରେ ଦୁଇଜଣ ଯୁବତୀ ତଳେ ପଡ଼ିଯାଇଥିଲେ । ସୌମ୍ୟରଞ୍ଜନ ଯୁବତୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା । ଯୁବତୀଜଣକ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ସେଠାରେ ଜମା ହୋଇଯାଇଥିଲେ । ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ସହ ସୌମ୍ୟରଞ୍ଜନଙ୍କ ଯୁକ୍ତିତର୍କ ହୋଇଥିଲା । ଏହାପରେ ସ୍ଥାନୀୟ ଲୋକେ ସୌମ୍ୟରଞ୍ଜନଙ୍କ ହାତଗୋଡ଼ ବାନ୍ଧି ପଶୁ ଭଳି ପିଟି ଚ଼ଲିଥିଲେ । ଖବର ପାଇ ବାଲିଅନ୍ତା ପୁଲିସ୍ ଘଟଣାସ୍ଥଳରେ ପହଂଚ୍ଥିଲେ ମଧ୍ୟ ସୌମ୍ୟଙ୍କୁ ଉଦ୍ଧାର କରିବା ବଦଳରେ ଦେଖଣାହାରୀ ସାଜିଥିଲେ । ପୁଲିସ୍ ସମ୍ମୁଖରେ ସ୍ଥାନୀୟ ଲୋକେ ଏକ ବାଉଁଶରେ ତାଙ୍କର ହାତଗୋଡ଼ ବାନ୍ଧି ମୁହଁକୁ ଗୋଇଠା ମାରିବା ସହ ଅଧଘ□। ଧରି ପିଟି ଚ଼ଲିଥିଲେ । ଚେତଶୂନ୍ୟ ଅବସ୍ଥାରେ ସୌମ୍ୟରଞ୍ଜନଙ୍କୁ ଏକ ଟ୍ରକଯୋଗେ ହସ୍ପିଟାଲ ନିଆଯାଇଥିଲା ଏବଂ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣାର ଭିଡ଼ିଓ ପ୍ରଘଟ ହେବା ପରେ ସାରା ରାଜ୍ୟରେ ଉତେଜନା ଦେଖା ଯାଇଥିଲା । ସବୁଠୁ ପରିତାପର ବିଷୟଯେ ସୌମ୍ୟରଞ୍ଜନଙ୍କୁ ସ୍ଥାନୀୟ ଯୁବକ ସଂଘବଦ୍ଧ ହୋଇ ପିଟୁଥିବାର ଭିଡ଼ିଓ ପ୍ରଘଟ ହେବା ପରେ ମଧ୍ୟ ଅଭିଯୋଗକାରୀ ଜଣେ ଯୁବତୀ ସୌମ୍ୟରଞ୍ଜନଙ୍କୁ କୌଣସି ଗ୍ରାମବାସୀ ପିଟିନାହାଁନ୍ତି ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲେ । ମାତ୍ର ଏହି ଘଟଣା ଘଟିବା ପରେ ସାରା ରାଜ୍ୟର କୋଣ ଅନୁକୋଣରୁ ସୌମ୍ୟଙ୍କ ପ୍ରତି ସମବେଦନା ଜଣାଯାଇ ଥିଲା । ଯଦି ସୌମ୍ୟରଞ୍ଜନ ଜଣେ ଯୁବତୀଙ୍କୁ ଅସଦାଚରଣ କଲେ, ତେବେ ତାଙ୍କ ବାନ୍ଧବୀ ଏହାର ଭିଡ଼ିଓ ଉ□ୋଳନ କରିପାରିଥାନ୍ତେ କିମ୍ବା ଯୁବତୀଙ୍କ ପାଟିଶୁଣି ସେଠାରେ ପହଂଚ୍ଥିବା ଯୁବକ ଯିଏକି, ସୌମ୍ୟରଞ୍ଜନଙ୍କ ବାଇକ ଚ଼ାବି ଛଡ଼ାଇ ନେଇଥିଲେ ସେ ମଧ୍ୟ ଏହାର ଭିଡ଼ିଓ ଉତୋଳନ କରିପାରିଥାନ୍ତେ । କାରଣ ସୌମ୍ୟରଞ୍ଜନଙ୍କୁ ସଂଘବଦ୍ଧ ହୋଇ ପିଟୁଥିବାର ଦୃଶ୍ୟକୁ ପ୍ରଥମରୁ ଶେଷ ପର୍ଯ୍ୟନ୍ତ ଭିଡ଼ିଓ ଉତୋଳନ କରାଗଲା, ମାତ୍ର ଯୁବତୀଙ୍କୁ ଅସଦାଚରଣ କରିଥିବାର ଭିଡ଼ିଓ କାହିଁକି ଉତୋଳନ ହୋଇପାରିଲା ନାହିଁ । ଯଦି ସେ ସମୟର ଦୃଶ୍ୟକୁ ଉ□ୋଳନ କରାଯାଇଥାନ୍ତା, ତେବେ ସାଧାରଣ ଜନତାଙ୍କ ମନରେ ସୌମ୍ୟରଞ୍ଜନଙ୍କ ପ୍ରତି ବିଦ୍ୱେଶଭାବ ସୃଷ୍ଟି ହୋଇଥାନ୍ତା । କୌଣସି ଚକ୍ଷୁସ ପ୍ରମାଣ ନଥାଇ ଯୁଇଜଣ ଯୁବତୀଙ୍କ କଥାକୁ ବିଶ୍ୱାସ ସ୍ଥାନୀୟ ଲୋକେ ଉ□୍ୟକ୍ତ ହୋଇ ଜଣେ ଯୁବକଙ୍କୁ ପିଟି ପିଟି ମାରିଦେବା ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଯଦି ଉକ୍ତ ଯୁବକ ସୌମ୍ୟରଞ୍ଜନଙ୍କ ବାଇକ ଚ଼ାବି ଛଡ଼ାଇ ନେଇନଥାନ୍ତେ, ହୁଏତ ସୌମ୍ୟରଞ୍ଜନ ସେଠାରୁ ବାଇକଯୋଗେ ଖସିଯାଇ ଜୀବନ ବ□ାଇ ପାରିଥାନ୍ତେ । ସେହିପରି କୁହାଯାଇଛି ଯେ, ସୌମ୍ୟରଞ୍ଜନ ନିଶାସେବନ କରିଥିଲେ, ଯାହାଫଳରେ ସେ ନିୟନ୍ତ୍ରଣ ହରାଇ ଏପରି କାଣ୍ଡ ଭିଆଇଥିଲେ । ମାତ୍ର ସୌମ୍ୟରଞ୍ଜନଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟରେ ନିଶା ଖାଇଥିବାର କୌଣସି ସଙ୍କେତ ମିଳିନାହିଁ, ତାଙ୍କ ଶରୀରଭିତରର ସମ୍ବେଦନଶୀଳ ଅଙ୍ଗଗୁଡ଼ିକୁ ବହୁତ ଆଘାତ ଦେବା ଫଳରେ ତାଙ୍କ ମୃତ୍ୟୁ ହୋଇଛି ବୋଲି ରିପୋର୍ଟରୁ ଜଣାପଡ଼ିଛି । ସୌମ୍ୟରଞ୍ଜନଙ୍କ ହତ୍ୟାକାଣ୍ଡକୁ ନେଇ ଭିନ୍ନ ଭିନ୍ନ ପ୍ରତିକୟିୟା ପ୍ରକଶ ପାଇଥିଲେ ମଧ୍ୟ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସୌମ୍ୟରଞ୍ଜନଙ୍କ ମାମୁଁ ଅଭିଯୋଗ କରିଛନ୍ତି । ଅନ୍ୟ ପଟେ ପୁଅର ଜିମ୍‌କୁ ନେଇ ବିବାଦ ଥିଲା ଓ ଆଗରୁ ରାଗ ରହିଥିଲା, ତେଣୁ ସେମାନେ ଯୋଜନାବଦ୍ଧ ଭାବେ ହତ୍ୟା କରିଛନ୍ତି ବୋଲି ସୌମ୍ୟରଞ୍ଜନ ବାପା ଅଭିଯୋଗ କରିଛନ୍ତି । ସୌମ୍ୟରଞ୍ଜନଙ୍କ ମୃତ୍ୟୁ ଘଟଣାକୁ ୨୫ଦିନ ବିତି ଯାଇଥିଲେ ମଧ୍ୟ ପରଦା ଉଠିବା ପରିବର୍ତ୍ତେ ନୂଆ ନୂଆ ରହସ୍ୟ ଓ ବିବାଦ ସାମ୍ନାକୁ ଆସୁଛି । ଜଣେ ପୁଲିସ୍ କର୍ମଚ଼ାରୀଙ୍କୁ ସର୍ବସାଧାରଣରେ ହତ୍ୟା କରିବା ଘଟଣା ଆଇନ ଶୃଙ୍ଖଳା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁନାହିଁ ବରଂ ପୁଲିସ୍ ବିଭାଗର ଦୁର୍ବଳତାକୁ ପଦାରେ ପକାଇଛି । ଯଦି ପୁଲିସ୍ ନିଜ କର୍ମଚ଼ାରୀଙ୍କୁ ସୁରକ୍ଷା ଦେବାରେ ବିଫଳ, ତେବେ ସାଧାରଣ ଜନତାଙ୍କ ଅବସ୍ଥା କଣ ହେବ ତାହା ଚିନ୍ତାଜନକ । ଅନ୍ୟ ଏକ ଘଟଣାରେ ପୁଲିସ୍ ଜଣେ ନିର୍ଦ୍ଦୋଷ ଯୁବକ ମୁହଁରେ ଟାୱେଲ ପକାଇ ଅଭିଯୁକ୍ତ ସଜାଇଦେଲା ଓ ସାମ୍ବାଦିକ ସମ୍ମିଳନୀ କରାଇ ପ୍ରଶଂସା ସାଉଁଟିଥିଲା । ପଥର ଖଣି ବିବାଦରୁ ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା କଦଳୀବନ୍ଧ ଠାରେ ଅଜିତ ସାହୁ ନାମକ ଜଣେ ଯୁବକଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା । ଏହି ଘଟଣାରେ ୭ଜଣଙ୍କ ସମ୍ପୃକ୍ତି ଥିଲାବେଳେ ପୁଲିସ୍ ୪ଜଣଙ୍କୁ ଗିରଫ କରିଥିଲା । ସେମାନଙ୍କ ମଧ୍ୟରେ ଥିଲେ ଶ୍ରୀଧର ସାହୁ । ହତ୍ୟା ସହ ସମ୍ପର୍କ ନଥିବା ବ୍ୟକ୍ତିଙ୍କୁ ଗଣମାଧ୍ୟମ ଆଗରେ ଏପରି ହତ୍ୟାକାରୀ ଭାବେ ଛିଡ଼ା କରାଇବା, ସାମ୍ବାଦିକ ସମ୍ମିଳନୀରେ ସେହି ବ୍ୟକ୍ତି ମୁହଁରୁ ଟାୱେଲ ହଟାଇ ସେ ନିର୍ଦ୍ଦୋଷ ବୋଲି କହିବାକୁ ଚେଷ୍ଟା କରିଥିଲେ ମଧ୍ୟ ପୁଲିସ୍ ତାଙ୍କୁ କହିବାକୁ ସୁଯୋଗ ଦେଇନଥିଲା । ବରଂ ପାଟିରେ କପଡ଼ା ପୁରାଇ ପଦାକୁ ଭିଡ଼ି ନେଇଥିଲା । ପରେ ସେହି ବ୍ୟକ୍ତି ନିର୍ଦ୍ଦୋଷ ବୋଲି ଜାଣିବା ପରେ ପୁଲିସ୍ ସଫେଇ ଦେଇ କହିଛି ଯେ, ସେହି ବ୍ୟକ୍ତିଙ୍କୁ ଗିରଫ କରାଯାଇ ନଥିଲା, ବରଂ ସନ୍ଦେହରେ ଅଣାଯାଇଥିଲା । ନୟାଗଡ଼ ଏସ.ପି ଏସ୍. ସୁଶ୍ରୀ କହିଛନ୍ତି ଯେ, ମୃତକଙ୍କ ବାପା ଦେଇଥିବା ଏତଲାରେ ଶ୍ରୀଧରଙ୍କ ନାମ ଥିଲା । ଅଭିଯୋଗ ଆଧାରରେ ପୁଲିସ୍ ଶ୍ରୀଧରଙ୍କୁ ଗିରଫ କରିଥିଲା କିନ୍ତୁ କୋର୍ଟ ଚ଼ଲାଣ କରାଯାଇ ନଥିଲା । ପ୍ରାଥମିକ ତଦନ୍ତରେ ସେ ସମ୍ପୃକ୍ତ ନଥିବା ଏବଂ ନିର୍ଦ୍ଦୋଷ ବୋଲି ଜଣାପଡ଼ିବା ପରେ ପୁଲିସ୍ ତାଙ୍କୁ ଛାଡ଼ି ଦେଇଥିଲା । ମାତ୍ର ପୁଲିସ୍ ହେପାଜତରୁ ମୁକୁଳିବା ପରେ ଶ୍ରୀଧର କହିଛନ୍ତି ଯେ, ମୁଁ ନିର୍ଦ୍ଦୋଷ ବୋଲି କହିବା ପରେ ମଧ୍ୟ କେହି ଶୁଣିନଥିଲେ । ମୋତେ ଉଠାଇ ନେଇ ଅଭିଯୁକ୍ତର ମୁଖା ପିନ୍ଧାଇ ଦେଇଥିଲେ । ଯଦି ଏସ.ପି ଏସ୍. ସୁଶ୍ରୀଙ୍କ ବଦଳରେ ଜଣେ ପୁରୁଷ ଏସ୍.ପି ଶ୍ରୀଧରଙ୍କ ବଦଳରେ ଜଣେ ମହିଳାଙ୍କୁ ବିନା କାରଣରେ ଗରିଫ କରିଥାନ୍ତା, ତେବେ ଘଟଣାଟି ଭିନ୍ନମୋଡ଼ ନେଇଥାନ୍ତା ଏବଂ ସେହି ଘଟଣାକୁ ନେଇ ସାରା ରାଜ୍ୟରେ କେତେ ସ୍ୱେଚ୍ଛାସେବୀ ସଂଗଠନ, ସାମାଜିକ କର୍ମୀ ଆନ୍ଦୋଳନ, ଅନଶନ କରିବା ପାଇଁ ରାଜରାସ୍ତାକୁ ଓହ୍ଲାଇ ସାରିଥାନ୍ତେ । ସେହିପରି ଅନ୍ୟ ଏକ ଘଟଣାରେ ଜଣେ ଯୁବକଙ୍କ ବାଡ଼ିରୁ ବାଉଁଶ କାଟିଲେ, ଯୁବକ ଜଣକ ପ୍ରତିବାଦ କରିବାରୁ ତାଙ୍କୁ ଉଲଗ୍ନ କରି ଗଛରେ ବାନ୍ଧି ନୃଶଂସ ଭାବେ ମାଡ଼ ମାରିଲେ । ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନା ଅଧିନ ଫୁଲବଣୀ ଖାସ ଗାଁର ଶିଶିର କୁମାର ପ୍ରଧାନ ଘରେ ଗାଧୋଉଥିବା ସମୟରେ ବାଡ଼ିରେ ବାଉଁଶ କଟାଯିବା ପରି ଠକ୍ ଠକ୍ ଶବ୍ଦ ଶୁଣିବାକୁ ପାଇଥିଲେ । ଏହାପରେ ଓଦା ଗାମୁଛା ପିନ୍ଧି ଶିଶିର ବାଉଁଶ ବାଡ଼ିରେ ପହ□ିବା ପରେ ଜଣେ ଅଚିହ୍ନା ବ୍ୟକ୍ତି ବାଉଁଶ କାଟୁଥିବାର ଦେଖି ପଚରା ଉଚରା କରିଥିଲେ । ଉକ୍ତ ଗାଁ ପାଖ ପଡ଼ୋଶୀ ସ୍ୱର୍ଗତ ବିନୋଦ ପ୍ରଧାନଙ୍କ ପୁତ୍ର ସୁବ୍ରତ ପ୍ରଧାନ ବାଉଁଶ ଝାଡ଼ିରୁ ବିକ୍ରି କରିବା ଉଦ୍ଦେଶ୍ୟରେ ବାଉଁଶ କାଟିବାକୁ କହି ଉକ୍ତ ବ୍ୟକ୍ତିଙ୍କ ଠାରୁ ଅଗ୍ରୀମ ଟଙ୍କା ନେଇଥିଲେ । ଶିଶିର ସେ ବାଉଁଶ ବେପାରୀଙ୍କୁ ବାଉଁଶ କାଟିବାକୁ ମନା କରିବା ପରେ ବେପାରୀ ଜଣକ ଫେରି ସୁବ୍ରତଙ୍କ ଘରକୁ ଯାଇ ଦେଇଥିବା ଟଙ୍କା ଫେରସ୍ତ ମାଗିବା ପରେ ସୁବ୍ରତ ଏବଂ ତାଙ୍କର ବିବାହିତା ଝିଅ ଶିଶିରଙ୍କ ଘରକୁ ଆସି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଶିଶିରଙ୍କ ତଂଟି ଚିପି, ଉଲଗ୍ନ କରି ପିନ୍ଧିଥିବା ଓଦା ଗାମୁଛାରେ ବାନ୍ଧି ତାଙ୍କ ସମ୍ବେଦନଶୀଳ ଅଙ୍ଗକୁ ବିଧା, ଗୋଇଠା ମାରିଥିଲେ । ଏପରିକି ଜୀବନ ଯିବା ଯାଏ ତାଙ୍କ ସମ୍ବେଦନଶୀଳ ଅଙ୍ଗକୁ ଆଘାତ କରି ଚ଼ଲିଥିଲେ । ଶିଶିର ଜୀବନ ବିକଳରେ ଚିତ୍କାର କରିବା ପରେ, ଚିତ୍କାର ଶୁଣି ପତ୍ନୀ ସୁଜାତା ଘଟଣାସ୍ଥଳରେ ପହଂଚ୍ ସ୍ୱାମୀଙ୍କୁ ଉଦ୍ଧାର କରିବାକୁ ଗାମୁଛାକୁ ଖୋଲି ଦେଇଥିଲେ । ଶିଶିର ଜୀବନ ବଂଚାଇବା ପାଇଁ ଉଲଗ୍ନ ଅବସ୍ଥାରେ ଘରକୁ ଦୌଡ଼ି ପଳାଇଥିଲେ । ମାତ୍ର ସୁବ୍ରତ ଶିଶିରଙ୍କୁ ଗୋଡ଼ାଇ ଗୋଡ଼ାଇ ଘର ଆଗରେ ନିସ୍ତୁକ ମାଡ଼ ମାରି ଚେତାଶୂନ୍ୟ କରିଦେଇଥିଲେ । ଚେତାଶୂନ୍ୟ ଅବସ୍ଥାରେ ଶିଶିରଙ୍କୁ ଉଦ୍ଧାର କରିବା ପାଇଁ ପତ୍ନୀ ପାଣିଢାଳି ଚେତା ଫେରାଇବା ପରେ ଗ୍ରାମବାସୀଙ୍କ ସହାୟତାରେ ଜଳେଶ୍ୱର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହୋଇ ଫେରିବା ପରେ ଭୋଗରାଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଯଦି ଏହି ଘଟଣାରେ ଜଣେ ପୁରୁଷ, ଜଣେ ମହିଳାଙ୍କୁ ଉଲଗ୍ନ କରି ମାଡ଼ ମାରିଥାନ୍ତା, ତେବେ ସଙ୍ଗେ ସଙ୍ଗେ ପୁଲିସ୍ ଠାରୁ ବହେ ମାଡ଼ ଖାଇ କାରାଗାରର ଚ଼ରିକାନ୍ଥ ଭିତରେ ବନ୍ଦୀ ହୋଇ ରହିବାକୁ ପଡ଼ିଥାନ୍ତା । ପାରିବାରିକ ହେଉ ବା ସାମାଜିକ କ୍ଷେତ୍ରରେ, ଯଦି ପୁରୁଷଟିଏ ମହିଳାମାନଙ୍କ ଦ୍ୱାରା ନିର୍ଯ୍ୟାତନାର ଶିକାର ହୁଏ, ତେବେ ଆଇନ ବା ସମାଜ ସେସବୁ ଦେଖିପାରେନା । ଆଇନ୍‌ରେ କେବଳ ପୁରୁଷଙ୍କୁ ଦଣ୍ଡବିଧାନ କରିବାର ବ୍ୟବସ୍ଥା ରହିଛି, କିନ୍ତୁ ପୁରୁଷମାନଙ୍କୁ ସମର୍ଥନ କଲାଭଳି କୌଣସି ଅନୁଷ୍ଠାନ ଏପର୍ଯ୍ୟନ୍ତ ଗଠନ ହୋଇପାରି ନାହିଁ କିମ୍ବା କୌଣସି ବ୍ୟକ୍ତିବିଶେଷ ଆଗେଇ ଆସିନାହାଁନ୍ତି । ଏ ବିଷୟରେ ରାଜ୍ୟ ସରକାର ଚିନ୍ତା କରିବା ସହିତ ଦୃଢ ପଦକ୍ଷେପ ନେବା ଜରୁରୀ । ଯେଉଁଭଳି ଭାବରେ ପୁରୁଷଙ୍କୁ ଭିଡ଼ହତ୍ୟା ଓ ନାର୍ଯ୍ୟାତନା ଦିଆଯାଉଛି, ସମୟ ଆସିବ ପୁରୁଷ ସଶକ୍ତିକରଣ ପାଇଁ, ପୁରୁଷମାନେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ ହେବେ ।

*କଂଟି, ବାହାରଣା, ବାଲିକୁଦା, ଜଗତସିଂହପୁର-ମୋ : ୮୩୨୮୮୪୦୨୧୪*











# ୧ ନଂ ୱାର୍ଡରେ ଶାଢ଼ୀ ପ୍ରଦର୍ଶନୀ ଉଦ୍‌ଘାଟିତ



ବାରିପଦା : ବାରିପଦା ମୁନିସିପାଲିଟି ଅନ୍ତର୍ଗତ ବୁଦ୍ଧିଖମାରୀରେ ଚାରି ଗୃହିଣୀ ମିଶି ଏକ ଶାଢ଼ୀ ପ୍ରଦର୍ଶନୀର ଆୟୋଜନ କରିଛନ୍ତି ଓ ଆଗାମୀ ପାର୍ବଣ ଋତୁକୁ ଆଖିଆଗରେ ରଖି ସ୍ଥାନୀୟ ଅଂଚଳର ଚାରି ଗୃହିଣୀ ଦେବଦାସୀ ମଣ୍ଡଳ, ଶ୍ୱେତା ମହାନ୍ତି, ଦିବ୍ୟାଭାରତୀ ସାହୁ ଓ ଅନୁପମା ବେହେରା ମିଶି 'ସଖୀ କଲେକ୍ସନ' ନାମରେ ଏହି ପ୍ରଦର୍ଶନୀର ଆୟୋଜନ କରିଛନ୍ତି ବୋଲି ପ୍ରକାଶ କରିଛନ୍ତି ଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି ପ୍ରଦର୍ଶନୀକୁ ଉଦଘାଟନ କରିବା ସହ ଆତ୍ମନିର୍ଭରଶୀଳ ହେବା ପାଇଁ ମହିଳା ମାନଙ୍କର ଏହି ଅନନ୍ୟ ପ୍ରୟାସ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ହୋଇପାରିଛି ବୋଲି ପ୍ରକାଶ କରିଥିଲେ ଓ ସମ୍ମାନିୟା ଅତିଥି ଭାବେ ୧ନଂ ୱାର୍ଡର କାଉନସିଲର ସୁକେଶିନୀ ସେଠି ଓ ୨ନଂ ର କାଉନସିଲର ଅନୁପମା ମହାନ୍ତି ଉପସ୍ଥିତ ରହି ୪ ଗୃହିଣୀଙ୍କୁ ଉତ୍ସାହିତ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ ଅମର କୁମାର ସେଠି ଓ ସୋମନାଥ ସିଂହଙ୍କ ସମେତ ଜଗଦ୍ଧାତ୍ରୀ ମେଳା କମିଟିର ସପନ ପଣ୍ଡା, ଧୀରେନ୍ଦ୍ର ନାୟକ, ଅମ୍ବିକା ମହାନ୍ତି, ଦିନେଶ ସାହୁ, ନାରାୟଣ ମଣ୍ଡଳ, ମାନସ ମହାନ୍ତି, ସତ୍ୟଜିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ଓ ସ୍ଥାନୀୟ ଅଂଚଳର ମହିଳା ମାନଙ୍କର ବେଶ ଭିଡ଼ ଦେଖିବାକୁ ମିଳିଥିଲା

# ସାମାନ୍ୟ ବର୍ଷା ହେଲେ ଜଳମଗ୍ନ ହୋଇପଡୁଛି ଏମଭି-୫୮ ଗ୍ରାମ

ମାଲକାନଗିରି : (ହି.ସ.) ସାମାନ୍ୟ ବର୍ଷା ହେଲେ ପଡିଆ ବ୍ଲକର ଏମ୍ଭି-୫୮ ଗ୍ରାମର ଜନବସତି ଜଳମଗ୍ନ ହୋଇପଡୁଛି । କାଲିମେଲା-ପଡିଆ ମୁଖ୍ୟ ରାସ୍ତା କଡରେ ବର୍ଷାଜଳ ନିଷ୍କାସନର ସୁବ୍ୟବସ୍ଥା ନଥିବାରୁ ରାସ୍ତା ପାର୍ଶ୍ୱରେ ପାଣି ଜମି ରହିବା ସହ ଲୋକଙ୍କ ଘର ଭିତରକୁ ପଶୁଥିବା ଅଭିଯୋଗ ହୋଇଛି । ଅଳ୍ପ ବର୍ଷା ହେବା ମାତ୍ରେ ବିରେନ ବିଶ୍ୱାସ, ଯାଦବ ରାୟ, ବୁଲୁ ଦେ ଓ ବଜରଙ୍ଗ ମୁଖାର୍ଜୀଙ୍କ ସମେତ ଅନ୍ୟ କିଛି ଲୋକ ଙ୍କ ଘର ଚାରିପଟେ ପାଣି ଜମି ଯାଉଛି । ଫଳରେ ପରିବାର ଲୋକଙ୍କୁ ଘରୁ ବାହାରିବା ଓ କାମ କରିବାରେ ନାହିଁ ନଥିବା ସମସ୍ୟା ଭୋଗିବାକୁ ପଡୁଛି । ବହୁ ସମୟ ଧରି ଜଳ ଜମି ରହିବା ଯୋଗୁଁ ଅଂଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି । ଏଥିସହ ମଶା ଓ ବିଭିନ୍ନ କୀଟପତଙ୍ଗଙ୍କ ପ୍ରାଦୁର୍ଭାବ ବଢୁଥିବାରୁ ଲୋକଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତା ବଢିଛି । ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତା କଡ଼ରେ ଆବଶ୍ୟକ ଡ୍ରେନ୍ ବ୍ୟବସ୍ଥା ନଥିବାରୁ ପ୍ରତିବର୍ଷ ବର୍ଷା ଋତୁରେ ଏଭଳି ସମସ୍ୟା ଦେଖାଦେଉଛି ! ତୁରନ୍ତ ପ୍ରଶାସନିକ ଅଧିକାରୀ ଏହି ଅଂଚଳ ପରିଦର୍ଶନ କରି ରାସ୍ତା କଡ଼ରେ ଡ୍ରେନ୍ ନିର୍ମାଣ ସହ ବର୍ଷା ଜଳ ନିଷ୍କାସନର ସୁବ୍ୟବସ୍ଥିତ ବ୍ୟବସ୍ଥା କରିବା ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି ।

# କୋମନା ସରକାରୀ ବାଳିକା ବିଦ୍ୟାଳୟରେ ଆଇନ ସାକ୍ଷରତା କ୍ଲବରେ ବିଶାଖା- ବନାମ - ରାଜସ୍ଥାନ ରାଜ୍ୟ ରାୟ ସମ୍ବନ୍ଧୀୟ ସଚେତନତା ଶିବିର

ନୂଆପଡ଼ା : (ହି.ସ.)- ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ କୋମନା ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଥିବା ବିଦ୍ୟାଳୟ ଛାତ୍ର ଆଇନ ସାକ୍ଷରତା କ୍ଲବ ରେ ବିଶାଖା ଓ ଅନ୍ୟମାନେ- ବନାମ - ରାଜସ୍ଥାନ ରାଜ୍ୟ ଓ ଅନ୍ୟମାନେ ମାମଲରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଙ୍କର ରାୟ ର ଓଡ଼ିଆ ଅନୁବାଦ ସମ୍ବନ୍ଧୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭୁଦତ ପୁରୋହିତ, ବିଦ୍ୟାଳୟର ଶିକ୍ଷକଗଣ, ଛାତ୍ରୀ ଏବଂ ଅଧିକାର ମିତ୍ରଗଣ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ ବିଶାଖା ଓ ଅନ୍ୟମାନେ- ବନାମ - ରାଜସ୍ଥାନ ରାଜ୍ୟ ଓ ଅନ୍ୟମାନେ ରାୟ ର ଓଡ଼ିଆ ଅନୁବାଦ ଉପସ୍ଥିତ ଛାତ୍ରୀମାନଙ୍କୁ ଙ୍କୁ ବୁଝାଇଥିଲେ । ସେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ସହ ଘଟୁଥିବା ଯୌନ ଉତ୍ପୀଡ଼ନ ଓ ଏହାର ନିରାକରଣ ଏବଂ ମହିଳାଙ୍କ ଅଧିକାର ଇତ୍ୟାଦି ବିଷୟରେ ଆଲୋଚନା କରିବା ସହ ମହିଳାମାନଙ୍କ ଅଧିକାରର ସୁରକ୍ଷା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ପ୍ରଦାନ କରାଯାଉଥିବା ମାଗଣା ଆଇନ ସେବା ବିଷୟରେ ଆଲୋକପାତ କରିଥିଲେ । ସେ ମଧ୍ୟ ମାଗଣା ଆଇନ ସେବା ଓ ସହାୟତା ଯୋଗାଇବାରେ ରେ ଛାତ୍ର ଆଇନ ସାକ୍ଷରତା କ୍ଲବ ଗୁଡ଼ିକର ଭୂମିକା ଓ କାର୍ଯ୍ୟଶୈଳୀ ବିଷୟରେ ଉପସ୍ଥିତ ଛାତ୍ରୀ ମାନଙ୍କୁ ବୁଝାଇଥିଲେ । ଏହା ପରେ ଜିଲ୍ଲା ର ଯୌନ ନିର୍ଯ୍ୟାତନା ପାଇଁ ସଙ୍ଗଠିତ ହୋଇଥିବା ସ୍ଥାନୀୟ ଅଭିଯୋଗ କମିଟି ର ପୂର୍ବତନ ଅଧ୍ୟକ୍ଷା ତଥା ବିଶିଷ୍ଟ ସମାଜସେବୀ ସୋନାଲି ପାଣିଗ୍ରାହୀ ସଭା ରେ ଯୌନ ନିର୍ଯ୍ୟାତନା ର ବିଭିନ୍ନ ପ୍ରକାର ଓ ଏହାର ନିରାକରଣ ପାଇଁ ଜିଲ୍ଲା ରେ ନିଆ ଯାଇଥିବା ପଦକ୍ଷେପ ବିଷୟରେ ମଧ୍ୟ ଛାତ୍ରୀ ମାନଙ୍କୁ ସଚେତନ କରିଥିଲେ ।

# ପଡିଆ ବ୍ଲକରେ ଅବ୍ୟବସ୍ଥା ଘେରରେ ଅନେକ ବିଦ୍ୟାଳୟ

ମାଲକାନଗିରି : (ହି.ସ.)- ମାଲକାନଗିରି ଜିଲ୍ଲା ସୀମାନ୍ତ ପଡ଼ିଆ ବ୍ଲକରେ ଥିବା ବିଦ୍ୟାଳୟ ଗୁଡ଼ିକର ଭିତିଭୂମି ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଛି । କେଉଁଠି ବିଦ୍ୟାଳୟର ଛପର ଓ ଛାତ ସମ୍ପୂର୍ଣ୍ଣ ଉଡ଼ିଯାଇଛି, ତ ଆଉ କେଉଁଠି ଶ୍ରେଣୀଗୃହର କାନ୍ଥ, ଛାତ ଓ ଚଟାଣ ଭାଙ୍ଗି ବିପଦସଙ୍କୁଳ ଅବସ୍ଥାରେ ରହିଛି । ଫଳରେ ବର୍ଷାଦିନେ ସନ୍ତସନ୍ତିଆ ଓ ଅସୁରକ୍ଷିତ ପରିବେଶରେ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ିବାକୁ ପଡୁଛି ! ସୂଚନା ଅନୁଯାୟୀ, ଗତ କିଛି ମାସ ମଧ୍ୟରେ ହୋଇଥିବା କାଳବୈଶାଖୀ ବର୍ଷାରେ ପଡ଼ିଆ ବ୍ଲକର ରାମାଗୁଡା, ଏମ୍ଭି-୪୯, ଏମ୍ ପି ଭି -୬୬, ଏମ୍ଭି-୧୨୫, ସଙ୍ଗେଲ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଓ ଉଣ୍ଡୁରୁକୋଣ୍ଡା ଉନ୍ନୀତ ଉଚ୍ଚବିଦ୍ୟାଳୟର ଛପର ଓ ଛାତ ଉଡ଼ି ଯାଇଛି । ସେହିପରି ଟେକାଲଗୁଡ଼ା, ଏରବନପଲ୍ଲୀ, ଇରାଲଗୁଣ୍ଡି, କୁମ୍ଭାରଗୁଡା, ରେଙ୍ଗାଲିଗୁଡା, ବାଲାମପଲ୍ଲୀ, ନାକାମୁଣ୍ଡା ଓ ଏମ୍ଭି-୪୮ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶ୍ରେଣୀଗୃହ ଗୁଡ଼ିକର କାନ୍ଥ, ଛାତ ଓ ଚଟାଣ ଭାଙ୍ଗିଥିବା ଅଭିଯୋଗ ହୋଇଛି । ଏହି ବିଦ୍ୟାଳୟ ଗୁଡ଼ିକ ମଧ୍ୟରୁ କେତେକର ଅବସ୍ଥା ଏତେ ବିପଦସଙ୍କୁଳ ଯେ, ଛାତ୍ରଛାତ୍ରୀଙ୍କ ସୁରକ୍ଷା ନେଇ ପଲିଥିନ୍ ଟାଣି ଏବଂ ଅସ୍ଥାୟୀ ବ୍ୟବସ୍ଥାରେ ଚାଲିଛି ପାଠପଢ଼ା ୬ ସ୍କୁଲ୍ର ଛାତ ଉଡ଼ିଛି, ୮ ସ୍କୁଲ୍ର କାନ୍ଥ ଓ ଚଟାଣ ଫାଟି ଆଁ ଏଭଳି ଅବ୍ୟବସ୍ଥା ନେଇ ଅଭିଭାବକ ଚିନ୍ତା ପ୍ରକଟ କରିଛନ୍ତି । ବିଦ୍ୟାଳୟ କର୍ତ୍ତୃପକ୍ଷ ପଲିଥିନ୍ ପକାଇବା ସହ ଅସ୍ଥାୟୀ ବ୍ୟବସ୍ଥା କରି ପାଠପଢ଼ା ଜାରି ରଖିଛନ୍ତି । ଘଟଣା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଅନେକ ବିଦ୍ୟାଳୟର ମରାମତି ହୋଇନଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ବାଧାପ୍ରାପ୍ତ ହୋଇଛି । ଅନ୍ୟପକ୍ଷରେ, ନିଲିଗୁଡା ପଂଚାୟତ ଚୁନୁରଗୁଡା ଓ କମାରଗୁଡା ବିଦ୍ୟାଳୟର ରୋଷେଇ ଘର ସମ୍ପୂର୍ଣ୍ଣ ଭାଙ୍ଗି ନଷ୍ଟ ହୋଇଯାଇଛି । ଏନେଇ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ମରାମତି କରାଯାଉନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ଏ ସମ୍ପର୍କରେ ପଡିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମହାପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, କିଛି ବିଦ୍ୟାଳୟର ମରାମତି କାର୍ଯ୍ୟ ହାତକୁ ନିଆଯାଇଛି । ଅନ୍ୟ ବିଦ୍ୟାଳୟ ଗୁଡ଼ିକର ମରାମତି ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ। ଦୁର୍ଗମ ଓ ଆଦିବାସୀ ଅଧ୍ୟୁଷିତ ବ୍ଲକରେ ଶିକ୍ଷାର ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା କରୁଥିବା ବେଳେ ପଡ଼ିଆ ବ୍ଲକରେ ଶିକ୍ଷା ଭିତିଭୂମିରେ ସୁଧାର ନ ଆସିବା ଚିନ୍ତାର କାରଣ ପାଲଟିଛି । ତୁରନ୍ତ କ୍ଷତିଗ୍ରସ୍ତ ବିଦ୍ୟାଳୟଗୁଡ଼ିକର ମରାମତି କରି ଛାତ୍ରଛାତ୍ରୀଙ୍କ ପାଇଁ ସୁରକ୍ଷିତ ଶିକ୍ଷା ପରିବେଶ ସୃଷ୍ଟି କରିବାକୁ ଅଭିଭାବକ ଓ ଗ୍ରାମବାସୀ ଦାବି କରିଛନ୍ତି ।

# ଜାତୀୟ କ୍ରୀଡ଼ା ଦିବସ ପାଳନ ଅବସରରେ କ୍ରୀଡ଼ା ଉତ୍ସବ

ଜୟପୁର : (ହି.ସ.) - ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁରର କ୍ରୀଡ଼ା ପରିଷଦ ପକ୍ଷରୁ "ଖେଲେଗା ଭାରତ, ଜିତେଗା ଭାରତ" ବିଷୟବସ୍ତୁକୁ ଆଧାର କରି ଜାତୀୟ କ୍ରୀଡ଼ା ଦିବସ– ୨୦୨୬ ଅଗଷ୍ଟ ୨୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ତିନିଦିନ ବ୍ୟାପୀ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରାଯାଉଛି । ୨୮ ଅଗଷ୍ଟ ପୂର୍ବାହ୍ନ ୧୦ଟା ସମୟରେ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆ/ମଂଚ ଠାରେ ଏହାର ଉଦ୍ଘାଟନୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମାନ୍ୟବର କୁଳପତି ପ୍ରଫେସର ହୃଷୀକେଶ ସେନାପତି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଉଦ୍ଘାଟନ କରିଥିଲେ । ଏହି ଅବସରରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଶ୍ରୀ ମହେଶ୍ୱର ଚନ୍ଦ୍ର ନାୟକ ଏବଂ ସିପିଜିସି ଡ. ପ୍ରଶାନ୍ତ କୁମାର ପାତ୍ରଙ୍କ ସମେତ ବିଶ୍ୱବିଦ୍ୟାଳୟର ବହୁ ଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମଟିର ସମନ୍ୱୟ ଓ ପରିଚାଳନା କ୍ରୀଡ଼ା ପରିଷଦର ସଚିବ କ୍ୟାପଟ୍ଟେନ୍ ଡ. ଲକ୍ଷ୍ମଣ ପାତ୍ରଙ୍କ ନେତୃତ୍ୱରେ କରାଯାଇଥିଲା । ତାଙ୍କ ନେତୃତ୍ୱରେ ଜାତୀୟ କ୍ରୀଡ଼ା ଦିବସକୁ ସୁଚାରୁ ଓ ସଫଳ ଭାବେ ପାଳନ କରିବା ପାଇଁ ବିଭିନ୍ନ କ୍ରୀଡ଼ା ଓ ଶାରୀରିକ ସୁସ୍ଥତାମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଉଦ୍ଘାଟନୀ ଦିବସରେ ଏନସିସି , ଏନସସ ଓ ୱାଆରସି ର ଅଧିକାରୀମାନଙ୍କ ସହଯୋଗରେ ଏକ ଉଦ୍ଘାଟନୀ ରାଲି ଆୟୋଜିତ ହୋଇଥିଲା । ଏହା ସହିତ ସ୍କ୍ୱାଟ୍, ପୁଶ୍-ଅପ୍, ସ୍କିପିଂ, ସିଟ୍-ଅପ୍, ଜମ୍ପିଂ ଜ୍ୟାକ୍, ଲଞ୍ଜେସ୍, ବର୍ପିଜ୍, ହାଇ ନିଜ୍, ମାଉଂଟେନ୍ କ୍ଲାଇମ୍ବର୍ସ, ଫୁଟବଲ୍ କିକ୍ସ ଏବଂ କ୍ୟାଚ୍ ଆଣ୍ଡ ଥ୍ରୋ ଭଳି ବିଭିନ୍ନ ଫିଟନେସ୍ ଚ୍ୟାଲେଞ୍ଜ ଆୟୋଜନ କରାଯାଇଥିଲା । ୨୯ ଅଗଷ୍ଟରେ ଭଲିବଲ୍, କବାଡ଼ି ଓ ଫୁଟବଲ୍ ଭଳି ବିଭିନ୍ନ ଦଳଗତ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯିବ । ୩୦ ଅଗଷ୍ଟ ୨୦୨୬ରେ ସାଇକେଲ୍ ରାଲି ଏବଂ ସମାପନୀ ସମାରୋହ ଅନୁଷ୍ଠିତ ହେବ । ଏହି ଅବସରରେ କୁଳପତି, ରେଜିଷ୍ଟ୍ରାର ଓ ସିପିଜିସି କ୍ରୀଡ଼ାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀମାନେ ନିୟମିତ କ୍ରୀଡ଼ା ଓ ଶାରୀରିକ ବ୍ୟାୟାମରେ ଅଂଶଗ୍ରହଣ କରି ସୁସ୍ଥ ଜୀବନଶୈଳୀ ଆପଣାଇବାକୁ ଆହ୍ୱାନ ଜଣାଇଥିଲେ । ଜାତୀୟ କ୍ରୀଡ଼ା ଦିବସ ମହାନ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିବସକୁ ସ୍ମରଣ କରିବାର ଏକ ଗୌରବମୟ ଅବସର । ବିଶ୍ୱବିଦ୍ୟାଳୟରେ ଏହି ତିନିଦିନିଆ କାର୍ଯ୍ୟକ୍ରମ କ୍ରୀଡ଼ାସୁଲଭ ମନୋଭାବ, ଶୃଙ୍ଖଳା, ନେତୃତ୍ୱ, ଦଳଗତ ଭାବନା ଓ ଶାରୀରିକ ସୁସ୍ଥତାର ବିକାଶରେ ଏକ ସକାରାତ୍ମକ ପଦକ୍ଷେପ ଭାବେ ପରିଗଣିତ ହୋଇଛି ।ଖେଲେଗା ଭାରତ, ଜିତେଗା ଭାରତ ର ମହତ୍ୱପୂର୍ଣ୍ଣ ବାର୍ତ୍ତାକୁ ଆଧାର କରି ଆୟୋଜିତ ଏହି କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟରେ କ୍ରୀଡ଼ା ସଂସ୍କୃତିକୁ ଅଧିକ ସୁଦୃଢ଼ କରିବା ସହ ଯୁବପିଢ଼ିଙ୍କୁ କ୍ରୀଡ଼ା ପ୍ରତି ଉତ୍ସାହିତ କରିବ ବୋଲି ଆଶା କରାଯାଏ ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଓ ଆଇନ ସଚେତନତା ଶିବିର

ନୂଆପଡ଼ା : (ହି.ସ.)- ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା ଓକିଲ ସଂଘ ସଭାଗୃହ ରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତି ଗୁଡ଼ିକର କୃତ୍ରିମ ବୁଦ୍ଧିମତା ଇଂଟେଲିଜେନ୍ସ ଏବଂ ସୁପ୍ରିମ କୋର୍ଟଙ୍କ ସୁଭାସ ସଫ୍ଟୱାୟାର ମାଧ୍ୟମରେ ଇଂରାଜୀରୁ ଆଂଚଳିକ ଭାଷାରେ ଅନୁବାଦ ତଥା ଓଡିଶା ଉଚ୍ଚ ନ୍ୟାୟାଳୟଙ୍କ ଆଭାସୀ ଆଇନ, ୨୦୨୫, ଦେୱାନୀ ପ୍ରଣାଳୀରେ ବିକଳ୍ପ ବିବାଦ ସମାଧାନ ଆଇନ, ୨୦୦୭ ଏବଂ ଦେୱାନି ପ୍ରଣାଳୀରେ ମଧ୍ୟସ୍ଥତା ଆଇନ, ୨୦୦୭ ଏବଂ ଗର୍ଭ ଧାରଣ ପୂର୍ବ ଓ ପ୍ରସବ ପୂର୍ବ ନିଦାନ କୌଶଳ ଆଇନ, ୧୯୯୪ ସମ୍ବନ୍ଧରେ ସଚେତନତା ଶିବିର ଏବଂ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସମର ବିଳାସ ବେହେରା, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୁଶାନ୍ତ କୁମାର ମିଶ୍ର, ବରିଷ୍ଠ ଦେୱାନୀ ବିଚାରପତି ଦୁର୍ବାସା ଦୁର୍ଗା, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ବରିଷ୍ଠ ଦେୱାନୀ ବିଚାରପତି (ମହିଳା କୋର୍ଟ) ସରୋଜିନୀ ସାହୁ, ଏସ.ଡି.ଜେ.ଏମ୍ ସ୍ନାତକି ଦାଶ, ବିଚାର ବିଭାଗୀୟ ଦଣ୍ଡାଧିକାରୀ କାହ୍ନୁ କିସ୍କୁ, ମହାମାୟା ଆଇନ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡଃ. ଅନିଲ କୁମାର ତାଣ୍ଡି, ୨୧୬ ସିଆରପିଏଫ୍ ବାଟାଲିୟନର କମାଣ୍ଡାଂଟ କୁଳଦୀପ ଜୈନ, ୧୯ ସିଆରପିଏଫ୍ ବାଟାଲିୟନର ଉପ କମାଣ୍ଡାଂଟ ଅନିଲ ପ୍ରସାଦ ୟେଡଲା, ବରିଷ୍ଠ ଓକିଲ ପ୍ରସନ୍ନ ପାଢ଼ି, ସେଟରାମ ଦେୱାଙ୍ଗନ, ତ୍ରିଲୋକ ଚନ୍ଦ ସୋନୀ, ଆଇନ ସେବା ପ୍ରତିପକ୍ଷ ଓକିଲ ପ୍ରକାଶ ସେନାପତି, ଓ ଅଧିକାର ମିତ୍ରଗଣ ପ୍ରମୁଖ ଅଂଶଗ୍ରହଣ କରି ଉପୋରକ୍ତ ବିଷୟ ଗୁଡିକରେ ବିସ୍ତୃତ ଚର୍ଚ୍ଚା କରିଥିଲେ । ବରିଷ୍ଠ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ଡାକ୍ତର ବିଦ୍ୟାଧର ନାଗ ଓ ସ୍ୱାସ୍ଥ୍ୟ ବିଭାଗ ର ଅନ୍ୟାନ୍ୟ ଅଧିକାରୀ ମାନେ ମଧ୍ୟ ଲିଙ୍ଗ ନିରୂପଣ ଆଇନ ବିଷୟରେ ପିଲାମାନଙ୍କୁ ସଚେତନ କରିଥିଲେ । ଏହି ଅବସର ରେ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା ଏବଂ ୩୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି । ବ୍ରହ୍ମା କୁମାରୀ ଅନୁଷ୍ଠାନ ର ଭଉଣୀ ଅଞ୍ଜଳି, ଭଉଣୀ ଅନିତା, ଅଶୋକ ନାୟକ ଓ ବିଶିଷ୍ଟ ରକ୍ତଦାତା କିଶୋର କୁମାର ପରିଡ଼ା, ସମାଜସେବୀ ରଚନା ଜୈନ ପ୍ରମୁଖ ଉପସ୍ଥିତ ରହି ସମସ୍ତ ରକ୍ତଦାତାଙ୍କୁ ପ୍ରେରିତ ଓ ଉତ୍ସାହିତ କରିଥିଲେ । ସଭା ପରିଶେଷରେ ନୂଆପଡ଼ା ବ୍ରହ୍ମା କୁମାରୀ ଅନୁଷ୍ଠାନ ର କର୍ମକର୍ତାମାନଙ୍କ ଦ୍ୱାରା ନିଶା ମୁକ୍ତ ଭାରତ ର ଶପଥପାଠ କରାଯାଇଥିଲା ।

# ପୂଜ୍ୟପୂଜା ସେବା ସଂଗଠନ ଆନୁକୂଲ୍ୟରେ ଗଙ୍ଗାଧର ଜୟନ୍ତୀ

ବଲାଙ୍ଗୀର :(ହି.ସ.) – ପୂଜ୍ୟପୂଜା ସେବା ସଂଗଠନ ଆନୁକୂଲ୍ୟରେ ସ୍ଥାନୀୟ ଟିକ୍ରାପଡ଼ା ସ୍ଥିତ ଦଧିବାମନ ମନ୍ଦିର ଠାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଓ ରକ୍ଷାବନ୍ଧନ ଉତ୍ସବ ପାଳନ ହୋଇଯାଇଛି । ସଭାପତି କେଶବ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ ସତ୍ୟବନ୍ତ ବେଦବାକ୍ ମୁଖ୍ୟଅତିଥି ଓ ଡ. ପ୍ରେମଚାନ୍ଦ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦାନ କରି କବିଙ୍କର ଜୀବନୀ, ତପସ୍ୱିନୀ କବିତା, କୃଷକ ସଂଗୀତ ତଥା ସାହିତ୍ୟ ସାଧନା ସହିତ ସମାଜ ପ୍ରତି ତାଙ୍କର ଅବଦାନ ବିଷୟରେ ଆଲୋକପାତ କରିଥିଲେ । ସଭା ଆରମ୍ଭରେ ସଂପାଦକ ସୁନାଧର ବନଛୋର ଅତିଥିଙ୍କ ପରିଚୟ ତଥା କାର୍ଯ୍ୟକ୍ରମ ଉପରେ ବିବରଣୀ ପ୍ରଦାନ କରିଥିଲେ । ସଭାରେ ଜୟରାମ ମିଶ୍ର, କପିଳ ପତି, ଡା. ଅଶୋକ କୁମାର ସେଠୀ, ସୋମନାଥ ସାହୁ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠି, ସୁରଥ ସାହୁ ପ୍ରମୁଖ କବିଙ୍କ ସ୍ମୃତି ଚାରଣ କରିଥିଲେ ଏବଂ ଉକ୍ତ ସଭାରେ ମାଳତି ଉଦ୍‌ଗାତା, ନିହାରିକା ମିଶ୍ର, ତପସ୍ୱିନୀ ପଶାୟତ ସମସ୍ତ ଭାଇମାନଙ୍କର ମଙ୍ଗଳ କାମନା ସକାଶେ ସମସ୍ତଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ଚୁଡେନ୍ଦ୍ର କୁମାର ବେହେରା, ଅରୁଣ କୁମାର ଖୁଆସ, ଶାନ୍ତନୁ କୁମାର ମିଶ୍ର, ସିତାଂଶୁ ଶେଖର ନାୟକ, ବଂଶି ଭୋଇ ସହଯୋଗ କରିଥିଲେ । ଶେଷରେ ପରିଚାଳନା ସଂପଦକ ଧିରେନ୍ଦ୍ ନାରାୟଣ ସିଂଦେଓ ଧନ୍ୟବାଦ ଅର୍ପଣ କରିଥିଲେ ।

# ନବନିଯୁକ୍ତ ପିଏଚ୍.ଡି. ଗବେଷଣାର୍ଥୀଙ୍କ ଅଭିମୁଖୀକରଣ କାର୍ଯ୍ୟକ୍ରମ

ଜୟପୁର : (ହି.ସ.) - ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର ପରିସରରେ ଆଜି ନବନିଯୁକ୍ତ ପିଏଚ୍.ଡି. ଗବେଷଣାର୍ଥୀମାନଙ୍କ ପାଇଁ ଏକ ଅଭିମୁଖୀକରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଯାଇଛି । ନୂତନ ଗବେଷଣାର୍ଥୀ ମାନଙ୍କୁ ବିଶ୍ୱବିଦ୍ୟାଳୟର ଗବେଷଣା ବ୍ୟବସ୍ଥା, ନିୟମାବଳୀ, ଶୈକ୍ଷିକ ପରିବେଶ ଏବଂ ଗବେଷଣା ସମ୍ପର୍କିତ ବିଭିନ୍ନ ପ୍ରକ୍ରିୟା ସହିତ ପରିଚିତ କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହୃଷୀକେଶ ସେନାପତି, କୁଳସଚିବ ଶ୍ରୀ ମହେଶ୍ୱର ଚନ୍ଦ୍ର ନାୟକ,ସ୍ନାତକୋତର ପରିଷଦର ଅଧ୍ୟକ୍ଷ (ସିପିଜିସି ) ଡ. ପ୍ରଶାନ୍ତ କୁମାର ପାତ୍ର, ପରୀକ୍ଷା ନିୟନ୍ତ୍ରକ ଶ୍ରୀ ରଂଜନ କୁମାର ପ୍ରଧାନ ଏବଂ ବିଶ୍ୱବିଦ୍ୟାଳୟର ସମସ୍ତ ପଞ୍ଜୀକୃତ ପିଏଚ୍.ଡି. ଗବେଷଣା ଗାଇଡ୍ ଉପସ୍ଥିତ ରହି ନବାଗତ ଗବେଷଣାର୍ଥୀ ମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ କୁଳପତି ନବନିଯୁକ୍ତ ଗବେଷଣାର୍ଥୀମାନଙ୍କୁ ଗବେଷଣା କ୍ଷେତ୍ରରେ ନିଷ୍ଠା, ଶୃଙ୍ଖଳା, ମୌଳିକତା, ଗବେଷଣା ନୀତି ଏବଂ ଏକାଡେମିକ୍ ଇଂଟେଗ୍ରିଟି ର ଗୁରୁତ୍ୱ ବିଷୟରେ ଅବଗତ କରାଇଥିଲେ । ଉଚ୍ଚମାନର ଗବେଷଣା ମାଧ୍ୟମରେ ସମାଜ ଓ ଦେଶର ଉନ୍ନତିରେ ଅବଦାନ ରଖିବା ପାଇଁ ସେ ଗବେଷଣାର୍ଥୀମାନଙ୍କୁ ପ୍ରେରଣା ଦେଇଥିଲେ । ପଞ୍ଜୀକୃତ ଗବେଷଣା ଗାଇଡ୍ମାନେ ମଧ୍ୟ ଗବେଷଣା ପ୍ରଣାଳୀ, ସାହିତ୍ୟ ସମୀକ୍ଷା, ଗବେଷଣା ନୀତି, ତଥ୍ୟ ସଂଗ୍ରହ, ଗବେଷଣା ପ୍ରବନ୍ଧ ପ୍ରସ୍ତୁତି ଏବଂ ପିଏଚ୍.ଡି. ଗବେଷଣାର ବିଭିନ୍ନ ପର୍ଯ୍ୟାୟ ସମ୍ପର୍କରେ ଗବେଷଣାର୍ଥୀମାନଙ୍କୁ ଆବଶ୍ୟକ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ଏହି ଅଭିମୁଖୀକରଣ କାର୍ଯ୍ୟକ୍ରମ ନବନିଯୁକ୍ତ ପିଏଚ୍.ଡି. ଗବେଷଣାର୍ଥୀ ମାନଙ୍କ ପାଇଁ ବିଶେଷ ଭାବେ ଉପଯୋଗୀ ଓ ପ୍ରେରଣାଦାୟକ ହୋଇଥିଲା । କାର୍ଯ୍ୟକ୍ରମ ମାଧ୍ୟମରେ ସେମାନେ ବିଶ୍ୱବିଦ୍ୟାଳୟର ଗବେଷଣା ପରିବେଶ, ନିୟମାବଳୀ ଏବଂ ନିଜର ଦାୟିତ୍ୱ ସମ୍ପର୍କରେ ସ୍ପଷ୍ଟ ଧାରଣା ପାଇଥିଲେ । ଶେଷରେ ଡକ୍ଟର ବିଜୟ କୁମାର ସେଠୀ, ସମସ୍ତ ମାନ୍ୟବର ଅତିଥି, ପଞ୍ଜୀକୃତ ଗବେଷଣା ଗାଇଡ୍ ଏବଂ ନବନିଯୁକ୍ତ ପିଏଚ୍.ଡି. ଗବେଷଣାର୍ଥୀମାନଙ୍କୁ ଧନ୍ୟବାଦ ଜଣାଇବା ସହିତ କାର୍ଯ୍ୟକ୍ରମର ସଫଳ ସମାପ୍ତି ଘୋଷଣା କରାଯାଇଥିଲା ।

# କୋରାପୁଟ ଜିଲ୍ଲାରେ ପରିବା ଦର ଆକାଶଛୁଆଁ

ଜୟପୁର : (ହି.ସ.) - କୋରାପୁଟ ଜିଲ୍ଲାରେ ପରିବା ଦର ଆକାଶଛୁଆଁ ହୁ ହୁ ହୋଇ ବଢୁଛି । କୋରାପୁଟ ଜିଲାର ଜୟପୁର, ସେମିଳଗୁଡା, କୋଟପାଡ, କୋରାପୁଟ ରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ସହ ଖାଦ୍ୟ ସାମଗ୍ରୀ ଦର ନିୟମିତ ବଢ଼ିବାରେ ଲାଗିଛି । ପ୍ରଶାସନ ଏହି ଦରଦାମ୍ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହରାଇଛି । ଯାହାକୁ ନେଇ ଏବେ ସାଧାରଣ ଖାଉଟିଙ୍କ ଚିନ୍ତା ବଢ଼ିଛି । ମଧ୍ୟବିତ ଓ ଗରିବ ପରିବାରର ମାସିକ ବଜେଟ୍ ବିଗିଡ଼ି ଯାଇଛି । ବଜାର ଦର ବୃଦ୍ଧିର ସିଧାସଳଖ ପ୍ରଭାବ କୋରାପୁଟ ଜିଲାକୁ ଆସୁଥିବା ହଜାର ହଜାର ପର୍ଯ୍ୟଟକଙ୍କ ଉପରେ ପ୍ରଭାବ ପଡୁଛି । ଯେଉଁ ସାଧା ଥାଳି ୬୦ ଟଙ୍କାରେ ମିଳୁଥିଲା, ଏବେ ତାହା ୧୦୦ ଟଙ୍କାରେ ପହଂଚିଛି । ଆମିଷ ଥାଳି ଦେଢ଼ଶହରେ ପହଂଚିଛି । ଏହାକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି । ପରିବା ଓ ଅନ୍ୟାନ୍ୟ ସାମଗ୍ରୀ ଏତେ ବଢ଼ିଯାଇଛି ଯେ, ଖାଦ୍ୟ ଦର ବଢ଼ାଇବାକୁ ଆମେ ବାଧ୍ୟ ହେଉଛୁ ବୋଲି ହୋଟେଲ ମାଲିକମାନେ କହିଛନ୍ତି । ଲଗାଣ ବର୍ଷା ଯୋଗୁ ମାସ ମାସ ଧରି ପାଣି ଜମି ରହିବାରୁ ପରିବା ଚାଷ ନଷ୍ଟ ହୋଇଯାଇଛି । ଖୁଚୁରା ବଜାରରେ ଆଳୁକୁ ବାଦ ଦେଲେ ଅନ୍ୟ ସମସ୍ତ ସବୁଜ ପରିବା ଦର ୫୦ ଟଙ୍କା ଅତିକ୍ରମ କରିଛି । ବାଇଗଣ ୬୦ ଟଙ୍କା, ଟମାଟୋ ୪୦ ଟଙ୍କା, କାଙ୍କଡ଼ ୬୦ ଟଙ୍କା, ଦେଶୀ କାଙ୍କଡ଼ ୧୨୦ ଟଙ୍କା, ଗାଜର ୬୦, ବିନ୍ ୮୦, , ଝୁଡ଼ଙ୍ଗ ୬୦, ଭେଣ୍ଡି ୪୦, ପୋଟଳ ୮୦ ଜହ୍ନି ୭୦, ପିଆଜ ୫୦, ବନ୍ଧାକୋବି ୫୦ , କାଶ୍ମୀର ଲଙ୍କା ୧୨୦, ସାରୁ ୬୦ ଅଦା ୧୬୦, ରସୁଣ ୧୪୦ ଟଙ୍କା ଦର ରହିଛି ବଜାରକୁ ଗଲେ ୫ଶହ ଟଙ୍କାରେ ବ୍ୟାଗ୍ ଭର୍ତ୍ତି ହେଉନି । ଚାଉଳ, ଡାଲି, ତେଲ ମଧ୍ୟ ମହଙ୍ଗା ହୋଇଛି । ଅରୁଆ ସରୁ ଚାଉଳ କେଜି ୬୨ରୁ ୬୫ ଟଙ୍କା ରହିଥିବା ବେଳେ ମୋଟା ଚାଉଳ ୫୦ରୁ ୬୦, ଉଷୁନା ଚାଉଳ ୩୫ରୁ ୬୦ ଟଙ୍କା ରହିଛି । ଚିନି ୭୦ ଟଙ୍କାରେ ପହଂଚିଥିବା ବେଳେ ପାମୋଲିନ୍ ତେଲ ୧୧୫, ସୋରିଷ ତେଲ ୧୯୫ ଟଙ୍କା ରହିଛି । ବିଭିନ୍ନ ବ୍ରାଣ୍ଡ ଅଟା ୫ କେଜିକୁ ୨୨୫ରୁ ୨୪୫ ଟଙ୍କା ବିକ୍ରି ହେଉଛି । ବିରି ଡାଲି ୧୬୦ ଟଙ୍କା ରହିଥିବା ବେଳେ ହରଡ଼ ଡାଲି ୧୨୦ରୁ ୧୪୦, ମୁଗ ଡାଲି ୧୨୦ରୁ ୧୩୫, ବୁଟ ଡାଲି ୭୦ରୁ ୯୦ ଟଙ୍କା ରହିଛି । ଗୁଡ଼ ସିଧା ୮୦ ଟଙ୍କାରେ ପହଁଚିଥିବା ବେଳେ ବେସନ ୫୫ରୁ ୭୦ ଟଙ୍କା ରହିଛି । ଡ୍ରାଏ ଫ୍ରୁଟ୍ସ ମଧ୍ୟରେ କାଜୁ ୬୫୦ରୁ ୯୦୦, କିସମିସ ୨୦୦ରୁ ୪୫୦, ବାଦାମ ୭୦୦ରୁ ୯୬୦, ଖଜୁର ୮୦ରୁ ୧୫୦ ଟଙ୍କା ରହିଛି । ଏ ସବୁର ନୂଆ ପ୍ୟାକେଟ୍ ଯେବେ ବି ବଜାରକୁ ଆସୁଛି ସେଥିରେ କିଛି ଦର ବଢ଼ି ଯାଉଛି । ଏସବୁ ଖୋଲାବଜାରରେ ବିକ୍ରି ହେଉଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଇ ପାରୁନାହିଁ ବଜାର ଦର ଉପରେ ପ୍ରଶାସନର କୌଣସି ନିୟନ୍ତ୍ରଣ ନାହିଁ । ଏହା ସହ ପେଟ୍ରୋଲ , ଡିଜେଲ ଦର ବି କିଛି କମ ନୁହଁ । ସାଧାରଣ ପରିବାର ଲୋକେ ବହୁ କଷ୍ଟରେ ଜୀବନ ନିବାହ କରୁଛନ୍ତି । ଏପରେ ଦରମଦାମ ନିୟନ୍ତ୍ରଣ ନଥିବାରୁ ପ୍ରଶାସନ ନିୟନ୍ତ୍ରଣ କରିବାକୁ ବିଭିନନ ମହଲରେ ଦାବି ହୋଉଛି ।

# ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ସୁଫଳ ପାଇଁ ଆହ୍ୱାନ

ଭଦ୍ରକ :(ହି.ସ.) – ଭଦ୍ରକ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ବନ୍ତ ପଚାଂୟତ ସମିତି ଆୟୋଜନରେ ଭିମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଛି । କେନ୍ଦୁଆପଦା ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ସଚେତନତା ସଭାକୁ ବନ୍ତ ବିଡିଓ ସୀତାକାନ୍ତ ରାଉତ ଅଧ୍ୟକ୍ଷତା କରିଥିବା ବେଳେ ଶିକ୍ଷକ ସୁଧିର କୁମାର ବାରିକ ମଂଚ ସଂଯୋଜନା କରିଥିଲେ । ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ କହିଲେ, ସମାଜରେ ସମ୍ମାନର ସହ ବଚିଂବା ପାଇଁ ଭିନ୍ନକ୍ଷମ ଶିବିର ସହାୟକ ହେବ ,ଏଥିପାଇଁ ନିର୍ବାଚିତ ଜନ ପ୍ରତିନିଧି, ଅଧିକାରୀ ଓ ଗଣମାଧ୍ୟମର ସହଯୋଗ ଆବଶ୍ୟକ । ଭଣ୍ଡାରିପୋଖରୀ ବିଧାୟକ ସଞ୍ଜିବ କୁମାର ମଲ୍ଲିକ କହିଲେ, କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ସାମିଲ୍ ହୋଇ ପ୍ରମାଣପତ୍ର ମାଧ୍ୟମରେ ଭିନ୍ନକ୍ଷମ ମାନେ ସରକାରଙ୍କ ସୁବିଧା ହାସଲ କରି ପାରିଲେ ଯୋଜନା ସଫଳ ହେବ । ବିଧାନସଭା ବିଜେପି ନେତା ଡ. ସୁଧାଂଶୁ ଶେଖର ନାୟକ, ଭଦ୍ରକ ଜିଲ୍ଲାପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡେଇ, ଉପାଧ୍ୟକ୍ଷା ପ୍ରଗତିବାଳା ସ୍ୱାଇଁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସ୍ମିତା ମାଝୀ, ବନ୍ତ ସମିତିସଭ୍ୟ ପରମେଶ୍ୱର ବାରିକ, ପ୍ରଧାନଶିକ୍ଷକ ଶଶି ଶେଖର କରଶର୍ମା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ମୌଳିକ ଅଧିକାର ପାଇଁ ଶିବିର ଆୟୋଜନ କରାଯାଉଛି, ଭିନ୍ନକ୍ଷମ ଭାବି ସେମାନଙ୍କୁ ଅବହେଳା ନକରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ନେଇ ସହଯୋଗର ହାତ ବଢାଇବାକୁ ମତପ୍ରକାଶ ପାଇଥିଲା । ବ୍ଲକ ଗ୍ରାମପଚାଂୟତ ଅଧିକାରୀ ସୂଚିସ୍ମିତା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଶିବିରରେ ୭ ଟି କକ୍ଷରେ ଶାରିରୀକ ଭିନ୍ନକ୍ଷମର ୬୯, ଶ୍ରବଣ ବାଧିତ ମୂକ ,ବଧିର ୩୮, ଦୃଷ୍ଟିବାଧିତ ୨୦ , ମାନସିକ ଅନଗ୍ରସର ୨୮ ଏବଂ ଶିଶୁ ଚିକିତ୍ସା ସମ୍ବନ୍ଧୀୟ ୧୭ ଜଣକୁ ମିଶାଇ ୧୭୨ ଜଣ ପରୀକ୍ଷା କରିଥିବା ବେଳେ ପରବର୍ତୀ ସମୟରେ ସେମାନଙ୍କୁ ପ୍ରମାଣପତ୍ର ଯୋଗାଇ ଦିଆଯିବ । ଅସ୍ଥିଶଲ୍ୟ ବିଶେଷଜ୍ଞ ବିଶ୍ୱଜିତ୍ ରାଏ,ଔଷଧ କମଳାକାନ୍ତ ସାହୁ, ଶିଶୁ ରୋଗ ଜ୍ୟୋତିରଞ୍ଜନ ଦାସ, ଆଖିରୋଗ ରମାକାନ୍ତ ସାହୁ, କର୍ଣ୍ଣ ମାନସ ରଞ୍ଜନ ବିଶ୍ୱାଳ, ମାନସିକ ରୋଗର ବି କେ ପୃଷ୍ଟି, ମସ୍ତିଷ୍କ ପକ୍ଷାଘାତ କମଳାକାନ୍ତ ବାରିକ ପ୍ରମୁଖ ଭିନ୍ନକ୍ଷମଙ୍କୁ ପରୀକ୍ଷା କରିଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ସାହୁ, କାର୍ଯ୍ୟକ୍ରମ ସହାୟକ ଲକିପ୍ରଭା ଜେନା, କେନ୍ଦୁଆପଦା ସରପଚଂ ଇଂ. ପ୍ରମୋଦ ଜେନାଙ୍କ ତତ୍ତ୍ୱାବଧାନରେ ପୂର୍ଣ୍ଣଚନ୍ଦ୍ର ପୁହାଣ, ପ୍ରଦୀପ ବିଶ୍ୱାଳ, ବୀରକିଶୋର ନାୟକ, ପ୍ରଫୁଲ୍ଲ ପଣ୍ଡା, ବିକାଶ ରାଉତଙ୍କ ସମେତ ବିଦ୍ୟାଳୟର ତରଣୀ ସେନ ଜେନା,ମଣିଭଦ୍ର ମିଶ୍ର, ତାପସ କୁମାର ନାୟକ, ଶୁଭ୍ରାଂଶୁ ଶିଅଳ, ସନ୍ଦିପ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।



# ପୌର ପରିଷଦ ରାୟଗଡ଼

## ସର୍ବସାଧାରଣ ନିମନ୍ତେ ସୂଚନା

ଏତଦ୍ୱାରା ରାୟଗଡ଼ ପୌରାଂଚଳ ସମସ୍ତ ଜନସାଧାରଣମାନଙ୍କୁ ଜଣାଇ ଦିଆଯାଉଅଛି କି,

- ରାୟଗଡ଼ ସହରକୁ ସରସ ସୁନ୍ଦର କରିବା ପାଇଁ ସମସ୍ତ ରାସ୍ତା ଓ ଗଳିକୁ ସଫା ରଖିବା ସହ ପରିବେଶ ପରିଷ୍କାର ରଖନ୍ତୁ ।
- ଘରର ସମସ୍ତ ଓଦା ବା ଶୁଖିଲା ଅଳିଆକୁ ପୃଥକ ଭାବେ ପରିଷଦର ସ୍ୱଚ୍ଛ ବାହନ ଗାଡ଼ିରେ ଦିଅନ୍ତୁ ।
- ପ୍ଲାଷ୍ଟିକ୍ ଓ ପଲିଥିନ ବ୍ୟବହାର କରନ୍ତୁ ନାହିଁ । ଯଦି କରନ୍ତି ତେବେ ପରିଷଦ ଜୋରିମାନା ରାଶି ଆଦାୟ ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।
- ଆପଣମାନଙ୍କ ଠାରୁ ସଂଗୃହୀତ ହେଉଥିବା ଅଳିଆରୁ ଉତ୍‌କୃଷ୍ଟମାନ ଜୈବିକ ଖତ ପ୍ରସ୍ତୁତ ହେଉଅଛି । ଏହାର ଉପଯୋଗ କରନ୍ତୁ ।
- ନୂତନ ଘର ନିର୍ମାଣ କରିବା ପୂର୍ବରୁ ଗୃହର ପ୍ଲାନ୍ ପରିଷଦ ଠାରୁ ମଞ୍ଜୁର କରାଇ ନିଅନ୍ତୁ ଏବଂ ଗୃହ ସମାପ୍ତ ପରେ ତାହାକୁ ପଞ୍ଜିକରଣ କରାଇନିଅନ୍ତୁ ।
- ବ୍ୟବସାୟମାନେ ନିଜର ବ୍ୟବସାୟ ପ୍ରତିଷ୍ଠାନର ନୂତନ ଟ୍ରେଡ଼ ଲାଇସେନ୍ସ ଓ ନବୀକରଣ ନିମନ୍ତେ ସୁଯୋଗ ପୋର୍ଟାଲରେ ଅନ୍‌ଲାଇନରେ ଆବେଦନ କରାଇ ନିଅନ୍ତୁ ଓ ବିଭିନ୍ନ ଟିକସ ଯଥା **Holding Tax, User Fee, Hoarding Fee** ଓ ଅନ୍ୟାନ୍ୟ ଟ୍ରାକ୍ସ ଠିକ୍ ସମୟରେ ପୈଠ କରନ୍ତୁ ।
- ଭୂମି ଅଧିକାରୀ ସାବ୍ୟସ୍ତ ନିମନ୍ତେ ଭୂମିର ସର୍ବେକ୍ଷଣ (ନକ୍ସା) କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ ।
- ବାଣିଜ୍ୟିକ ପ୍ରତିଷ୍ଠାନର ସୂଚନା ଫଳକ (**Display Board**) ୬୦ ଭାଗ ଓଡ଼ିଆ ଭାଷାରେ ଲେଖନ୍ତୁ । ନଚେତ୍ ପରିଷଦ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଲେଖା ନ ସରିବା ପର୍ଯ୍ୟନ୍ତ ପ୍ରତିଦିନ ୫୦୦ଶହ ଟଙ୍କା ଜୋରିମାନା ରାଶି ଆଦାୟ କରିବେ ।
- ପାଇଖାନା ଟାଙ୍କି ସଫା ନିମନ୍ତେ ପରିଷଦର ସେସ୍ ପୁଲ ଗାଡ଼ି ପାଇଁ ଟୋଲ ଫ୍ରି ନଂ. ୦୬୮୫୬-୨୩୫୦୫୨ ରେ ଯୋଗାଯୋଗ କରନ୍ତୁ ।
- ରାସ୍ତାକଡ଼ ଡ୍ରେନ୍‌କୁ ଜବରଦଖଲ କରନ୍ତୁ ନାହିଁ । ଯଦି କରନ୍ତି ତେବେ ପରିଷଦ ଉକ୍ତ ଜବରଦଖଲକୁ ଉଚ୍ଛେଦ କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବେ ।
- ପରିଷଦ ଇଲାକାରେ ଥିବା ସୈଇରାତ (ପୋଖରୀ) ଗୁଡ଼ିକୁ ପରିଷ୍କାର ରଖନ୍ତୁ ।

**ଶ୍ରୀ କୁଳଦିପ କୁମାର**
**ନିର୍ବାହୀ ଅଧିକାରୀ**
**ପୌରପରିଷଦ, ରାୟଗଡ**

**ଶ୍ରୀଯୁକ୍ତ ପି ମହେଶ ପଟ୍ଟନାୟକ**
**ଅଧ୍ୟକ୍ଷ**
**ପୌରପରିଷଦ, ରାୟଗଡ**

# ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ

ସ୍ୱାୟତ ଶାସନ ଦିବସ- ୨୦୨୬ ଶୁଭେଚ୍ଛା ଓ ଅଭିନନ୍ଦନ ପାରାଦ୍ୱୀପ ସହରର ସ୍ୱଚ୍ଛ ପରିବେଶ, ସବୁଜିମା ଓ ସର୍ବାଙ୍ଗୀନ ବିକାଶ ଆମର ସଂକଳ୍ପ :-

୧. ଏକକ ବ୍ୟବହୃତ ପଲିଥିନ କିଣିବା, ବିକିବା ଓ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ ।
୨. ପରିବେଶର ସୁରକ୍ଷା ପାଇଁ ବୃକ୍ଷରୋପଣ କରନ୍ତୁ ଓ ଯତ୍ନ ନିଅନ୍ତୁ ।
୩. ଘରର ଆବର୍ଜନା ଏଣେତେଣେ ନ ପକାଇ ପୃଥକୀକରଣ କରି ପୌରପାଳିକା ଦ୍ୱାରା ପରିଚାଳିତ ଗାଡ଼ିରେ ଦିଅନ୍ତୁ ।
୪. ସ୍ୱଚ୍ଛ ପରିବେଶ ଆମ ସମସ୍ତଙ୍କର ଦାଇତ୍ୱ, ପରିମଳ କାର୍ଯ୍ୟରେ ପୌର କର୍ମଚାରୀଙ୍କୁ ସହଯୋଗ କରନ୍ତୁ ।
୫. ରାସ୍ତା ଘାଟ, ଡ୍ରେନ୍, ପାର୍କ, ଖେଳ ପଡ଼ିଆ ନିର୍ମାଣ ପାଇଁ ଉଦ୍ଦିଷ୍ଟ ଜାଗାକୁ ଅବରୋଧ କରନ୍ତୁ ନାହିଁ, ପାରାଦ୍ୱୀପର ବିକାଶରେ ସହଯୋଗ କରନ୍ତୁ ।
୬. ପୌର ପରିଷଦର ଦେୟ ତଥା ଗୃହ ଟିକସ, ଲାସେନ୍ସ ଫୀସ, ପରିମଳ ଫୀସ ଏବଂ ଦୋକାନ ଗୃହ ଭଡ଼ା ଠିକ ସମୟରେ ପୈଠ କରନ୍ତୁ ।

ସ୍ୱଚ୍ଛ ପାରାଦ୍ୱୀପ - ସୁସ୍ଥ ପାରାଦ୍ୱୀପ

**ନିବେଦକ**
**ପାରାଦ୍ୱୀପ ପୌରପରିଷଦ, ପାରାଦ୍ୱୀପ**

# ବିଜ୍ଞାପିତ ଅଞ୍ଚଳ ପରିଷଦ, ରଣପୁର

ନିଖିଳ ଭାରତ ସ୍ୱାୟତ ଶାସନ ଦିବସ -୨୦୨୬ ଉପଲକ୍ଷେ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ ବାସ କରୁଥିବା ସମସ୍ତ ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ ସହ ସହରକୁ ସ୍ୱଛ ଓ ସୁନ୍ଦର ଭାବରେ ଗଢ଼ିତୋଳିବାକୁ ସମସ୍ତଙ୍କ ସହଯୋଗ କାମନା କରୁଛୁ।

୧. ସହରର ସମସ୍ତ ସାହି ଓ ରାସ୍ତା ସଫା ରଖିବା ସହ ପରିବେଶ ପରିଷ୍କାର ରଖନ୍ତୁ।
୨. ଭାରତର ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ କଠିନ ବର୍ଜ୍ୟ ବସ୍ତୁ ପରିଚାଳନା ନିୟମ- ୨୦୨୬ କୁ ସମ୍ମାନର ସହ ପାଳନ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଉଛି।
୩. ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର କରନ୍ତୁ ନାହିଁ।
୪. ଗଛଟିଏ ଲଗାନ୍ତୁ ଓ ପରିବେଶ ବଞ୍ଚାନ୍ତୁ।
୫. ଗୃହପାଳିତ ପଶୁ ମାନଙ୍କୁ ଅନଧିକାର ଭାବେ ରାସ୍ତା ଉପରେ ଛାଡନ୍ତୁ ନାହିଁ ।
୬. ବ୍ୟବସାୟୀମାନେ ନିଜ ନିଜର ବ୍ୟବସାୟ ପାଇଁ Trade License କରାଇ ନିଅନ୍ତୁ।
୭. ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ଟିକସ ଯଥା –HoldingTax,User Fee ଠିକ ସମୟରେ ପଇଠ କରନ୍ତୁ।
୮. ନୂତନ ଘର ନିର୍ମାଣ କରିବା ପୂର୍ବରୁ ଗୃହର ନକ୍ସା ପରିଷଦ ଠାରୁ ମଞ୍ଜୁର କରାଇ ନିଅନ୍ତୁ ଏବଂ ଗୃହ ସମାପ୍ତ ପରେ ତାହାକୁ ପଞ୍ଜୀକରଣ କରାଇ ନିଅନ୍ତୁ।ଗୃହ କାର୍ଯ୍ୟ ସମୟରେ ବାଲି,ଇଟା ଗୋଡି ରଖନ୍ତୁ ନାହିଁ କି ରାସ୍ତାର ସୌନ୍ଦର୍ଯ୍ୟ ନଷ୍ଟ କରନ୍ତୁ ନାହିଁ।
୯. ସହରରେ ରହୁଥିବା ସମସ୍ତ ଭଠାଦୋକାନୀ ମାନଙ୍କୁ ସରକାରଙ୍କ PMSVANIDHI ଯୋଜନାରେ ଋଣ ସହାୟତା ଏବଂ ଆର୍ଥିକ ଅନଗ୍ରସର ଓ ଗରିବ ପରିବାରଗୁଡ଼ିକୁ ସହଯୋଗ ଯୋଜନାରେ ବିଭିନ୍ନ କଲ୍ୟାଣକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରୟାସ କରାଯାଉଛି।
୧୦. ସ୍ୱଚ୍ଛ ରଣପୁର ଓ ସୁସ୍ଥ ରଣପୁର ଗଠନରେ ସହାୟକ ହୁଅନ୍ତୁ।

**ଶ୍ରୀ ସାମନ୍ତ ବିଶ୍ୱମ୍ଭର ମହାପାତ୍ର**
ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ରଣପୁର
ଓ
ସମସ୍ତ କର୍ମଚାରୀ ବୃନ୍ଦ

**ଶ୍ରୀମତୀ ରଙ୍ଗୀନ ମହାନ୍ତି**
ଅଧ୍ୟକ୍ଷା
ବିଜ୍ଞାପିତ ଅଞ୍ଚଳ ପରିଷଦ, ରଣପୁର
ଓ
ସମସ୍ତ ପରିଷଦ ବର୍ଗ

ଶୁଭେଚ୍ଛାର ସହ ...............

# ପୌରପରିଷଦ, ରାଇରଙ୍ଗପୁର

ନିଖିଳ ଭାରତ ସ୍ୱାୟତ ଶାସନ ଦିବସ-୨୦୨୬ ପାଳନ ଅବସରରେ ପୌର ପରିଷଦ, ରାଇରଙ୍ଗପୁର ସହରର ସମସ୍ତ ଜନସାଧାରଣମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିବା ସଙ୍ଗେ ସଙ୍ଗେ ରାଇରଙ୍ଗପୁର ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ସହରବାସୀଙ୍କ ସହଯୋଗ କାମନା କରୁଅଛି ।

**ନିବେଦନ:-**

୧) ରାଇରଙ୍ଗପୁର ସହରକୁ ସରସ, ସୁନ୍ଦର ଓ ସବୁଜିମା ଭରା ଏକ ଉନ୍ନତ ସହର ରୂପେ ଗଢ଼ି ତୋଳିବାରେ ସହାୟକ ହୁଅନ୍ତୁ ।
୨) ପ୍ଲାଷ୍ଟିକ୍ ଜରିରେ ବ୍ୟବହାର ସରକାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ନିଷିଦ୍ଧ ଘୋଷଣା କରାଯାଇଥିବାରୁ ସହରର ସମସ୍ତ ଜନସାଧାରଣ ଏବଂ ଦୋକାନୀମାନଙ୍କୁ ଅନୁରୋଧ ଏହାର ବ୍ୟବହାର କରନ୍ତୁ ନାହିଁ ।
୩) ପରିଷଦ ସମ୍ପତି ଆପଣଙ୍କ । ଏହାର ସୁରକ୍ଷା ଏବଂ ଶକ୍ଷାବେକ୍ଷଣରେ ସହଯୋଗ କରନ୍ତୁ ।

"ପୌର ସେବା କର ପାଇଁ ପୌର କର ସେବା ପାଇଁ"

**ଶ୍ରୀଯୁକ୍ତ ଅଭିଷେକ ପଟ୍ଟନାୟକ**
**ଅଧ୍ୟକ୍ଷ**
**ପୌରପରିଷଦ, ରାଇରଙ୍ଗପୁର**

**ଶ୍ରୀମତୀ ମମିତା ଚୌଧୁରୀ, ଉପାଧ୍ୟକ୍ଷା**
**ଏବଂ**
**ପାରିଷଦ ବୃନ୍ଦ**
**ପୌରପରିଷଦ, ରାଇରଙ୍ଗପୁର**

**ଶ୍ରୀମତୀ ଶକୁନ୍ତଳା ହାଁସଦାଃ(ଓ.ରା.ସେ.)**
**କାର୍ଯ୍ୟନିର୍ବାହୀ ଅଧିକାରୀ**
**ଏବଂ**
**ସମସ୍ତ କର୍ମଚାରୀ ବୃନ୍ଦ**
**ପୌରପରିଷଦ, ରାଇରଙ୍ଗପୁର**

No. 34001/712/2627

**OFFICE OF THE SUPERINTENDING ENGINEER**
BALESHWAR (ROADS & BUILDINGS ) DIVISION-II
**AT/PO- BHASKARGANJ , BALESHWAR**

CONTACT NO :- 06782-263149
**E Mail ID :- eepwdbls2@gmail.com**

**SHORT TENDER CALL NOTICE**

**BID INVITATION NO. SE (R and B) BLS-II- 17/ 2026-27**

**No.** 7817 **dt.** 28.08.2026

| | | | |
|---|---|---|---|
| 1 | The Superintending Engineer , Baleshwar (R & B) Division-II , Baleshwar on behalf of the Governor of Odisha invites Percentage rate bids to be received in **ONLINE MODE** only for Roads & Buildings works . | | |
| 2 | No. of Work | : | 2 Nos |
| 3 | Nature of work : | : | Electrical Works |
| 4 | Class of Contractor : | : | **"HT" & "MV" Class Contractor** |
| 5 | Approx. value of work | : | **Rs. 5.95 Lakhs to 5.72 Lakhs** |
| 6 | Tender Cost. : . | : | Rs. 4000.00 |
| 7 | Availability of Bid Documents in the website : | : | From 10.00 AM of of 02.09.2026 to 4.00 PM of 11.09.2026 |
| 8 | Date of Opening of Bid : | : | Dt. 11.09.2026 at 4.30 PM. |
| 9 | Other details can be seen in the Bidding documents from the website : https://tendersorissa.gov.in. | | |

**OIPR. 34001/34155/1/26-27/0006**

**Sd/-**
**Superintending Engineer**
**Baleshwar (R&B) Division-II**

# ଉଦଳା ବିଜ୍ଞାପିତ ଅଂଚଳ ପରିଷଦ, ଉଦଳା

ଉଦଳା ପୌରାଂଚଳ ପରିଷଦର ଜନସାଧାରଣଙ୍କୁ ନିଖିଳ ଭାରତ ସ୍ୱାୟତ ଶାସନ ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ

- ରାସ୍ତା କଡ଼ରେ କିମ୍ବା ରାସ୍ତାରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ ।
- ନିଜ ଘରୁ ବାହାରୁଥିବା ଆଳିଆ ଆବର୍ଜନାକୁ ପୃଥକୀକରଣ (ଓଦା / ଶୁଖିଲା) କରି ପୌରପାଳିକାର ଆସୁଥିବା ଅଳିଆ ସଂଗ୍ରହ ଗାଡ଼ିକୁ ହସ୍ତାନ୍ତର କରନ୍ତୁ ।
- ଜଳ ନିଷ୍କାସନ ପାଇଁ ଉଦ୍ଦିଷ୍ଟ ନାଳରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ ।
- ନିୟମିତ ଧାର୍ଯ୍ୟ ଟିକସ ପ୍ରଦାନ କରି ପରିଷଦର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ ।
- ଘରେ ନିଜେ ତିଆରି କରିଥିବା ଶୌଚାଳୟ ଏବଂ ବିଜ୍ଞାପିତ ଅଂଚଳ ତରଫରୁ ନିର୍ମିତ ହୋଇଥିବା ଶୌଚାଳୟ ଓ ପରିସ୍ରାଭାର ବ୍ୟବହାର କରନ୍ତୁ ।
- କଠିନ ବର୍ଯ୍ୟବସ୍ତୁ ପାଇଁ ବ୍ୟବହାରିକ ଧାର୍ଯ୍ୟ ଟିକସ ସ୍ୱଚ୍ଛସାଥିମାନଙ୍କୁ ଠିକ୍ ସମୟରେ ପ୍ରଦାନ କରନ୍ତୁ ।
- ପଲିଥିନ ତଥା ଥର୍ମକୋଲ ବ୍ୟବହାର ନ କରି ପ୍ରଦୂଷଣ ମୁକ୍ତ ସହରାଂଚଳ ଗଠନରେ ସହାୟକ ହୁଅନ୍ତୁ ।
- ଗୃହ ନିର୍ମାଣ ପୂର୍ବରୁ ପୌରପାଳିକା ନକ୍ସା ଅନୁମୋଦନ କରାଇ ନିଅନ୍ତୁ ।
- ରାସ୍ତା ଉପରେ କିମ୍ବା ରାସ୍ତା କଡ଼ରେ ବାଲି, ଗୋଡ଼ି, ପଥର ତଥା ଭାରିଯାନ ରଖି ଯାତାୟତରେ ବ୍ୟାଘାତ ସୃଷ୍ଟି କରନ୍ତୁ ନାହିଁ ।
- ଆସନ୍ତୁ ସଭିଏ ମିଶି ଉଦଳା ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାରେ ସହଯୋଗ କରିବା ।

**ସ୍ୱା/**
**ପ୍ରିୟ ରଞ୍ଜନ ଜେନା**
**ନିର୍ବାହୀ ଅଧିକାରୀ**
**ଉଦଳା ବିଜ୍ଞାପିତ ଅଂଚଳ ପରିଷଦ**

**ସ୍ୱା/**
**ପ୍ରମିଳା ପଣ୍ଡା**
**ନଗରପାଳ**
**ଉଦଳା ବିଜ୍ଞାପିତ ଅଂଚଳ ପରିଷଦ**

No. 13001/1700/2627

# ବିଜ୍ଞାପିତ ଅଂଚଳ ପରିଷଦ, ଖଡ଼ିଆଳ

**ଅଖିଳ ଭାରତୀୟ ସ୍ୱାୟତ ଶାସନ ଦିବସ-୨୦୨୬ର ଶୁଭ ଅବସରରେ ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ।**

**ଖଡ଼ିଆଳ ବିଜ୍ଞାପିତ ଅଂଚଳ ପରିଷଦର ସମସ୍ତ ଜନାସାଧାରଣଙ୍କୁ ନିବେଦନ କରାଯାଉଅଛି ଯେ -**

୧) ଗୃହ ଓ ଦୋକାନରୁ ନିର୍ଗତ ଆବର୍ଜନା ଏବଂ ମଇଳା ଗୁଡ଼ିକୁ କେବଳ ଆବର୍ଜନା ସଂଗ୍ରହ କରୁଥବା ଗାଡ଼ିରେ ପୃଥକ ଭାବରେ ଦିଅନ୍ତୁ ।
୨) ଘର ଟିକସ ଠିକ୍ ସମୟରେ ପଇଠ କରନ୍ତୁ ।
୩) ପରିଷଦର ଅନୁମତି ନେଇ ନୂତନ ଗୃହ ନିର୍ମାଣ ଓ ପୁରାତନ ଗୃହର ନବୀକରଣ କରାନ୍ତୁ, ରାସ୍ତା ଉପରେ ଗୃହ ତିଆରି ସାମଗ୍ରୀ ରଖି ରାସ୍ତା ଅବରୋଧ କରନ୍ତୁ ନାହିଁ ଏବଂ ସେପ୍ଟିକ ଟାଙ୍କର ପାଣି ନାଳିରେ ଛାଡ଼ନ୍ତୁ ନାହିଁ ।
୪) ନିଜ ନିଜ ଗାଈ ଗୋରୁ ନିଜ ଦାୟୀତ୍ୱରେ ରଖନ୍ତୁ ରାସ୍ତାରେ ଛାଡ଼ନ୍ତୁ ନାହିଁ ।

**(ଉଜ୍ଜ୍ୱଳ ଗୁପ୍ତା)**
**ଅଧ୍ୟକ୍ଷ**
**ବିଜ୍ଞାପିତ ଅଂଚଳ ପରିଷଦ, ଖଡ଼ିଆଳ**

**(ଶକୁନ୍ତଳା ରାଉତ)**
**ଉପାଧ୍ୟକ୍ଷ**
**ସମସ୍ତ ସଭ୍ୟ / ସଭ୍ୟା**
**ବିଜ୍ଞାପିତ ଅଂଚଳ ପରିଷଦ, ଖଡ଼ିଆଳ**

**(ସ୍ୱାଧୀନକେତନ ମହାରଣା)**
**କାର୍ଯ୍ୟ ନିର୍ବାହୀ ଅଧିକାରୀ**
**ବିଜ୍ଞାପିତ ଅଂଚଳ ପରିଷଦ, ଖଡ଼ିଆଳ**

**OIPR. 13001/13136/1/26-27/0002**

# ଗଛରେ ଝୁଲୁଛି ଚାଷୀଙ୍କ ମୃତଦେହ

ଧାମନଗର(ନିପ୍ର): ପ୍ରକୃତିର କରାଳ ରୂପ ଏବଂ ବର୍ଦ୍ଧିତ ଋଣଭାର ବୋଝ ସହି ନପାରି ଶେଷରେ ଜୀବନ ହାରିଛନ୍ତି ଜଣେ ଦିଗହରା ଚାଷୀ । ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ଅଧୀନ ସାହସପୁର ପଂଚାୟତର ଲୁହସାହି ଗ୍ରାମରେ ଏପରି ଏକ ମର୍ମନ୍ତୁଦ ତଥା ହୃଦୟବିଦାରକ ଘଟଣା ଦେଖିବାକୁ ମିଳିଛି । ଜମିରେ ଧାନ ଚାଷ କରି ସର୍ବସ୍ୱ ହରାଇଥିବା ପ୍ରଭାକର ବେହୁରିଆ (୫୦) ନାମକ ଜଣେ ଚାଷୀ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ସୂଚନା ସୁଚନା ଥାଉକି ପ୍ରଭାକର ଚଳିତ ବର୍ଷ ଧାର କରଜ କରି ବ୍ୟାପକ ଆଶା ନେଇ ଧାନ ଚାଷ କରିଥିଲେ । ମାତ୍ର ଅତ୍ୟଧିକ ବନ୍ୟା ପାଣି ତାଙ୍କର ସମସ୍ତ ସ୍ୱପ୍ନକୁ ଧୋଇ ନେଇଥିଲା । ବନ୍ୟାରେ ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ପରେ ତାଙ୍କ ମୁଣ୍ଡରେ ଚଡ଼କ ପଡ଼ିଥିଲା । ଫସଲ ଗଲା ପରେ ଲକ୍ଷାଧିକ ଟଙ୍କାର ଋଣ କିପରି ପରିଶୋଧ କରିବେ ଏବଂ ପରିବାର କିପରି ଚଳିବ, ସେହି ଚିନ୍ତାରେ ସେ ଗଭୀର ମାନସିକ ଅବସାଦ ଗ୍ରସ୍ତ ହୋଇପଡ଼ିଥିଲେ । ଶେଷରେ ଏହି ଚାପକୁ ସହ୍ୟ କରିନପାରି ସେ ଏଭଳି ଚରମ ନିଷ୍ପତି ନେଇଥିବା ଅଂଚଳରେ ଚର୍ଚ୍ଚା ହେଉଛି ।ଘଟଣା ସମ୍ପର୍କରେ ଖବର ପାଇବା ପରେ ଧୂଷୁରୀ ପୋଲିସ ଘଟଣାସ୍ଥଳରେ ପହଂଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ପୋଲିସ ଶବକୁ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହିତ ଘଟଣାର ଅଧିକ ତଦନ୍ତ ଜାରି ରଖିଛି । ଜଣେ ଚାଷୀଙ୍କ ଏପରି ଅକାଳ ବିୟୋଗରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

# ସ୍ୱର୍ଗତ ପ୍ରଫେସର ଜୟନ୍ତ କୁମାର ଦାସ ଙ୍କ ୬ଷ୍ଠ ତମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା

ଜଳେଶ୍ୱର(ନିପ୍ର): ଜଳେଶ୍ୱର ମୁନସୀପାଲିଟି ଅନ୍ତର୍ଗତ ଦେଉଳୀ ପଟୁଂଘଂଟା ଗ୍ରାମ ରେ ଅବସ୍ଥିତ ଦିଗମ୍ବରୀ ଦେବୀ +୨ ସାଇନସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଜଳେଶ୍ୱର ସମ୍ମିଳନୀ କକ୍ଷରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ଅନୁଷ୍ଠାନ ପ୍ରତିଷ୍ଠାତା ଚେୟାରମେନ ଅଧ୍ୟକ୍ଷ ଶିକ୍ଷାବିତ ଡ ଅଜିତ କୁମାର ମହାନ୍ତିଙ୍କ ପୌରହିତ୍ୟ କରିଥିଲେ । ସ୍ୱର୍ଗତ ଦାସ ଜଳେଶ୍ୱର ଦୀନକୃଷ୍ଣ ମହାବିଦ୍ୟାଳୟର ଅବସର ପ୍ରାପ୍ତ ଅର୍ଥନୀତି ପ୍ରାଧାପକ, ଜଣେ ବିଶିଷ୍ଟ ଶିକ୍ଷାବିତ, ସମର୍ପିତ ଆଧ୍ୟାତ୍ମିକ ଚେତନାର ମଣିଷ, ପରୋପକାରୀ ପ୍ରବୀଣ ଅର୍ଥନୀତି ବିଷାରଦ, ପ୍ରଗଳ୍ଭ ପ୍ରବକ୍ତା, ଅହଂକାର ଶୂନ୍ୟ ମଣିଷ ତଥା ବିଚକ୍ଷଣ ବିଚାର ଧାରା ସମ୍ପନ୍ନ ତଥା ଅମଳିନ ପ୍ରତିଭା ବୋଲି ବକ୍ତା ମାନେ ମତ ପ୍ରକାଶ କରିଥିଲେ । ପ୍ରଫେସର ଦାସଙ୍କ ସୁପୁତ୍ର ସୁଦୂର ଆମେରିକାରେ ଚାକିରୀ କରୁଥିବା ଇଂଜିନିୟର ରାମକ୍ରୀଷ୍ଣ ଦାସ ପ୍ରକାଶ କରିଥିଲେ ବାପାଙ୍କ ନାମରେ ଏକ ଟ୍ରଷ୍ଟ ଗଠନ କରି ଦୀନକୃଷ୍ଣ କଲେଜରେ ଏକ ତୈଳଚିତ୍ର ଲଗାଯିବା ପାଇଁ ଅଧ୍ୟକ୍ଷଙ୍କୁ ଆବେଦନ କରାଯିବା ସହିତ ମହାବିଦ୍ୟାଳୟର ଟପ୍ପର ଛାତ୍ର, ଛାତ୍ରୀଙ୍କୁ ସମ୍ବର୍ଦ୍ଧନା କରାଯିବା ସହିତ ଜଳେଶ୍ୱର ବ୍ଲକର ଦୁଇ ଜଣ ଆଦର୍ଶ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ସମ୍ପର୍କରେ ମୋବାଇଲ ଭାରଚୁୟାଲ ମୋଡରେ ପ୍ରକାଶ କରିଥିଲେ ।

# ଗରିବ ମେଧାବୀ ଛାତ୍ରଛାତ୍ରୀ ଙ୍କୁ ସାହାଯ୍ୟର ହାତ ବଢ଼ାଇଲେ ଯୁବ ସମାଜସେବୀ ସଞ୍ଜୟ

ନୀଳଗିରି(ନିପ୍ର) : ଗରିବ ମେଧାବୀ ଛାତ୍ରଛାତ୍ରୀ ଙ୍କୁ ମାଗଣାରେ ରହିବା ଓ ରୋଷେଇ ସରଞ୍ଜାମ ଯୋଗାଇଲେ ନୀଳଗିରି ଅ*ଳର ହୋଟେଲ ବ୍ୟବସାୟୀ ତଥା ଯୁବ ସମାଜସେବୀ ସଞ୍ଜୟ କୁମାର ଭୋଳ । ସୂଚନା ଯୋଗ୍ୟ ବାଲେଶ୍ୱର ଜିଲ୍ଲା ଏବଂ ବିଶେଷକରି ନୀଳଗିରି ଅ*ଳର ଓପିଏସସି ପରୀକ୍ଷାଦେଇ ଆଇଏଏସ ଓ ଓଏଏସ ଭଳି ହେବାକୁ ସ୍ୱପ୍ନ ଦେଖୁଥିବା ୧୦ ଜଣ ଗରୀବ ମେଧାବୀ ପିଲାମାନଙ୍କୁ ଚଳିତ ବର୍ଷ ଭୁବନେଶ୍ୱରରେ ନିଃଶୁଳ୍କ ରହିବା ଓ ରୋଷାଇ ସରଞ୍ଜାମ ଯୋଗାଇ ଦେଇଛନ୍ତି ନୀଳଗିରି ବ୍ଲକ ସିଆଡ଼ିମାଳ ପ*ାୟତର ପୋଢ଼ଶୂଳ ନିକଟସ୍ଥ ଜୋକଲଣ୍ଡ ଗ୍ରାମର ହୋଟେଲ ବ୍ୟବସାୟୀ ତଥା ଯୁବ ସମାଜସେବୀ ସଞ୍ଜୟ ଭୋଳ । ଏନେଇ ସେ ଗଣମାଧ୍ୟମ ଙ୍କୁ ସୂଚନା ଦେବା ସହିତ ମୋବାଇଲ ନମ୍ବର ୯୮୫୩୭୮୨୫୪୪ରେ ଯୋଗାଯୋଗ ପାଇଁ ଅନୁରୋଧ ମଧ୍ୟ କରିଛନ୍ତି । ଏଥିରେ ପ୍ରାଥମିକତା ଭିତିରେ କେବଳ ୧୦ଜଣ ପିଲାଙ୍କୁ ଏହି ସୁଯୋଗ ପ୍ରଦାନ କରାଯିବବୋଲି ଶ୍ରୀଯୁକ୍ତ ଭୋଳ କହିଛନ୍ତି । ହଂସପାଳ (ପୁରୀ କେନାଲ ରୋଡ), ଶିବଶକ୍ତି ନଗର, ଲେନ୍ - ୧୨, ଭୁବନେଶ୍ୱର, ପିନ୍ – ୭୫୨୧୦୧ (ଓଡ଼ିଶା), ଏହି ଠିକଣାରେ ରହିବା ନେଇ ପ୍ରକାଶ କରିଛନ୍ତି ।

# ୪୦କେଜି ଗଞ୍ଜେଇ ଜବତ, ୨ଗିରଫ

ଧାମନଗର(ନିପ୍ର): ଧାମନଗର ଥାନା ଅଧୀନ ଏନ୍‌ଏଚ୍-୧୬ ଧାମନଗର ଛକ ନିକଟରୁ ୪୦ କେଜି ଗଞ୍ଜେଇ ଜବତ କରିଛି ଅବକାରୀ ବିଭାଗ । ଗଞ୍ଜେଇ ଚାଲାଣରେ ବ୍ୟବହୃତ ଏକ ସ୍ୱିଫ୍ଟ ଡିଜାୟାର କାର ମଧ୍ୟ ଜବତ ହୋଇଛି । ଏହି ଘଟଣାରେ ଦୁଇଜଣଙ୍କୁ ଗିରଫ କରି ଅବକାରୀ ବିଭାଗ ପକ୍ଷରୁ କୋର୍ଟ ଚାଲାଣ କରାଯାଇଛି । ଶନିବାର ଏକ କାରରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ବିଭାଗକୁ ବିଶେଷ ସୂତ୍ରରୁ ସୂଚନା ମିଳିଥିଲା । କାରଟି ବାରିକପୁର ଆଡୁ ଭଣ୍ଡାରୀପୋଖରୀ ଅଭିମୁଖେ ଯାଉଥିବା ଜାଣି ଅବକାରୀ ବିଭାଗର ଏକ ଟିମ୍ ତାହାକୁ ପିଛା କରିଥିଲା । ଅବକାରୀ ଟିମ୍ ପିଛା କରୁଥିବା ଜାଣି କାରଟି ଏନ୍‌ଏଚ୍‌ରୁ ତଳକୁ ଗଡ଼ାଇ ଦେଇଥିଲା । ପରେ ଧାମନଗର ଛକ ଓଭରବ୍ରିଜ୍ ତଳେ ଅବକାରୀ ବିଭାଗର କର୍ମଚାରୀମାନେ କାରଟିକୁ ଅଟକାଇ ଯାଂଚ କରିଥିଲେ । ଯାଂଚ ସମୟରେ କାର ଭିତରୁ ୪୦ କେଜି ଗଞ୍ଜେଇ ମିଳିଥିଲା । ଘଟଣାରେ ବବୁଲ ସେକ୍ ଓ ଅନୀଲ ସେନାପତିଙ୍କୁ ଗିରଫ କରାଯାଇଛି । ଅନୀଲ ସେନାପତିଙ୍କ ଘର ନୟାଗଡ଼ ଜିଲ୍ଲାରେ ହୋଇଥିବା ବେଳେ ବବୁଲ ସେକ୍ ପଶ୍ଚିମବଙ୍ଗର ବୋଲି ଧାମନଗର ଅବକାରୀ ଇନ୍ସପେକ୍ଟର ରାଜକିଶୋର ଜେନା ସୂଚନା ଦେଇଛନ୍ତି । ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି ।





# ପ୍ରଧାନମନ୍ତ୍ରୀଙ୍କ ଉଜବେକିସ୍ତାନ ଗସ୍ତ ଅବସରରେ ଆନୁଷ୍ଠାନିକ ଆଲୋଚନା



ନୂଆଦିଲ୍ଲୀ: ଉଜବେକିସ୍ତାନ ରାଷ୍ଟ୍ରୀୟ ଗସ୍ତର ଅଂଶସ୍ୱରୂପ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଉଜବେକିସ୍ତାନର ରାଷ୍ଟ୍ରପତି ମହାମହିମ ଶଭକାତ୍ ମିର୍ଜିୟୋୟେଭଙ୍କ ସହ ଆନୁଷ୍ଠାନିକ ଆଲୋଚନା କରିଛନ୍ତି। କୁକ୍ସାରୋୟ ରାଷ୍ଟ୍ରପତି ଭବନରେ ପହଂଚିବା ପରେ ପ୍ରଧାନମନ୍ତ୍ରୀଙ୍କୁ ରାଷ୍ଟ୍ରପତି ମିର୍ଜିୟୋୟେଭ ଭବ୍ୟ ସ୍ୱାଗତ ଜଣାଇବା ସହ ଏକ ପାରମ୍ପରିକ ରାଜକୀୟ ସ୍ୱାଗତ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଉଜବେକିସ୍ତାନର ୩୫ତମ ସ୍ୱାଧୀନତା ଦିବସ ପାଳନ ପାଇଁ ନିଜର ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି।ଦ୍ୱିପାକ୍ଷିକ ରଣନୈତିକ ସମ୍ପର୍କର ସମସ୍ତ ଦିଗ, ଯେପରିକି ବ୍ୟବସାୟ ଓ ନିବେଶ, ନବୋନ୍ମେଷ ଓ ଷ୍ଟାର୍ଟ-ଅପ୍, ଡିଜିଟାଲ୍ ପବ୍ଲିକ୍ ଇନଫ୍ରାଷ୍ଟ୍ରକ୍ଚର ଏବଂ ୟୁପିଆଇ, ପ୍ରତିରକ୍ଷା ଓ ସୁରକ୍ଷା, ସ୍ୱାସ୍ଥ୍ୟସେବା ଓ ଫାର୍ମାସ୍ୟୁଟିକାଲ୍ସ, ଗୁରୁତ୍ୱପୂର୍ଣ୍ଣ ଖଣିଜ, କୃଷି, ଶିକ୍ଷା, ପର୍ଯ୍ୟଟନ, ମହାକାଶ ଏବଂ ଜନସାଧାରଣଙ୍କ ମଧ୍ୟରେ ଆଦାନପ୍ରଦାନ ଆଦି ବିଷୟରେ ଉଭୟ ନେତା ପ୍ରତିନିଧିମଣ୍ଡଳ ସ୍ତରରେ ବ୍ୟାପକ ଏବଂ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି। ଉଜବେକିସ୍ତାନରୁ ଭାରତକୁ ୟୁରାନିୟମ୍ ଯୋଗାଣ ପାଇଁ ହୋଇଥିବା ଦୀର୍ଘକାଳୀନ ବ୍ୟବସ୍ଥାରେ ହୋଇଥିବା ଅଗ୍ରଗତିକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିବା ସହ ଗୁରୁତ୍ୱପୂର୍ଣ୍ଣ ଖଣିଜ କ୍ଷେତ୍ରରେ ସହଯୋଗ ବୃଦ୍ଧିର ଗୁରୁତ୍ୱକୁ ଦୋହରାଇଛନ୍ତି। ସମ୍ପର୍କର ଗଭୀରତା ଓ ମହତ୍ତ୍ୱକୁ ଦୃଷ୍ଟିରେ ରଖି ଉଭୟ ଦେଶ ଦ୍ୱିପାକ୍ଷିକ 'ରଣନୈତିକ ସହଭାଗିତା'କୁ 'ବ୍ୟାପକ ରଣନୈତିକ ସହଭାଗିତା' ସ୍ତରକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ୨୦୩୦ ସୁଦ୍ଧା ୫ ବିଲିୟନ୍ ଆମେରିକୀୟ ଡଲାରର ଦ୍ୱିପାକ୍ଷିକ ବାଣିଜ୍ୟ ଲକ୍ଷ୍ୟ ଧାର୍ଯ୍ୟ କରିବା ସହ ଅର୍ଥନୈତିକ ଓ ନିବେଶ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ପାଇଁ ଏକ ବ୍ୟବସାୟିକ ସମ୍ମିଳନୀ ଆୟୋଜନ କରିବାକୁ ଆହ୍ୱାନ ଦେଇଛନ୍ତି। ଏହି ବ୍ୟାପକ ରଣନୈତିକ ସହଭାଗିତାକୁ ଅର୍ଥପୂର୍ଣ୍ଣ ଭାବେ ଆଗକୁ ନେବା ପାଇଁ ଉଭୟ ନେତା ବୈଦେଶିକ ମନ୍ତ୍ରୀସ୍ତରୀୟ ବ୍ୟବସ୍ଥା ସ୍ଥାପନ କରିବା ଏବଂ ଅନ୍ତଃ-ସରକାରୀ ଆୟୋଗକୁ ମନ୍ତ୍ରୀ ସ୍ତରକୁ ବୃଦ୍ଧି କରିବାକୁ ସମ୍ମତି ପ୍ରକାଶ କରିଛନ୍ତି।ଉଭୟ ନେତା ଉଲ୍ଲେଖ କରିଥିଲେ ଯେ, ପ୍ରାଚୀନ ସଭ୍ୟତାଗତ ସମ୍ପର୍କ ଏବଂ ବର୍ତ୍ତମାନର ପାରସ୍ପରିକ ଜନ-ସମ୍ପର୍କ ଦୁଇ ଦେଶର ଭାଗୀଦାରିରେ ନିରନ୍ତର ନୂତନ ଜୀବନଶକ୍ତି ପ୍ରଦାନ କରୁଛି। ଏହି ପରିପ୍ରେକ୍ଷୀରେ ଉଜବେକିସ୍ତାନରେ ଯୋଗର ଲୋକପ୍ରିୟତାକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ। ଦିନର ପ୍ରାରମ୍ଭରେ ସେ ଉଜବେକିସ୍ତାନ ଯୋଗ ଫେଡେରେସନ୍ ଦ୍ୱାରା ଆୟୋଜିତ ଏକ ଯୋଗ ଅଧିବେଶନ ଦେଖିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଦେହାନ୍ତର ୬୦ତମ ବାର୍ଷିକୀ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଉଜବେକିସ୍ତାନ ଛାତ୍ରଛାତ୍ରୀଙ୍କ ପାଇଁ 'ଲାଲ ବାହାଦୁର ଶାସ୍ତ୍ରୀ ହିନ୍ଦୀ ଭାଷା ଛାତ୍ରବୃତ୍ତି' ଘୋଷଣା କରିଥିଲେ। ଉଜବେକିସ୍ତାନର 'ୟଶିଲ୍ ମାକନ୍' ସବୁଜ ଅଭିଯାନ ଏବଂ ଭାରତର 'ଏକ ପେଡ୍ ମା କେ ନାମ୍' ଅଭିଯାନ ମଧ୍ୟରେ ସମାନତାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ମୋଦୀ ଆରାଲ୍ ସାଗର ଅଂଚଳରେ ଚାଲିଥିବା ପରିବେଶ ପୁନରୁଦ୍ଧାର ପ୍ରୟାସରେ ଉଜବେକିସ୍ତାନ ସହ ଭାରତର ଭାଗୀଦାରି ଘୋଷଣା କରିଥିଲେ।

# ସ୍ୱାଧୀନତା ସଂଗ୍ରାମୀ ବନମାଳୀ ଦାଶଙ୍କ ୧୦୮ ତମ ଜନ୍ମ ଜୟନ୍ତୀ ପାଳିତ



ନୀଳଗିରି,(ନି.ପ୍ର.)ନୀଳଗିରି ଗଡ଼ଜାତ ଆନ୍ଦୋଳନ ର ମୁଖ୍ୟ ପୁରୋଧା ବନମାଳୀ ଦାସ ଙ୍କ ୧୦୮ତମ ଜୟନ୍ତୀ ନୀଳଗିରି ଏନଏସି କଲ୍ୟାଣ ମଣ୍ଡପ ପରିସର ରେ ପାଳିତ ହୋଇଯାଇଛି । ଉକ୍ତ ସଭା ରେ ବନମାଳୀ ଦାଶ ସ୍ମୃତି କମିଟି ର ଅଧ୍ୟକ୍ଷ ନୀଳଗିରି ର ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ସଭାପତିତ୍ୱ କରିଥିଲେ । ସ୍ମୃତି କମିଟି ର ଆବାହକ ବିଜୟ କୁମାର ପାତ୍ର ମଂଚ ଆହ୍ୱାନ କରିବା ସହିତ ବନମାଳୀ ଦାଶ ଙ୍କ ନୀଳଗିରି ପ୍ରତି ଅବଦାନ ସମ୍ପର୍କ ରେ ଆଲୋଚନା କରିଥିଲେ । ବନମାଳୀ ଦାଶ ଙ୍କ ପାଇଁ ଆମ୍ଭେ ଗର୍ବିତ । ଆସନ୍ତା ଜନ୍ମ ଜୟନ୍ତୀ ରେ ନୀଳଗିରି ରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ବୋଲି ଉକ୍ତ ସଭା ମଂଚ ରେ ଘୋଷଣା କରାଯାଇଛି ।ଭାରତର କମ୍ୟୁନିଷ୍ଟ ପାର୍ଟୀ ମାର୍କ୍ସବାଦୀ ର ରାଜ୍ଯ ସମ୍ପାଦକ ମଣ୍ଡଳୀ ସଭ୍ଯ ସନ୍ତୋଷ ଦାସ , ପ୍ରଜା ଆନ୍ଦୋଳନ ସହିତ ବର୍ତ୍ତମାନ ର ରାଜନୀତି ଉପରେ ଆଲୋଚନା କରିଥିଲେ ।ବର୍ତ୍ତମାନ କେନ୍ଦ୍ର ର ବିଜେପି ସରକାର କୃଷକ,ଶ୍ରମିକ,ଯୁବକ ମାନଙ୍କ ଉପରେ ଆକ୍ରମଣ କରୁଛି ।ଦରଦାମ୍ ଅହେତୁକ ଭାବେ ବୃଦ୍ଧି ପାଇଛି ।ରାଷ୍ଟ୍ରୀୟ ସମ୍ପତି ଗୁଡିକ କର୍ପୋରେଟ ହାତ କୁ ଟେକି ଦିଆଯାଇଅଛି । ଆଗାମୀ ଦିନରେ ଯଦି ଡବଲ ଇଞ୍ଜିନ ସରକାର କୁ ବଦଳ ନ କରାଯାଇ ଛି ଦେଶ ପରାଧୀନ ଆଡ଼କୁ ଯିବ ଏଥିରେ ସଂଦେହ ନାହିଁ ।ଏହା ବିରୁଦ୍ଧରେ ଦୃଢ ପ୍ରତିବାଦ ହେବାର ଆବଶ୍ୟକତା ରହିଛି ।ଉକ୍ତ ସଭା ରେ ଜିଲ୍ଲା କମିଟି ସମ୍ପାଦକ ଶିଶିର ହୁଇ,ରାଜ୍ଯ କମିଟି ସଭ୍ଯ ସିତାଂଶୁ ସେନାପତି,ନିର୍ମଳ ନାୟକ,ଜିଲ୍ଲା କମିଟି ସଭ୍ୟ ସତ୍ୟଜିତ ଦାସ,ବରିଷ୍ଠ ନେତା ଯୋଗନନ୍ଦ ଦାସ ଡବଲ ଇଞ୍ଜିନି ସରକାର ବିରୁଦ୍ଧରେ ଆଲୋଚନା କରିଥିଲେ । ଶେଷରେ ଆଂଚଳିକ କମିଟି ସମ୍ପାଦକ ଜ୍ୟୋତିର୍ମୟ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ବନମାଳୀ ଦାସ ଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀଳଗିରି ରକ୍ତ କେନ୍ଦ୍ର ରେ ଉପଖଣ୍ଡ ରକ୍ତଦାତା ସଂଘ ନୀଳଗିରି ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଉକ୍ତ ଶିବିର କୁ ଭାରତର କମ୍ୟୁନିଷ୍ଟ ପାର୍ଟି ମାର୍କ୍ସବାଦୀ ରାଜ୍ଯ ସମ୍ପାଦକ ମଣ୍ଡଳୀ ସଭ୍ଯ ସାଥୀ ସନ୍ତୋଷ ଦାସ ଉଦଘାଟନ କରିଥିଲେ । ଉକ୍ତ ଶିବିରରେ ବାର ୟୁନିଟ୍ ରକ୍ତ ସଂଗୃହୀତ ହୋଇ ଥିବା ଜଣାଯାଇଛି ।ଉକ୍ତ କାର୍ଯ୍ୟକ୍ରମ କୁ ସଫଳ କରିବା ପାଇଁ ଭାଗବାନ ମହାନ୍ତି,ରବି ରାଉତ,ଅମରେନ୍ଦ୍ର ନାୟକ,ମନୋରଞ୍ଜନ ପତ୍ର, ଲକ୍ଷ୍ମୀଧର ସାହୁ, ହାଡ଼ିବନ୍ଧୁ ସିଂ, ମୃତ୍ୟୁଞ୍ଜୟ ନାୟକ, ହେମେନ୍ଦ୍ର ସେଠୀ, କାଳିଆ ପାତ୍ର, ପ୍ରଦୀପ ମିଶ୍ର,ଷ୍ଟାଲିନ୍ ମିଶ୍ର, ଉମାକାନ୍ତ ଷଡଙ୍ଗୀ, ଗଜେନ୍ଦ୍ର ସିଂ,ଙ୍କ ସମେତ ବହୁ ସାଥୀ ସହଯୋଗ କରିଥିଲେ ।

# ସ୍ୱାୟତ ଶାସନ ଦିବସ: ସଶକ୍ତ ନଗର ଶାସନ, ସମୃଦ୍ଧ ଓଡ଼ିଶାର ସଂକଳ୍ପ

ସ୍ୱାୟତ ଶାସନ ଦିବସ ଆମ ଗଣତାନ୍ତ୍ରିକ ବ୍ୟବସ୍ଥାର ସେହି ମୌଳିକ ଆଦର୍ଶକୁ ପୁନର୍ଜୀବିତ କରିବାର ଏକ ମହାର୍ଘ୍ୟ ଅବସର, ଯେଉଁଠି ଶାସନ କ୍ଷମତାର କେନ୍ଦ୍ରବିନ୍ଦୁ ସଚିବାଳୟର ବନ୍ଦ କୋଠରୀରେ ନୁହେଁ, ବରଂ ଜନସାଧାରଣଙ୍କ ଦ୍ୱାରଦେଶରେ ଥାଏ। ଭାରତୀୟ ଗଣତନ୍ତ୍ରର ମୂଳଦୁଆ ସ୍ଥାନୀୟ ସ୍ୱାୟତ ଶାସନ ଉପରେ ପ୍ରତିଷ୍ଠିତ। ଏହି ଦିବସ ଆମକୁ ସ୍ମରଣ କରାଇଦିଏ ଯେ, ବିକାଶର ପ୍ରକୃତ ସଂଜ୍ଞା କେବଳ ଭୌତିକ ଭିତିଭୂମିର ନିର୍ମାଣ ନୁହେଁ, ବରଂ ନାଗରିକଙ୍କ ଆବଶ୍ୟକତା, ଅଭିଳାଷ ଓ ସହଭାଗିତାରେ ଏକ ଆତ୍ମନିର୍ଭରଶୀଳ ସମାଜ ଗଠନ କରିବା। ଆମର ସହର ଓ ନଗରଗୁଡ଼ିକ ହେଉଛି ତୃଣମୂଳ ଗଣତନ୍ତ୍ରର ସବୁଠାରୁ ଜୀବନ୍ତ ତଥା ସ୍ପନ୍ଦନଶୀଳ ଅଭିବ୍ୟକ୍ତି।

ଐତିହ୍ୟରୁ ଆଧୁନିକତା: ଓଡ଼ିଶାର ନଗର ଚେତନା

ଓଡ଼ିଶାର ନଗର ଶାସନ ଓ ସହରୀୟ ସଭ୍ୟତାର ଇତିହାସ ଅତ୍ୟନ୍ତ ପ୍ରାଚୀନ ତଥା ଗୌରବମୟ। କଳିଙ୍ଗର ପ୍ରାଚୀନ ବାଣିଜ୍ୟିକ ନଗରୀ, ଶିଶୁପାଳଗଡ଼ର ସୁଚିନ୍ତିତ ଦୁର୍ଗ ଓ ନଗର ନିର୍ମାଣ ଶୈଳୀ କିମ୍ବା ଶ୍ରୀକ୍ଷେତ୍ର ପୁରୀ ଭଳି ତୀର୍ଥ ନଗରୀର ସାମାଜିକ-ପୌର ବ୍ୟବସ୍ଥା ଆମର ଉନ୍ନତ ନଗର ପରିକଳ୍ପନାର ପ୍ରମାଣ ଦିଏ। ପାରମ୍ପରିକ ଗ୍ରାମ୍ୟ ପଂଚାୟତ ଓ ନଗର ଶାସନର ମୂଳ ଆଦର୍ଶ ଥିଲା ସାମୂହିକ ନିଷ୍ପତି ଓ ଜନକଲ୍ୟାଣ। ଆଜି ସ୍ୱାଧୀନ ଭାରତର ସମ୍ବିଧାନର ୭୪ତମ ସଂଶୋଧନ ମାଧ୍ୟମରେ ସହରାଂଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ସାମ୍ବିଧାନିକ ମାନ୍ୟତା ମିଳିଛି, ଯାହା ଏହି ଐତିହ୍ୟକୁ ଆଧୁନିକ ଗଣତାନ୍ତ୍ରିକ ଢାଂଚାରେ ଆହୁରି ସୁଦୃଢ଼ କରିଛି।

ଆଜି ଓଡ଼ିଶା ଏକ ଅଭୂତପୂର୍ବ ଦ୍ରୁତ ନଗରୀକରଣ ପର୍ଯ୍ୟାୟ ଦେଇ ଗତି କରୁଛି। ସହରଗୁଡ଼ିକ ଆଉ କେବଳ ଜନବସତି ହୋଇ ରହିନାହାନ୍ତି; ଏଗୁଡ଼ିକ ରାଜ୍ୟ ଅର୍ଥନୀତିର ପ୍ରମୁଖ ଚାଳିକାଶକ୍ତି, ନୂତନ ଉଦ୍ୟୋଗ ଓ କର୍ମନିଯୁକ୍ତିର ଉତ୍ସ ତଥା ଯୁବପିଢ଼ିଙ୍କ ଆଶା ଓ ଆକାଂକ୍ଷାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ଗ୍ରାମାଂଚଳରୁ ସହରମୁଖୀ ପ୍ରବାହ, ଶିଳ୍ପ, ବାଣିଜ୍ୟ, ଶିକ୍ଷା ଓ ସ୍ୱାସ୍ଥ୍ୟସେବାର କେନ୍ଦ୍ରୀକରଣ ଯୋଗୁଁ ନଗର ନିକାୟଗୁଡ଼ିକ ଉପରେ ଚାପ ବୃଦ୍ଧି ପାଇଛି। ତେଣୁ ଆମର ଆଜିର ଯୋଜନା କେବଳ ସାମ୍ପ୍ରତିକ ସମସ୍ୟାର ସମାଧାନ ପାଇଁ ସୀମିତ ରହିବା ଉଚିତ ନୁହେଁ; ଏହା ଆଗାମୀ ପିଢ଼ି ପାଇଁ ଏକ ଦୂରଦୃଷ୍ଟିସମ୍ପନ୍ନ 'ଭବିଷ୍ୟତ ନଗର ଓଡ଼ିଶା'ର ଦୃଢ଼ ମୂଳଦୁଆ ସ୍ଥାପନ କରିବା ଆବଶ୍ୟକ।

ସମାବେଶୀ ବିକାଶ: ଅନ୍ତ୍ୟୋଦୟରୁ ସର୍ବୋଦୟ

ଏକ ସହରର ପ୍ରକୃତ ବିକାଶ ବଡ଼ ବଡ଼ ଅଟ୍ଟାଳିକା କିମ୍ବା ଚିକ୍କଣ ରାସ୍ତାରେ ମପାଯାଇପାରିବ ନାହିଁ। ବିକାଶର ପ୍ରକୃତ ପରିମାପକ ହେଉଛି ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ଜୀବନଧାରଣର ମାନ। ଆମର ନଗର ଉନ୍ନୟନ ଦର୍ଶନ 'ଅନ୍ତ୍ୟୋଦୟ' ଉପରେ ଆଧାରିତ। ସହରର ଅର୍ଥନୀତିକୁ ଗତିଶୀଳ ରଖୁଥିବା ଶ୍ରମିକ, ଦିନମଜୁରିଆ, ଉଠାଦୋକାନୀ, ନିମ୍ନ ଆୟକାରୀ ବର୍ଗ, ମହିଳା, ବୃଦ୍ଧ, ଦିବ୍ୟାଙ୍ଗ ଏବଂ ତୃଣମୂଳ ସ୍ତରର ଲୋକମାନେ ଯେପରି ବିକାଶର ସୁଫଳ ପାଇବେ, ତାହା ସୁନିଶ୍ଚିତ କରିବା ଆମର ମୁଖ୍ୟ ଉଦ୍ଦେଶ୍ୟ। ବିକାଶ ସମସ୍ତଙ୍କ ପାଇଁ, ସୁଯୋଗ ସମସ୍ତଙ୍କ ପାଇଁ ଏବଂ ସମ୍ମାନଜନକ ଜୀବନ ସମସ୍ତଙ୍କ ପାଇଁ—ଏହା ହିଁ ଆମର ମୂଳମନ୍ତ୍ର।

ପୌର ସଂସ୍ଥାର ସଶକ୍ତୀକରଣ ଓ ଆର୍ଥିକ ସ୍ୱାବଲମ୍ବନ

ସ୍ୱାୟତ ଶାସନର ମୂଳ ଲକ୍ଷ୍ୟ ହେଉଛି ସ୍ଥାନୀୟ ସଂସ୍ଥାଗୁଡ଼ିକୁ ଆତ୍ମନିର୍ଭରଶୀଳ ଓ କାର୍ଯ୍ୟକ୍ଷମ କରିବା। ମହାନଗର ନିଗମ, ପୌରପାଳିକା ଏବଂ ଏନ୍?ଏସିଗୁଡ଼ିକ ହେଉଛନ୍ତି ସାଧାରଣ ନାଗରିକଙ୍କ ସହ ଶାସନ ବ୍ୟବସ୍ଥାର ପ୍ରଥମ ପ୍ରତ୍ୟକ୍ଷ ସମ୍ପର୍କ। ପାନୀୟ ଜଳ, ଆଲୋକ, ସ୍ୱଚ୍ଛତା, ରାସ୍ତା, ଡ୍ରେନେଜ୍, ଜନ୍ମ-ମୃତ୍ୟୁ ପ୍ରମାଣପତ୍ର ଆଦି ସେବା ପାଇଁ ଜଣେ ନାଗରିକ ପ୍ରଥମେ ନିଜ ପୌର ସଂସ୍ଥା ଉପରେ ହିଁ ନିର୍ଭର କରେ। ତେଣୁ ସ୍ଥାନୀୟ ସଂସ୍ଥା ଯେତିକି ଦକ୍ଷ, ସ୍ୱଚ୍ଛ ଓ ଉତରଦାୟୀ ହେବ, ପ୍ରଶାସନ ପ୍ରତି ଲୋକଙ୍କ ଆସ୍ଥା ସେତିକି ବୃଦ୍ଧି ପାଇବ।

ଏହି ପରିପ୍ରେକ୍ଷୀରେ ପୌର ସଂସ୍ଥାଗୁଡ଼ିକର ସାମର୍ଥ୍ୟ ବୃଦ୍ଧି ଓ ଆର୍ଥିକ ସ୍ୱୟଂସମ୍ପୂର୍ଣ୍ଣତା ଏକାନ୍ତ ଅପରିହାର୍ଯ୍ୟ। କେବଳ ସରକାରୀ ଅନୁଦାନ ଉପରେ ନିର୍ଭର ନକରି ନିଜସ୍ୱ ରାଜସ୍ୱ ସଂଗ୍ରହ ବୃଦ୍ଧି, ଟିକସ ବ୍ୟବସ୍ଥାର ସରଳୀକରଣ, ଆର୍ଥିକ ଶୃଙ୍ଖଳା ଏବଂ ଡିଜିଟାଲ୍ ରାଜସ୍ୱ ପରିଚାଳନା ମାଧ୍ୟମରେ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ସ୍ୱାବଲମ୍ବୀ କରିବାକୁ ପଡ଼ିବ। ଆର୍ଥିକ ସ୍ୱାଧୀନତା ହିଁ ସ୍ଥାନୀୟ ବିକାଶ ଯୋଜନାକୁ ତ୍ୱରାନ୍ୱିତ କରିପାରିବ।

ସୁନିୟୋଜିତ ନଗର ଯୋଜନା ଓ ଟିଅର-୨, ଟିଅର-୩ ସହରର ଉତ୍ଥାନ ଅନିୟନ୍ତ୍ରିତ ଓ ଅଣଯୋଜନାବଦ୍ଧ ସହରୀକରଣ ଭବିଷ୍ୟତରେ ଜଳବାୟୁ, ପରିବେଶ ଓ ଯାତାୟାତ ପାଇଁ ବିରାଟ ଆହ୍ୱାନ ସୃଷ୍ଟି କରେ। ତେଣୁ ଦୀର୍ଘମିଆଦୀ ମାଷ୍ଟରପ୍ଲାନ୍, ଜମିର ସୁବିନ୍ୟାସିତ ବ୍ୟବହାର, ଆବାସିକ ଓ ବାଣିଜ୍ୟିକ କ୍ଷେତ୍ରର ସନ୍ତୁଳନ ଏବଂ ପ୍ରାକୃତିକ ସବୁଜ ବଳୟର ସୁରକ୍ଷା ଆମ ନଗର ଯୋଜନାର ପ୍ରାଥମିକତା।

ଏହାସହ, କେବଳ କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର କିମ୍ବା ରାଉରକେଲା ଭଳି ବୃହତ୍ ସହରରେ ସୀମିତ ନରହି, ରାଜ୍ୟର ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ (Tier-2 & Tier-3) ସହରଗୁଡ଼ିକୁ ଭବିଷ୍ୟତର ପ୍ରମୁଖ ବିକାଶ କେନ୍ଦ୍ର ଭାବେ ଗଢ଼ିତୋଳିବା ଆମର ଲକ୍ଷ୍ୟ। ଏହାଦ୍ୱାରା ବଡ଼ ସହରଗୁଡ଼ିକ ଉପରୁ ଜନସଂଖ୍ୟାର ଚାପ ହ୍ରାସ ପାଇବା ସହ ସମଗ୍ର ରାଜ୍ୟରେ ଏକ ସନ୍ତୁଳିତ ଆଂଚଳିକ ଅଭିବୃଦ୍ଧି ସମ୍ଭବ ହୋଇପାରିବ।

ଆଧୁନିକ ଭିତିଭୂମି: ନଗର ଗତିଶୀଳତା ଓ ବୈଜ୍ଞାନିକ ଡ୍ରେନେଜ୍

ସହରର ବିକାଶର ଅର୍ଥ କେବଳ ଚାରିଲେନ୍ କିମ୍ବା ଛଅଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ ନୁହେଁ। ଆମର ନଗର ଗତିଶୀଳତା (ଟକ୍ସଭବଭ ଗକ୍ଟ-ଭସକ୍ଷସଷ୍ଟଚ) ଯୋଜନାର କେନ୍ଦ୍ରରେ ରହିଛନ୍ତି ମଣିଷ—ବିଶେଷକରି ପାଦଚାରୀ, ସାଇକେଲ ଆରୋହୀ, ମହିଳା, ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗ। ସୁଲଭ, ସୁରକ୍ଷିତ ଓ ପରିବେଶ-ଅନୁକୂଳ ଗଣପରିବହନ ବ୍ୟବସ୍ଥାର ପ୍ରସାର, ଫୁଟପାଥ୍ ନିର୍ମାଣ ଏବଂ ଇ-ଯାନ (ଋଠ) ଚଳାଚଳକୁ ପ୍ରୋତ୍ସାହିତ କରିବା ଆମର ଲକ୍ଷ୍ୟ।

ଅନ୍ୟପକ୍ଷରେ, ଜଳବାୟୁ ପରିବର୍ତ୍ତନ ଯୋଗୁଁ ସୃଷ୍ଟି ହେଉଥିବା ଅସମୟ ବର୍ଷା ଓ ସହରୀୟ ବନ୍ୟା (ଟକ୍ସଭବଭ ରକ୍ଷକ୍ଟକ୍ଟୟସଭଶ) ଆଜି ଏକ ଗମ୍ଭୀର ସମସ୍ୟା। କେବଳ ବର୍ଷାଋତୁ ଆସିଲେ ଜଳ ନିଷ୍କାସନର ଅସ୍ଥାୟୀ ବ୍ୟବସ୍ଥା ନକରି ଏହାର ସ୍ଥାୟୀ ସମାଧାନ ଜରୁରୀ। ସହରଗୁଡ଼ିକରେ ବୈଜ୍ଞାନିକ ଡ୍ରେନେଜ୍ ମାଷ୍ଟରପ୍ଲାନ୍ କାର୍ଯ୍ୟକାରୀ କରିବା, ପ୍ରାକୃତିକ ଜଳାଶୟ ଓ ନାଳଗୁଡ଼ିକୁ ଜବରଦଖଲମୁକ୍ତ କରି ସେଗୁଡ଼ିକର ପୁନରୁଦ୍ଧାର କରିବା ଏବଂ 'ସ୍ପଞ୍ଜ ସିଟି' (ଝକ୍ସକ୍ଟଭଶର ଉସଷ୍ଟଚ) ଅବଧାରଣା ମାଧ୍ୟମରେ ଭୂତଳ ଜଳସ୍ତର ବୃଦ୍ଧି ଲାଗି ଠୋସ୍ ପଦକ୍ଷେପ ଗ୍ରହଣ କରାଯାଉଛି।

ସମ୍ପୂର୍ଣ୍ଣ ସ୍ୱଚ୍ଛତା, ବର୍ଜ୍ୟ ପରିଚାଳନା ଓ ସର୍କୁଲାର ଅର୍ଥନୀତି

ସ୍ୱଚ୍ଛତା କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ଏହା ଆମ ସଂସ୍କୃତି ଓ ସାମାଜିକ ସ୍ୱାଭିମାନ। ସହରାଂଚଳରେ ଉତ୍ସସ୍ଥଳରୁ ବର୍ଜ୍ୟର ଶତପ୍ରତିଶତ ପୃଥକୀକରଣ (ଝରଶକ୍ସରଶବ-ଷ୍ପସକ୍ଟଭ ବଷ୍ପ ଝକ୍ଟଙ୍କକ୍ସମର), ସଂଗ୍ରହ, ପରିବହନ ଏବଂ ବୈଜ୍ଞାନିକ ପ୍ରକ୍ରିୟାକରଣ ଉପରେ ଆମେ ଗୁରୁତ୍ୱ ଦେଉଛୁ। 'ବର୍ଜ୍ୟରୁ ସମ୍ପଦ' (ଡବଷ୍ପଷ୍ପର ଷ୍ପକ୍ଟ ଡରବକ୍ଷଷ୍ପଷ) ନୀତି ଆଧାରରେ କଠିନ ବର୍ଜ୍ୟବସ୍ତୁରୁ ଖତ ଓ ଶକ୍ତି ଉତ୍ପାଦନ କରାଯାଉଛି।

ସେହିପରି ବ୍ୟବହୃତ ଜଳ ଓ ମଳମୂତ୍ର ଗାଦ (ରବର-ମବକ୍ଷ ଝକ୍ଷଙ୍କୟଶର) ର ସୁରକ୍ଷିତ ବିଶୋଧନ ଏବଂ ବିଶୋଧିତ ଜଳର ଶିଳ୍ପ ଓ ଉଦ୍ୟାନ କାର୍ଯ୍ୟରେ ପୁନଃବ୍ୟବହାର ମାଧ୍ୟମରେ ଏକ ନିରନ୍ତର 'ସର୍କୁଲାର ଇକୋନୋମି' (ଉସକ୍ସମଙ୍କକ୍ଷବକ୍ସ ରମକ୍ଟଭକ୍ଟଙ୍କଚ) ଗଠନ ଦିଗରେ ଓଡ଼ିଶା ଆଗେଇ ଚାଲିଛି। ଏହି ବିରାଟ ସ୍ୱଚ୍ଛତା ଯାତ୍ରାରେ ଅହରହ ସେବା ଯୋଗାଉଥିବା ଆମର 'ସଫେଇ ମିତ୍ର' ତଥା ସ୍ୱଚ୍ଛତା କର୍ମଚାରୀମାନଙ୍କ ସୁରକ୍ଷା, ମର୍ଯ୍ୟାଦା ଓ ସାମାଜିକ ନିରାପତା ସୁନିଶ୍ଚିତ କରିବା ଆମ ସରକାରଙ୍କ ପ୍ରମୁଖ ପ୍ରାଥମିକତା।

ନିରାପଦ ଆବାସ: ସମ୍ମାନର ସହ ବଂଚିବାର ଅଧିକାର

ପ୍ରତ୍ୟେକ ନାଗରିକଙ୍କ ପାଇଁ ମୁଣ୍ଡ ଗୁଞ୍ଜିବାକୁ ଏକ ନିରାପଦ ଛାତ ଏବଂ ମୌଳିକ ସୁବିଧା ଯୋଗାଇବା ଆମର ସାମାଜିକ ଦାୟିତ୍ୱ। ସହରାଂଚଳ ଗରିବ ଓ ନିମ୍ନ ମଧ୍ୟବିତ ପରିବାରଙ୍କ ପାଇଁ ସୁଲଭ ଆବାସ ଯୋଜନା, ବିଶୁଦ୍ଧ ପାନୀୟ ଜଳ, ପରିମଳ ସୁବିଧା, ବିଦ୍ୟୁତ ସଂଯୋଗ ଏବଂ ଉନ୍ନତ ପରିବେଶ ଯୋଗାଇଦେଇ ବସ୍ତିବାସିନ୍ଦାଙ୍କ ଜୀବନରେ ସମ୍ମାନ ଫେରାଇ ଆଣିବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସହରର ବିକାଶ ସେତେବେଳେ ସାର୍ଥକ ହେବ, ଯେତେବେଳେ କୌଣସି ନାଗରିକ ନିଜକୁ ଅବହେଳିତ ମନେ କରିବେ ନାହିଁ।

ଡିଜିଟାଲ୍ ଶାସନ ଓ ସମ୍ବେଦନଶୀଳ ପ୍ରଶାସନ

ଆଜିର ଡିଜିଟାଲ୍ ଯୁଗରେ ନଗର ପ୍ରଶାସନରେ ସୂଚନା ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଏକ ନୂଆ ବିପ୍ଳବ ଆଣିଛି। ଡାଟା ଆଧାରିତ ନିଷ୍ପତି, ସ୍ମାର୍ଟ ମନିଟରିଂ, ସିଙ୍ଗଲ୍ ୱିଣ୍ଡୋ ସିଷ୍ଟମ୍ ଏବଂ ଅନଲାଇନ୍ ନାଗରିକ ସେବା ମାଧ୍ୟମରେ ପ୍ରଶାସନକୁ ଦଲାଲମୁକ୍ତ, ସ୍ୱଚ୍ଛ ଓ ଲୋକାଭିମୁଖୀ କରାଯାଉଛି। ଅଭିଯୋଗ ନିରାକରଣ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରାଯାଇଛି। ତେବେ ପ୍ରଯୁକ୍ତି ଯେତେ ଆଧୁନିକ ହେଲେ ମଧ୍ୟ ମାନବୀୟ ସମ୍ବେଦନଶୀଳତା ହିଁ ସୁଶାସନର ପ୍ରକୃତ ପ୍ରାଣକେନ୍ଦ୍ର। ପ୍ରଶାସନ ସର୍ବଦା ନାଗରିକଙ୍କ ସୁଖଦୁଃଖ ସହିତ ଯୋଡ଼ି ହୋଇ ରହିବା ଆବଶ୍ୟକ।

ନାଗରିକ ଭାଗୀଦାରି: ବିକାଶର ଶ୍ରେଷ୍ଠ ମାର୍ଗ

ସ୍ୱାୟତ ଶାସନର ସଫଳତା କେବଳ ସରକାର କିମ୍ବା ପ୍ରଶାସନିକ ତନ୍ତ୍ର ଉପରେ ନିର୍ଭର କରେନାହିଁ; ଏହା ନାଗରିକଙ୍କ ସଚେତନତା ଓ ସକ୍ରିୟ ଅଂଶଗ୍ରହଣ ଉପରେ ପର୍ଯ୍ୟବସିତ। ନିର୍ବାଚିତ ଜନପ୍ରତିନିଧି, ପୌର କର୍ମଚାରୀ, ବୁଦ୍ଧିଜୀବୀ, ନାଗରିକ ସମାଜ ଏବଂ ସାଧାରଣ ଜନତା—ସମସ୍ତଙ୍କ ସହଯୋଗରେ ହିଁ ଏକ ସହର ସୁନ୍ଦର ଓ ବାସୋପଯୋଗୀ ହୋଇପାରେ। ଯେତେବେଳେ ପ୍ରତ୍ୟେକ ନାଗରିକ ନିଜ ସହରକୁ ନିଜର ପରିବାର ମନେକରି ପରିଷ୍କାର ରଖିବେ ଓ ନିୟମ ପାଳନ କରିବେ, ସେତେବେଳେ ଆମର ପ୍ରୟାସ ପୂର୍ଣ୍ଣାଙ୍ଗ ହେବ।

ଉପସଂହାର: ନୂତନ ଓଡ଼ିଶାର ସଂକଳ୍ପ

ଆଜିର ଓଡ଼ିଶା ଏକ ନୂତନ ଆତ୍ମବିଶ୍ୱାସର ସହ ଉନ୍ନତିର ପଥରେ ଅଗ୍ରସର। ଆମ ସହରଗୁଡ଼ିକ ଯେତିକି ଶକ୍ତିଶାଳୀ, ସୁସଂଗଠିତ, ସ୍ୱଚ୍ଛ, ସବୁଜ ଏବଂ ସମାବେଶୀ ହେବେ, ଏକ ସମୃଦ୍ଧ 'ବିକଶିତ ଓଡ଼ିଶା' ଗଠନର ସ୍ୱପ୍ନ ସେତିକି ଶୀଘ୍ର ସାକାର ହୋଇପାରିବ। ସ୍ୱାୟତ ଶାସନ ଦିବସ ଆମକୁ ପ୍ରେରଣା ଦିଏ ଯେ ସହର କେବଳ ସରକାର ଗଢ଼ନ୍ତି ନାହିଁ, ବରଂ ସରକାର ଓ ନାଗରିକ ମିଳିତ ଭାବେ ଏହାର ଭବିଷ୍ୟତ ଲେଖନ୍ତି। ଆସନ୍ତୁ, ଏହି ପବିତ୍ର ସ୍ୱାୟତ ଶାସନ ଦିବସରେ ଆମେ ସମସ୍ତେ ମିଳିତ ସଂକଳ୍ପ ନେବା—ସଶକ୍ତ ସ୍ଥାନୀୟ ଶାସନ, ସ୍ୱଚ୍ଛ ପ୍ରଶାସନ, ସକ୍ରିୟ ନାଗରିକ ଭାଗୀଦାରି ଏବଂ ଦୂରଦୃଷ୍ଟିସମ୍ପନ୍ନ ଯୋଜନା ମାଧ୍ୟମରେ ଆମ ସହରଗୁଡ଼ିକୁ ବିକାଶ, ଶାନ୍ତି ଓ ସମୃଦ୍ଧିର ଆଦର୍ଶ କେନ୍ଦ୍ରରେ ପରିଣତ କରିବା।

ଏହି ଶୁଭ ଅବସରରେ ଓଡ଼ିଶାର ସମସ୍ତ ନଗରବାସୀ, ନିର୍ବାଚିତ ପ୍ରତିନିଧି, ପୌର କର୍ମଚାରୀ ଓ ନଗର ଉନ୍ନୟନ ସହ ଜଡ଼ିତ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି।



ଡଃ କୃଷ୍ଣଚନ୍ଦ୍ର ମହାପାତ୍ର
ମାନ୍ୟବର ମନ୍ତ୍ରୀ
ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ବିଭାଗ,ଓଡ଼ିଶା ସରକାର

# ମୋବାଇଲ ପାଇଁ ଜୀବନ ହାରିଲେ ନାବାଳିକା

ନୀଳଗିରି(ନି.ପ୍ର.), ନୀଳଗିରି ଥାନା ଅନ୍ତର୍ଗତ ବରିସାହି ଗ୍ରାମର ଅଜିତି ବିଶ୍ୱାଳ ଙ୍କ ନାବାଳିକା କନ୍ୟା ହରପ୍ରିୟା(୧୪)ରାତି୧୧ଟା ପର୍ଯ୍ୟନ୍ତ ନିଜ ଶୋଇବା ଘରେ ମୋବାଇଲ ଦେଖୁଥିଲେ ।ବାପା ଅଜିତି ଏହା ଦେଖି ନ ସୋଇ କାହିଁକି ମୋବାଇଲ ଦେଖୁଛୁ କହି ମୋବାଇଲ ଟି ଛଡାଇ ଆଣିବାରୁ ଏଥି ନାବାଳିକା କନ୍ୟା ହରପ୍ରିୟା ରାଗି ଯାଇ ନିଜ ଓଢଣିରେଶୋଇବା ଘରେ ଫାଶୀ ଦେଇଥିଲେ ।କନ୍ୟା ର ଗର୍ଜନ ଶୁଣି ପରିବାର ଲୋକେ କବାଟ ଭାଙ୍ଗି ଝିଅ କୁ ଉଦ୍ଧାର କରି ନୀଳଗିରି ହସ୍ପିଟାଲ ନେଇଥିଲେ ।ସେଠାରେ ଡାକ୍ତର ମୃତ ବୋଲି ଘୋଷଣା କଲା ପରେ ଉପସ୍ଥିତ ଲୋକ ଓ ପରିବାର ଲୋକ ଙ୍କ ଭିତରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ।ଅପରପକ୍ଷରେ ଶବ୍ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଡାକ୍ତର ହସ୍ତାନ୍ତର କରିଛନ୍ତି ।ପୋଲିସ ଏ ନେଇ ଏକ ଅପ ମୃତ୍ୟୁ ମାମଲା ରୁଜୁ କରିବା ସହିତ ତଦନ୍ତ ଚଳାଇଛି ।


## ପୌରପରିଷଦ ବାଲେଶ୍ୱର
## ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ପାଳନ-୨୦୨୬

ବାଲେଶ୍ୱର ପୌରପାଳିକା ୧୫୦ ବର୍ଷର ଜନସେବା, ଗୌରବମୟ ଇତିହାସ ଓ ପୌର ବିକାଶର ଯାତ୍ରାକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ୧୫୦ତମ ସ୍ୱାୟତ ଶାସନ ଦିବସ ୨୦୨୬ ଅବସରରେ ବାଲେଶ୍ୱର ପୌରପାଳିକା ସମସ୍ତ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଅଛି ଏବଂ ସହରର ସର୍ବାଙ୍ଗୀନ ବିକାଶ ପାଇଁ ଆପଣଙ୍କ ସହଯୋଗ ଆଶା କରୁଅଛି ।

ନିବେଦନ:-

୦୧। ପୌର ସମ୍ପତି ଆପଣମାନଙ୍କର,ଏହାର ରକ୍ଷଣାବେକ୍ଷଣ ଆପଣଙ୍କର ଦାୟିତ୍ୱ ।

୦୨। ସହରର ରାସ୍ତା ବା ଡ୍ରେନ ଅବରୋଧ କରନ୍ତୁ ନାହିଁ ଏବଂ ଏଥିରେ ଅଳିଆ ପକାଇ ପରିବେଶ ଦୂଷିତ କରନ୍ତୁ ନାହିଁ ।

୦୩। ସର୍ବ ସାଧାରଣ ସ୍ଥାନରେ ଏବଂ ରାସ୍ତାରେ ଗୃହପାଳିତ ପଶୁମାନଙ୍କୁ ଛାଡ଼ି ଜନସାଧାରଣଙ୍କ ଯାତାୟତରେ ଏବଂ ଯାନବାହାନ ଚଳାଚଳରେ ବ୍ୟାଘାତ ସୃଷ୍ଟି କରନ୍ତୁ ନାହିଁ ।

୦୪। ନୂତନ ଗୃହ ନିର୍ମାଣ ପୂର୍ବରୁ ପୌରପାଳିକାରୁ ନକ୍ସା ଅନୁମୋଦନ କରାଇ ନିଅନ୍ତୁ ।

୦୫। ଜଳ ନିଷ୍କାସନ ଡ୍ରେନରେ କରନ୍ତୁ ଓ ରାସ୍ତାକୁ ସଫା ରଖନ୍ତୁ ।

୦୬। ଗୃହର ବର୍ଜ୍ୟବସ୍ତୁକୁ ପୃଥକ ଭାବେ ରଖି ପୌରପାଳିକାରେ BOV ଗାଡ଼ିକୁ ପ୍ରଦାନ କରନ୍ତୁ ।

୦୭। ନିୟମିତ ଘର ଟିକସ ଦୋକାନ ଲାଇସେନ୍ସ ଟିକସ, ପୌରପାଳିକା ଦୋକାନ ଗୃହ ଭଡ଼ା ପଇଠ କରି ପୌରପାଳିକା ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ ।

୦୮। ନିଜ ବାସଗୃହ ଏବଂ ବ୍ୟବସାୟ ପ୍ରତିଷ୍ଠାନରୁ ନିର୍ଗତ ବର୍ଜ୍ୟବସ୍ତୁର ସଫଳ ପରିଚାଳନା କରିବାରେ ସହାୟକ ହୁଅନ୍ତୁ ଏବଂ ଏକ ସ୍ୱଚ୍ଛ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରନ୍ତୁ ।

୦୯। ଯଥା ସମୟରେ ଜନ୍ମ, ମୃତ୍ୟୁ ଏବଂ ହିନ୍ଦୁ ବିବାହର ପଞ୍ଜୀକରଣ କରନ୍ତୁ ।

୧୦। ଜନସାଧାରଣଙ୍କ ପାଇଖାନା ଟାଙ୍କି ପ୍ରତି ୩ବର୍ଷରେ ପୌରପାଳିକାର ସେସପୁଲ ଗାଡ଼ି ଦ୍ୱାରା ନିୟମ ଅନୁଯାୟୀ ସଫେଇ କରନ୍ତୁ ।

୧୧। ବାଲେଶ୍ୱର ସହରକୁ ସ୍ୱଚ୍ଛ, ନିର୍ମଳ, ସ୍ୱାସ୍ଥ୍ୟକର ସୁନ୍ଦର ଓ ସୁରକ୍ଷିତ କରି ଗଢ଼ି ତୋଳିବା ପାଇଁ ପୌରପାଳିକାକୁ ସହଯୋଗ କରନ୍ତୁ ।



ଶ୍ରୀଯୁକ୍ତ ଶିରିୟାଲ୍ ଶୁଭ୍ର ପଟେଲ,
ଓ.ପ୍ର.ସେ
କାର୍ଯ୍ୟ ନିର୍ବାହୀ ଅଧିକାରୀ
ବାଲେଶ୍ୱର ପୌରପାଳିକା



ଶ୍ରୀଯୁକ୍ତ କୈଳାଶ ଚନ୍ଦ୍ର ସେଠୀ
(ଉପାଧ୍ୟକ୍ଷ)
ଓ ସମସ୍ତ ପାରିଷଦ ବୃନ୍ଦ
ବାଲେଶ୍ୱର ପୌରପାଳିକା



ଶ୍ରୀମତୀ ସବିତା ସାହୁ
(ପୌରାଧ୍ୟକ୍ଷା)
ବାଲେଶ୍ୱର ପୌରପାଳିକା

ଟ୍ୱିଟର ଆଇଡି | ଫେସ୍‌ବୁକ୍ ଆଇଡି | ଇନଷ୍ଟାଗ୍ରାମ ଆଇଡି
balasoremunici1 balasoremunicipality@rediffmail.com balasoremunicipality

